# ଧରିତ୍ରୀ DHARITRI

52 Years

ଭୁବନେଶ୍ୱର, ସୋମବାର, ଡିସେମ୍ବର ୧/୨୦୨୫ (୧୬ ପୃଷ୍ଠା) | Bhubaneswar, Monday, December 1/2025 | Page 16 | ₹ 7.00 | BERHAMPUR

୫୨ଶ ଭାଗ ୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 8 | ମୂଲ୍ୟ ₹୭/-


# ବିରୋଧୀଙ୍କ ଟାର୍ଗେଟ୍‌ରେ ଏସ୍‌ଆଇଆର୍

**ଆଜିଠୁ ପାର୍ଲାମେଣ୍ଟରେ ଶୀତ ଅଧିବେଶନ**

**ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବ। ଏଥିପାଇଁ ରବିବାର ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ସରକାରଙ୍କ ପକ୍ଷରୁ ବିରୋଧୀ ଦଳଗୁଡ଼ିକୁ ମନାଇବାକୁ ଚେଷ୍ଟା କରାଯାଇଛି। ନିୟମ ଅନୁସାରେ ଯେକୌଣସି ପ୍ରସଙ୍ଗ ଉପରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ ଅଛନ୍ତି ବୋଲି ଶାସକ ଦଳ ପକ୍ଷରୁ କୁହାଯାଇଛି। ବିରୋଧୀ କିନ୍ତୁ ସ୍ୱତନ୍ତ୍ର ସଘନ ସଂଶୋଧନ(ଏସ୍‌ଆଇଆର୍)କୁ ନେଇ ଆଲୋଚନା ଦାବି କରିଛନ୍ତି। ଏହା କରା ନ ଗଲେ ଜୋରଦାର ବିରୋଧ କରାଯିବ ବୋଲି କଂଗ୍ରେସ, ତୃଣମୂଳ କଂଗ୍ରେସ, ଡିଏମ୍‌କେ, ଏସ୍‌ପି, ସିପିଏମ୍ ପ୍ରମୁଖ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ଚେତାବନୀ ଦିଆଯାଇଛି। ଏଥିସହିତ ଜାତୀୟ ସୁରକ୍ଷା, ଶ୍ରମ ଆଇନ, ରାଜ୍ୟପାଳଙ୍କ ଭୂମିକା ଉପରେ ମଧ୍ୟ ବିତର୍କ କରିବାକୁ ବିରୋଧୀ ଚାହିଁଛନ୍ତି। ଏଭଳି ପ୍ରସଙ୍ଗକୁ ନେଇ ଶାସକ ଦଳକୁ ଟାର୍ଗେଟ୍ କରିବା ପାଇଁ ବିରୋଧୀ ସଜବାଜ ହେଉଥିବାବେଳେ ଡିସେମ୍ବର ୧୯ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଶୀତ ଅଧିବେଶନ ବେଶ୍ ସରଗରମ ରହିବ ବୋଲି ଅନୁମାନ କରାଯାଉଛି।**


ନୂଆଦିଲ୍ଲୀ,୩୦।୧୧(ପି.ଟି.)

ପାର୍ଲାମେଣ୍ଟର ଶୀତ ଅଧିବେଶନ ସୋମବାରଠାରୁ ଆରମ୍ଭ ହେବାକୁ ଯାଉଥିବାବେଳେ ଏହାର ଦିନକ ପୂର୍ବରୁ କେନ୍ଦ୍ର ସରକାର ସର୍ବଦଳୀୟ ବୈଠକ ଡାକିଥିଲେ। ଭୋଟର ତାଲିକାର ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଦାବି କରିଛନ୍ତି। ସର୍ବଦଳୀୟ ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ୍ ରିଜିଜୁ କହିଥିଲେ, ଗୃହକାର୍ଯ୍ୟ ସୁରୁଖୁରୁରେ ଚଳାଇବା ପାଇଁ ସୁଯୋଗ ମିଳିବା ଆବଶ୍ୟକ। ଏଥିପାଇଁ ସେ ସବୁ ଦଳର ସହଯୋଗ ଲୋଡ଼ିଥିଲେ। କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଶୀତ ଅଧିବେଶନ କାର୍ଯ୍ୟସୂଚୀ ସମ୍ପର୍କରେ ସର୍ବଦଳୀୟ ବୈଠକରେ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ୮.୨ ଜିଡିପି







DSPL-383



Shri Narendra Modi
Prime Minister

GOVERNMENT OF ODISHA
MSME DEPARTMENT



Shri Mohan Charan Majhi
Chief Minister, Odisha

# Odisha Procurement Preference Policy for Micro and Small Manufacturing Enterprises, 2023

## (Promoting Growth of Micro and Small Manufacturing Enterprises of Odisha)

## Who gets benefitted

- Odisha Small (Including Micro) Manufacturing Enterprises (OSMEs), having a valid **Udyam Registration Number**, located in Odisha, (including manufacturing start-up companies registered under Start-up Odisha) whose Investment in Plant & Machinery is up to **₹10 Crore** and Annual Turnover is up to **₹50 Crore.**

## How

- Under this policy, State Government authorities/ organisations are mandated to give preference to OSMEs while making government procurements.

## Benefits to OSMEs

(A)
- Items enlisted under **Exclusive List** shall be procured from OSMEs only, through Intra-State Tender limited to participation of OSMEs only.
- **Intra-State Tender (Relaxations for OSMEs)**
- Exemption from Tender Paper Cost and EMD
- No Annual Turnover and prior experience required
- Performance security≤2.5% of contract value or procurement value

(B)
- Items which are not enlisted under Exclusive list shall be procured through open tender.
- **Open Tender (Relaxations for OSMEs)**
- Exemption from Tender Paper Cost and EMD
- 90% relaxation in Annual Turnover criteria
- Performance security @25% of non-OSMEs
- **Price Preference:** OSME bidding within (L1bid + 10%) range will supply 25% procurement quantity at its bid rate
- **Purchase Preference:** OSME bidding above (L1bid + 10%) range will supply 15% procurement quantity at L1 bid rate

## Exclusive List items

(To be procured only from OSMEs through Intra-State Tender)

1. **Agricultural Implements and Allied Products:** Animal Driven Implements/ Pedal Thresher/ Power Thresher with 1 HP Motor/ Power Thresher cum Winnower with 1 HP Motor & Starter/ Hand Winnower/ Groundnut decorticator/ Mandwa Weeder/ Cono Weeder/ Seed Treatment Drum/ Finger Weeder/ Marker-8 Row/ IADP Puddler/Parboiling Unit/ Trailers for Tractors/ Deep Well Hand Pump
2. **Plastic Items:** Water Storage Tank/PVC Pipes all types
3. **Precast Materials:** All types of Precast items like Paver Tile/ Paver Block/ PSC Pole
4. **Road Safety Equipments:** Safety Signage with Reflecting & Non Reflecting Sheets/ Road Barriers/ Gloves/ Safety Jackets of all types/ Multi Coloured Printed Tin Sheet
5. **Water Supply and Sanitation Items:** Cesspool Tank without driving mechanism/ Water Tank (Truck and Tractor mounted) without driving mechanism/ Disinfectant Fluids such as Phenyl/ Dustbins of all type (made up of any material)/ Trolley/ Garbage Trolley/ Wheel Barrow/Bleaching Powder/ Alumina Ferric
6. **Metal Items:** Fencing products made of wire (all types)/G.I Barbed Wire/Wire Mess
7. General furniture and commonly used articles (made up of wood, iron, steel, plastic or of any other material) used in schools (including hostels), colleges (including hostels), universities (including hostels), Anganwadi Centres, Residential facilities for students (like Anwesha hostel of ST & SC Department), stand-alone residential facilities or hostels, coaching centres/ facilities, etc. such as table, computer table, chair, bench, desk/ dual desk, stool, bed/cot (including double/ triple-decker bed/ cot), coir or rubberized coir mattresses, cup-board/ almirah/ book shelf/ shelf, cloth rack, trunk, bucket, utensils, drums/ bins/ containers for grain storage, etc. (This list is illustrative not exhaustive.)
8. **Non-motorised Park Items and Non-motorised GYM (including Open GYM) Equipments.**

**State Government Departments/ Directorates/ Organisations/ Offices may contact respective GM (DIC) for any query vis-à-vis this policy. Aggrieved OSMEs may also contact respective GM (DIC) or Director (EP & M, Odisha) for redressal of their grievances.**

For details, visit MSME Department website **(https://msme.odisha.gov.in)** or contact District Industries Centre.

OIPR-43001/13/0017/2526

# ଚାଉଳ ଉଠିନି, ଧାନ କଥା ପଚାରେ କିଏ

- ମିଲର୍ସଙ୍କ ଦାବି ଶୁଣୁନାହାନ୍ତି ସରକାର: ସଂଘ
- ଗତବର୍ଷର ୬ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ପଡ଼ିରହିଛି
- ଅଭାବୀ ବିକ୍ରି ଆଶଙ୍କାରେ ଚାଷୀ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)


ଚାଷୀଙ୍କ ଆର୍ଥିକ ମାନଦଣ୍ଡ ବୃଦ୍ଧି କରିବା ଲାଗି କେନ୍ଦ୍ରଠାରୁ ଆରମ୍ଭ କରି ରାଜ୍ୟ ସରକାରଙ୍କ ପର୍ଯ୍ୟନ୍ତ ବହୁବିଧ ଯୋଜନା କାର୍ଯ୍ୟକାରୀ ହେଉଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ପିଏମ୍‌କିଷାନ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କାର ଇନ୍‌ପୁଟ ସବ୍‌ସିଡି ପ୍ରଦାନ କରାଯାଉଛି। ଏହାକୁ ନେଇ ଚାଷୀମାନେ ପ୍ରୋତ୍ସାହିତ ହୋଇ ଅଧିକ ଧାନ ଅମଳ କରିବାକୁ ସକ୍ଷମ ହୋଇଛନ୍ତି। ହେଲେ ସେମାନଙ୍କ ଧାନ ଠିକଣା ସମୟରେ କିଣିବା ବେଳକୁ ସବୁ ବ୍ୟବସ୍ଥା ଯେପରି ଓଲଟପାଲଟ ହୋଇଗଲା ଭଳି ପରିଲକ୍ଷିତ ହେଉଛି। ଚଳିତବର୍ଷ ରାଜ୍ୟ ସରକାର ଏପର୍ଯ୍ୟନ୍ତ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ସକ୍ଷମ ହୋଇପାରି ନାହାନ୍ତି। ଏଥିଯୋଗୁ ଚାଷୀମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି ବୋଲି ବିରୋଧୀଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ଗୃହ ଭିତରେ ଓ ବାହାରେ ଚିତ୍କାର କରି କହୁଛନ୍ତି। ଅନ୍ୟପକ୍ଷରେ ପ୍ରତିବର୍ଷ ନଭେମ୍ବର ପହିଲାରେ ରାଜ୍ୟ ସରକାର ଖରିଫ ଧାନ ସଂଗ୍ରହ କରିଥାନ୍ତି। ମାତ୍ର ଏବର୍ଷ ମିଲର୍ସମାନଙ୍କ ବକେୟା ଚାଉଳ ସରକାର ଉଠାଇ ନ ଥିବା ଏବଂ ସେମାନଙ୍କ ଦାବି ପୂରଣ କରି ନ ଥିବାରୁ ସେମାନେ ଏବେ ମଣ୍ଡିକୁ ଆସୁ ନ ଥିବା ଜଣାପଡ଼ିଛି।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୨୪-୨୫ ବର୍ଷରେ ମିଲର୍ସମାନେ କେବଳ ଖରିଫରେ ୭୩ଲକ୍ଷ ୪୫ହଜାର ୭୦୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିଥିଲେ। ଏଥିମଧ୍ୟରେ ସର୍ବାଧିକ ବରଗଡ଼ ଜିଲା ୭ଲକ୍ଷ ୯୩ହଜାର ୭୬୩ ମେଟ୍ରିକ୍ ଟନ୍ ଧାନ ଦେଇଥିବାବେଳେ କନ୍ଧମାଳ ସର୍ବନିମ୍ନ ୭ହଜାର ୪୫୨ ମେଟ୍ରିକ୍ ଟନ୍ ଧାନ ଦେଇଥିଲା। ଏବାବଦକୁ ମିଲର୍ସମାନେ ୪୯ଲକ୍ଷ ୭୮ହଜାର ୧୬୫ ମେଟ୍ରିକ୍ ଟନ୍ ଚାଉଳ ଦେବା କଥା। ନଭେମ୍ବର ୨୦ ତାରିଖ ସୁଦ୍ଧା ରାଜ୍ୟ ସରକାର ୨୪ଲକ୍ଷ ୩୮ହଜାର ୨୮୧ ମେଟ୍ରିକ୍ ଟନ ଚାଉଳ ଆର୍‌ଆର୍‌ସି ଜରିଆରେ ଦେଇଥିବାବେଳେ ଏଫ୍‌ସିଆଇ ୧୯ଲକ୍ଷ ୩୬ହଜାର ୯୧ ମେଟ୍ରିକ୍ ଟନ୍ ଚାଉଳ ନେଇଛି। ୧୩ହଜାର ୪୮୪ ମେଟ୍ରିକ୍ ଟନ୍ ପୁଷ୍ଟିଯୁକ୍ତ ଚାଉଳ ସରକାରଙ୍କୁ ପ୍ରଦାନ କରାଯାଇଛି। ଅବଶିଷ୍ଟ ୬.୭୦ ଲକ୍ଷରୁ ଊର୍ଦ୍ଧ୍ୱ ମେଟ୍ରିକ୍ ଟନ୍ ଚାଉଳ ମିଲର୍ସଙ୍କ ଖଳାରେ ଗଡୁଛି। ତେଣୁ ☞ପୃଷ୍ଠା-୪

# ୨.୧ଲକ୍ଷ ଭୂମିହୀନଙ୍କୁ ତୁରନ୍ତ ଜମି, ଆବାସ ଦିଅ

ଭୁବନେଶ୍ୱର,୩୦।୧୧(ରବିନାରାୟଣ ଜେନା)

ରାଜ୍ୟରେ ଆବାସ ଅପେକ୍ଷାରେ ଥିବା ଲକ୍ଷାଧିକ ପରିବାର ମଧ୍ୟରୁ ୨.୧ ଲକ୍ଷ ଲୋକଙ୍କୁ ନିଜସ୍ୱ ଭୂମି ନାହିଁ। ତେଣୁ ସେମାନେ ପ୍ରଧାନମନ୍ତ୍ରୀ ଗ୍ରାମୀଣ ଆବାସ ଯୋଜନାରେ ଘର ତୋଳିପାରୁ ନାହାନ୍ତି। ତେଣୁ ତୁରନ୍ତ ଭୂମିହୀନ ପରିବାରକୁ ଜମି ଚିହ୍ନଟ କରିବା ଲାଗି ପଞ୍ଚାୟତିରାଜ ବିଭାଗ ପକ୍ଷରୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବିଭାଗୀୟ ସଚିବ ଗିରିଶ ଏସ୍‌ଏନ୍ ନଭେମ୍ବର ୨୭ରେ ପ୍ରଦାନ କରିଥିବା ପତ୍ରରେ ଦର୍ଶାଇଛନ୍ତି, ରାଜ୍ୟରେ ଭୂମିହୀନ ଗ୍ରାମାଞ୍ଚଳ ପରିବାରଙ୍କ ☞ପୃଷ୍ଠା-୪





ରାଞ୍ଚିରେ ରବିବାର ଅନୁଷ୍ଠିତ ଦକ୍ଷିଣ ଆଫ୍ରିକା ବିପକ୍ଷ ଦିନିକିଆ ଅନ୍ତର୍ଜାତୀୟ କ୍ରିକେଟ ମ୍ୟାଚରେ ଶତକ ହାସଲ ପରେ ଭାରତର ବିରାଟ କୋହଲି। **(ରିପୋର୍ଟ: ଖେଳ ପୃଷ୍ଠା)**

# ବାବୁଙ୍କୁ ସରକାରଙ୍କ ତାଗିଦ୍

## ସମ୍ପତ୍ତି ତାଲିକା ନ ଦେଲେ ପଦୋନ୍ନତି ବନ୍ଦ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)

ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ କରିବା ଲାଗି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କଠାରୁ ଆରମ୍ଭ କରି ମୁଖ୍ୟସଚିବଙ୍କ ପର୍ଯ୍ୟନ୍ତ ସମସ୍ତେ ଅଧିକାଂଶ ବୈଠକରେ ଅଧିକାରୀଙ୍କୁ ତାଗିଦ୍ କରି ଆସୁଛନ୍ତି। ହେଲେ ତା'ର ପ୍ରଭାବ ବାବୁମାନଙ୍କ ଉପରେ ସେତେଟା ପଡ଼ିଲା ଭଳି ପରିଲକ୍ଷିତ ହେଉନାହିଁ; ଯେଉଁଥିପାଇଁ ସେମାନେ ତାଙ୍କ ସମ୍ପତ୍ତିର ବିବରଣୀ ଠିକଣା ସମୟରେ ସରକାରଙ୍କୁ ଦେଇ ପାରୁ ନାହାନ୍ତି। ଏପରି କି ଅଧିକାରୀମାନେ ତାଙ୍କ ପଦୋନ୍ନତିକୁ ପଦାଘାତ କରିବାକୁ ମଧ୍ୟ ପଛାଉ ନ ଥିବା ଜଣାଯାଇଛି। ଅଧିକାଂଶ ଅଧିକାରୀ ସେମାନଙ୍କ ସମ୍ପତ୍ତି ତାଲିକା ଦେଇ ନ ଥିବାରୁ ସେମାନଙ୍କ ପଦୋନ୍ନତି ବନ୍ଦ କରିବା ଲାଗି ସରକାର ନିଷ୍ପତ୍ତି ନେଇଛନ୍ତି।

ଏସଂକ୍ରାନ୍ତରେ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ନଭେମ୍ବର ୨୭ରେ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେ ଦର୍ଶାଇଛନ୍ତି, ଓଡ଼ିଶା ସିଭିଲ ସର୍ଭିସ ନିୟମ-୧୯୯୨ ଅନୁଯାୟୀ, ଅଧିକାରୀମାନେ ଯଦି ସରକାରଙ୍କ ସବୁ ମାନଦଣ୍ଡରେ ପାରଦର୍ଶିତା ହାସଲ କରିବେ ଏବଂ ବରିଷ୍ଠ ହୋଇଥିବେ ତେବେ ତାଙ୍କୁ ନିଶ୍ଚିତ ପଦୋନ୍ନତି ଦିଆଯିବାର ବ୍ୟବସ୍ଥା ରହିଛି। ମାତ୍ର ସରକାରଙ୍କ ପକ୍ଷରୁ ବାରମ୍ବାର ତାଗିଦ୍ ସତ୍ତ୍ୱେ ବହୁ ଅଧିକାରୀ ଏପର୍ଯ୍ୟନ୍ତ ତାଙ୍କର ସମ୍ପତ୍ତି ବିବରଣୀ ସରକାରଙ୍କୁ ପ୍ରଦାନ କରି ନ ଥିବା ବିଭାଗୀୟ ପଦୋନ୍ନତି କମିଟି(ଡିପିସି)ରୁ ଜଣାଯାଇଛି। ଏହାକୁ ନେଇ ସରକାର କଠୋର ନିଷ୍ପତ୍ତି ନେଇଛନ୍ତି। ☞ପୃଷ୍ଠା-୪



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଓଡ଼ିଶା ପ୍ରାକ୍ ପ୍ରାଥମିକ ଶିକ୍ଷକ ମହାସଂଘ ପକ୍ଷରୁ ପ୍ରାକ୍ ପ୍ରାଥମିକ ଶିକ୍ଷକ ନିଯୁକ୍ତି ପାଇଁ ଧାରଣା, ସ୍ଥାନ: ଲୋୟର ପିଏମ୍‌ଜି, ସମୟ: ପୂର୍ବାହ୍ନ ୧୧ଟା।

## କଟକ

- କନ୍ଦରପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।

## ପୁରୀ

- ସତ୍ୟବାଦୀ ବ୍ଲକସ୍ତରୀୟ ବିଜ୍ଞାନ ମେଳା -୨୦୨୫, ସ୍ଥାନ: ସରକାରୀ ବାଳିକା ବିଦ୍ୟାଳୟ ସାକ୍ଷୀଗୋପାଳ, ସମୟ: ସକାଳ ୯ଟା।

## ବାଲେଶ୍ୱର

- ଆରଏସଏସର ଗୃହ ସମ୍ପର୍କ ଅଭିଯାନ ଉଦଘାଟନୀ ଉତ୍ସବ, ସ୍ଥାନ: ରାଜବଗିଚା ରାଧାକୃଷ୍ଣ ମନ୍ଦିର, ବାଲେଶ୍ୱର, ସମୟ: ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ଼ସ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ତାଲିମ ପ୍ରକୋଷ୍ଠ, ସମୟ: ପୂର୍ବାହ୍ନ ୧୦ଟା।
- ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଭକ୍ତମାଳା ପ୍ରବଚନ ସଭା, ସ୍ଥାନ: ପୁରୁଣା ଷ୍ଟାଡିୟମ ପଡିଆ, ବାଲେଶ୍ୱର, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସଚେତନତା ଶୋଭାଯାତ୍ରା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ସକାଳ ୮ଟା।
- ବିଶ୍ୱ ଏଡ୍‌ସ ଦିବସ ଅବସରରେ ସାଧାରଣ ସଭା, ସ୍ଥାନ: ଜିଲା ସଂସ୍କୃତି ଭବନ, ଭଦ୍ରକ, ସମୟ: ସକାଳ ୮ଟା ୩୦।
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ସଦ୍‌ଭାବନା ସଭାଗୃହ, ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ ଟା।
- ତ୍ୟାଗଭୂମି ମହୋତ୍ସବର ୮ମ ସନ୍ଧ୍ୟା, ସ୍ଥାନ: ଗୋପାଳଜୀଉ ପଡ଼ିଆ, ମଠସାହି, ଭଦ୍ରକ, ସମୟ: ଅପରାହ୍ନ ୫ ଟା।

## କେନ୍ଦୁଝର

- ଏମଜିଏନ୍‌ଆର୍‌ଇଜିଏସ୍ ଯୋଜନାର ସମୀକ୍ଷା ବୈଠକ, ସ୍ଥାନ : ହାଟଡିହୀ ବ୍ଲକ, ସମୟ : ପୂର୍ବାହ୍ନ ୧୧ଟା।
- ବୁଦ୍ଧେଶ୍ୱର ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ : ସହରପଡ଼ା ବ୍ଲକ୍, ବଡ଼ବିଲ: ସମୟ: ସକାଳ ୯ଟା।

## ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ମୟୂରଭଞ୍ଜ ମହୋତ୍ସବ,ସ୍ଥାନ:ଛଉ ପଡ଼ିଆ, ବାରିପଦା,ସମୟ: ଅପରାହ୍ନ ୫ଟା।

## ଗଞ୍ଜାମ

- ଗ୍ରାମ ପଞ୍ଚାୟତସ୍ତରୀୟ ଜନ ଶୁଣାଣି, ସ୍ଥାନ: ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମ ପଞ୍ଚାୟତସ୍ତରୀୟ ଜନଶୁଣାଣି,ସ୍ଥାନ: ସାନଖେମୁଣ୍ଡି ବ୍ଲକ ଛଣମେରି ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା ୩୦।
- ପଞ୍ଚାୟତ ସ୍ତରୀୟ ଜନ ଶୁଣାଣି ଶିବିର, ସ୍ଥାନ: ବୁଗୁଡ଼ା ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଗୀତା ଜୟନ୍ତୀ ମହୋତ୍ସବ, ସ୍ଥାନ: ମମ୍ ସ୍କୁଲ ସତ୍ୟନାରାୟଣ ମନ୍ଦିର, ଆସିକା, ସମୟ: ପୂର୍ବାହ୍ନ ୧୧ଟା ୩୦।

## ଢେଙ୍କାନାଳ

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଢେଙ୍କାନାଳ ଉପଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

## ଅନୁଗୋଳ

- ମିଳିତ ଜନ ଶୁଣାଣି, ସ୍ଥାନ: କିଶାନନଗର ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡସ ଦିବସ-୨୦୨୫, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟର ସମ୍ମିଳନୀ କକ୍ଷ, ଅନୁଗୋଳ, ସମୟ: ପୂର୍ବାହ୍ନ ୧୧ଟା,
- ରାମଚରିତ ମାନସ ଉପଲକ୍ଷେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ : ମାଳିପଦର, ଆଠମଲ୍ଲିକ, ସମୟ : ସନ୍ଧ୍ୟା ୭ଟା।

## ଜଗତ୍‌ସିଂହପୁର

- ଜଗନ୍ନାଥ ଲଳିତ କଳା ସଂସଦର ସାଂସ୍କୃତିକ ମହୋତ୍ସବ ଚତୁର୍ଥ ସନ୍ଧ୍ୟାରେ ବନ୍ଦର ପ୍ରଶାସନିକ ବିଭାଗର ନାଟକ 'ପତି ପତ୍ନୀ, ପୋଲିସ, ପ୍ରେତ' ପରିବେଷଣ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା

- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ଜିଲାପରିଷଦ ସମ୍ମିଳନୀ କକ୍ଷ, ତହସିଲ ଛକ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।

## ଯାଜପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଡିଆର୍‌ଡିଏ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ବାବା ଆଖଣ୍ଡଳମଣିଙ୍କ ଅଷ୍ଟମ ବାର୍ଷିକ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରସୁଲପୁର ବ୍ଲକ ଅଧୀନ ଗନ୍ଧଣ ପଞ୍ଚାୟତର ମସୁଦପୁର ଗ୍ରାମ, ସମୟ: ସକାଳ ୬ଟା।

## ନୟାଗଡ଼

- ଘୋଡଲାଗି ପର୍ବର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ ଟା ।
- ଘୋଡଲାଗି ପର୍ବର ୫ମ ଦିବସ, ସ୍ଥାନ: ଖଣ୍ଡପଡା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୭.୩୦ଟା ।
- ବିଶ୍ୱ ଏଡସ୍ ଦିବସ ଅବସରରେ ସଚେତନତା ପାଇଁ ଶୋଭାଯାତ୍ରା, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ:ସକାଳ ୮.୩୦ଟା ।
- କନ୍ଧମାଳ ଏମ୍‌ପିଙ୍କ ପକ୍ଷରୁ ଖେଳ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଗଣିଆ କେସି ବିଦ୍ୟାପୀଠ, ସମୟ: ପୂର୍ବାହ୍ନ ୯ଟା ।
- ଜିଲାପାଳଙ୍କ ଜନଶୁଣାଣି ଶିବିର, ସ୍ଥାନ: ନୟାଗଡ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ:ପୂର୍ବାହ୍ନ ୧୦ଟା ।
- ବିଶ୍ୱ ଏଡସ୍ ଦିବସ, ସ୍ଥାନ:ମହିଳା କଲେଜ ଖଣ୍ଡପଡା, ସମୟ:ପୂର୍ବାହ୍ନ ୧୦.୩୦ ଟା ।
- ବିଶ୍ୱ ଏଡସ୍ ଦିବସ ଅବସରରେ ସଚେତନତା ସଭା, ସ୍ଥାନ:ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ସକାଳ ୧୦.୩୦ଟା ।
- ବିଶ୍ୱ ଏଡସ୍ ଦିବସ, ସ୍ଥାନ:କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ, ସମୟ:ପୂର୍ବାହ୍ନ ୧୧ ଟା।
- ବାର୍ଷିକ କ୍ରୀଡା ସମାରୋହ ଉଦ୍‌ଘାଟନ, ସ୍ଥାନ: ଶ୍ରୀରାମକୃଷ୍ଣ ଆଦର୍ଶ ଶିକ୍ଷାକେନ୍ଦ୍ର, ନୟାଗଡ, ସମୟ:ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୩.୩୦ ।

## ରାୟଗଡ଼ା

- ଲାୟନ୍ସ କ୍ଲବ ପକ୍ଷରୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ, ସ୍ଥାନ: ଗୁରୁମଗୁଡା ୱାର୍ଡ, ରାୟଗଡ଼ା, ସମୟ: ସକାଳ ୮ ଟା ।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସ ପାଳନ, ସ୍ଥାନ: ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ବିଶ୍ୱ ଏଡ୍‌ସ ଦିବସ ଉପଲକ୍ଷେ ଶୋଭାଯାତ୍ରା ଓ ବୈଠକ, ସ୍ଥାନ: ହନୁମାନ ମନ୍ଦିର ଛକ ଓ ଆରସିଡି ହାଇସ୍କୁଲ, ନବରଙ୍ଗପୁର, ସମୟ: ସକାଳ ୯ଟା ୩୦ ।
- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ଜିଲା ପରିଷଦ ବୈଠକ ଗୃହ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।

## କୋରାପୁଟ

- ସଚେତନ ଶୋଭାଯାତ୍ରା, ବିଶ୍ୱ ଏଡସ୍ ଦିବସ ପାଳନ, ସ୍ଥାନ: ମହିଳା ଡିଗ୍ରୀ ମହାବିଦ୍ୟାଳୟ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- ମହିଳା ହାୟର ସେକେଣ୍ଡାରୀ ସ୍କୁଲର ରକ୍ତଦାନ ଶିବିର, ସ୍ଥାନ: ସ୍କୁଲ ପରିସର, ସୁନାବେଡା-୧, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଦଳେଇଗୁଡ଼ା ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ଚାଟୁଆ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ସମୟ: ପୂର୍ବାହ୍ନ ୧୦ଟା।
- ଏପିଏଲ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ହାଲ ଖେଳ ପଡ଼ିଆ, ସୁନାବେଡା -୨, ସମୟ: ସନ୍ଧ୍ୟା ୬ଟା।

## ସମ୍ବଲପୁର

- ଜିଲା କ୍ରୀଡା ସଂଘ ଆୟୋଜନରେ ଜିଲାସ୍ତରୀୟ କ୍ରୀଡା ପ୍ରତିଯୋଗିତା-୨୦୨୫ର ଉଦ୍‌ଘାଟନୀ ଉତ୍ସବ, ସ୍ଥାନ : ବୀର ସୁରେନ୍ଦ୍ର ଷ୍ଟାଡିୟମ, ସମୟ : ସକାଳ ୮ଟା ।
- ଜିଲା ପ୍ରଶାସନରେ ଆୟୋଜିତ ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ଜମନକିରା ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା ।
- ଅଟଳ ବିହାରୀ ସ୍ମୃତି ସଂସଦ ପକ୍ଷରୁ ଶଳା ବୁଢ଼ା ଜୟନ୍ତୀ ଓ କବିତା ପାଠୋତ୍ସବ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର

- ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଙ୍ଗୋମୁଣ୍ଡା, ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ ।

## ରାଉରକେଲା

- ମ୍ୟୁନିସିପାଲ କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୬ ତାରାତାରିଣୀପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଏଡ୍‌ସ ଦିବସ ପାଳନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀ ଶ୍ରୀ ବିଷ୍ଣୁ ଶାନ୍ତି ମହାଯଜ୍ଞ ଉଦ୍‌ଯାପନୀ ସମାରୋହ, ସ୍ଥାନ: ସେକ୍ଟର-୨୦, ସମୟ: ମଧ୍ୟାହ୍ନ ୧୨ଟା।

## ସୁନ୍ଦରଗଡ଼

- ବିଶ୍ୱ ଏଡସ ଦିବସ ଉପଲକ୍ଷେ ରୋଟାରୀ କ୍ଲବ ପକ୍ଷରୁ ସଚେତନତା ଶୋଭାଯାତ୍ରା,ପଥପ୍ରାନ୍ତ ନାଟିକା ପ୍ରଦର୍ଶନ,ସ୍ଥାନ:ଷ୍ଟେଟବ୍ୟାଙ୍କ ଛକ, ସୁନ୍ଦରଗଡ,ସମୟ:ସକାଳ ୯ଟା।

## ବରଗଡ଼

- ସଂସ୍କୃତ ପଣ୍ଡିତ ନିଗମାନନ୍ଦ ମିଶ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା,ସ୍ଥାନ:ଦେଓଗାଁ ଉଚ୍ଚ ବିଦ୍ୟାଳୟ, ବରଗଡ଼,ସମୟ:ପୂର୍ବାହ୍ନ ୧୧ଟା।
- ଗୋପପୁର ଯାତ୍ରା ପାଇଁ ଶୁଭସ୍ତମ୍ଭ ସ୍ଥାପନ, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ଅମ୍ବାପାଲି, ବରଗଡ଼,ସମୟ: ଅପରାହ୍ନ ୪ଟା।

## କଳାହାଣ୍ଡି

- ଜିଲାସ୍ତରୀୟ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: ଭବାନୀପାଟଣା ସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ବିଶ୍ୱ ଏଡ୍‌ସ ଦିବସ, ସ୍ଥାନ: ଭବାନୀପାଟଣା ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମିଳନୀ କକ୍ଷ,ସମୟ: ପୂର୍ବାହ୍ନ ୧୧ଟା।
- ମା'ମହାଲକ୍ଷ୍ମୀ ମଣ୍ଡପ ପ୍ରତିଷ୍ଠା, ସ୍ଥାନ: ତଳସାଗରପଡ଼ା, ମ.ରାମପୁର, ସମୟ: ପୂର୍ବାହ୍ନ ୧୧ଟା।

## ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ଦେବଗଡ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତୀ, ସ୍ଥାନ : ଦେବଗଡ ମଠସାହି ମା' କନକ ଦୁର୍ଗା ମନ୍ଦିର, ସମୟ : ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ବାନ୍ଧକଳାରେ ଶ୍ରୀମଦ୍‌ଭଗବଦ୍ ଗୀତା ଉନ୍ମୋଚନ ଉତ୍ସବ ଓ ଗୀତା ପାଠ, ସ୍ଥାନ: ଗୋକର୍ଣ୍ଣେଶ୍ୱର ପଡା ସ୍ଥିତ ମେହେର ଭବନ, ସମୟ: ସକାଳ ୯ଟା।
- ଜିଲାପାଳ ଓ ଏସ୍‌ପିଙ୍କ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୋନପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୂଆପଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସଦଭାବନା ସଭାଗୃହ ନୂଆପଡ଼ା, ସମୟ:ପୂର୍ବାହ୍ନ ୧୦ଟା ।
- ୩ୟ ଫୁଟବଲ ମହାକୁମ୍ଭ ଚର୍ତୁଦଶ ଦିବସ, ସ୍ଥାନ: ରାଜାଏଟି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ ଖଡ଼ିଆଳ, ସମୟ: ଅପରାହ୍ନ ୩ ଟା ।
- ଜିଲାପାଳଙ୍କ ବର୍ଦ୍ଧିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ନୂଆପଡ଼ା ପଞ୍ଚାୟତ ସାରାବଙ୍ଗ ପଞ୍ଚାୟତ ଭଇଁଷମୁଣ୍ଡି ଗାଁ, ସମୟ: ଅପରାହ୍ନ ୩ଟା।
- ୪ର୍ଥ ବିରାଟ ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ଫୁଟବଲ ପଡ଼ିଆ, ସମୟ: ଅପରାହ୍ନ ୫ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଇଲା ମାଳି ମାଇଲା ତାଳି**
**ଧରି ପଳାଇଲା ଖେଚୁଡ଼ି ଥାଳି ।**

କେତେକ ବ୍ୟକ୍ତି ଅତ୍ୟନ୍ତ ଧୂର୍ତ୍ତ ପ୍ରକୃତିର ହୋଇଥା'ନ୍ତି। ଆଖିରେ ଆଙ୍ଗୁଠି ଗେଞ୍ଜି ସବୁକିଛି ଏପରି ଆତ୍ମସାତ୍ କରିନିଅନ୍ତି ଯେ, ତା'ର ଟେର୍ କେହି ବି ପାଇପାରି ନ ଥାନ୍ତି। ଅନ୍ୟକୁ ବୋକା ବା ଭକୁଆ ବନେଇ ସାର ପଦାର୍ଥ ଧରି ଚମ୍ପଟ ମାରୁଥିବା ବ୍ୟକ୍ତିଙ୍କ ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅତି ମଧୁର ପୋକ ଖାଇ**
**ଅତି ସୁହାଗ ରହେ ନାହିଁ।**

ଅତି ସର୍ବତ୍ର ଗର୍ହିତମ। ଅତିରୁ କୁପରିଣତି ଘଟିଥାଏ। ଯେଉଁଠି ସୋନ୍ଦର୍ଯ୍ୟ ଏବଂ ସାଦ ଅତିମାତ୍ରାରେ ଅନୁଭୂତ ହୁଏ, ସେଠି ତା'ର ସ୍ଥାୟିତ୍ୱ ଦୀର୍ଘକାଳ ରହିପାରି ନ ଥାଏ। ସେହିପରି ଅତ୍ୟନ୍ତ ପ୍ରୀତି ବେଳେବେଳେ ବିଚ୍ଛେଦର କାରଣ ପାଲଟୁଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ - ଫ୍ରେଣ୍ଡସ ପବ୍ଲିଶର୍ସ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ପ୍ରଥମ ପୃଷ୍ଠାରୁ...

## ବିରୋଧୀଙ୍କ ଟାର୍ଗେଟ୍‌ରେ ...

ଆଲୋଚନା କରାଯିବା ଏକ ସାଧାରଣ ଔପଚାରିକତା ବୋଲି କହିଥିଲେ। ବିରୋଧୀ ଦଳଗୁଡ଼ିକ ସହ ବିନା ପରାମର୍ଶରେ ସଂକ୍ଷିପ୍ତ ଆଲୋଚନା ଜରିଆରେ ବିଷୟବସ୍ତୁ ତାଲିକା ମଞ୍ଜୁର କରାଇନେବା ସରକାରଙ୍କ ଉଦ୍ଦେଶ୍ୟ ସ୍ପଷ୍ଟ ହେଉଥିବା ଜୟରାମ କହିଥିଲେ। ୧୫ଦିନ ପାଇଁ ହେବାକୁ ଥିବା ଏହି ଅଧିବେଶନ ସଂସଦ ଇତିହାସରେ ସବୁଠୁ ସଂକ୍ଷିପ୍ତ। ଏହି ସମୟ ମଧ୍ୟରେ ୧୩ଟି ବିଲ୍ ଗୃହୀତ କରାଇବାକୁ କେନ୍ଦ୍ର ସରକାର ତାଲିକା ପ୍ରସ୍ତୁତ କରିଛନ୍ତି। ସେଥିରୁ ଗୋଟିଏ ଅଧ୍ୟାଦେଶ ସ୍ଥାନରେ ଅଣାଯିବାକୁ ଥିବାବେଳେ ଅନ୍ୟ ଦୁଇଟି ଲୋକ ସଭା କମିଟି ଦେଇ ଯାଇଛି। ତେଣୁ ୧୦ଟି ବିଲ୍‌କୁ ସମ୍ପୃକ୍ତ ଷ୍ଟାଣ୍ଡିଂ କମିଟି ଅନୁଧ୍ୟାନ କରିବେ। ଏଥିସହିତ ହଠାତ୍ କୌଣସି ବିଲ୍‌କୁ ମଧ୍ୟ ସରକାର ଆଣିପାରନ୍ତି ବୋଲି କଂଗ୍ରେସ ନେତା କହିଛନ୍ତି। କଂଗ୍ରେସ ଏସ୍‌ଆଇଆର୍, ଜାତୀୟ ସୁରକ୍ଷା, ବାୟୁ ପ୍ରଦୂଷଣ, କୃଷକ ସମସ୍ୟା ସମେତ ବିଦେଶ ନୀତି ଉପରେ ଆଲୋଚନା ଚାହେଁ ବୋଲି ଲୋକ ସଭାରେ କଂଗ୍ରେସର ଉପନେତା ଗୌରବ ଗୋଗୋଇ କହିଛନ୍ତି।

ସେହିପରି ଏସ୍‌ଆଇଆର୍ ଉପରେ ଆଲୋଚନା ନ ହେଲେ ଗୃହକୁ ଚଳାଇ ଦିଆଯିବ ନାହିଁ ବୋଲି ସମାଜବାଦୀ ପାର୍ଟି ନେତା ରାମଗୋପାଳ ଯାଦବ କହିଛନ୍ତି। ଟିଏମ୍‌ସି ନେତା କଲ୍ୟାଣ ବାନାର୍ଜୀ କହିଥିଲେ, ତାଙ୍କ ଦଳ ପୂର୍ବରୁ ଏସ୍‌ଆଇଆର୍, ଏମ୍‌ଜିଏନ୍‌ଆର୍‌ଇଜିଏ ପ୍ରସଙ୍ଗ ଉଠାଇଥିଲେ ମଧ୍ୟ ଏହା ଉପରେ ଆଲୋଚନା ପାଇଁ ଅନୁମତି ମିଳି ନ ଥିଲା। ଯଦି ପାର୍ଲାମେଣ୍ଟ କେବଳ ସରକାରଙ୍କ ଇଚ୍ଛାରେ ଚାଲେ, ତେବେ ବିରୋଧୀ ଦଳ ରହିବାର ମୂଲ୍ୟ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ସରକାର ୭୦ ପ୍ରତିଶତ ସମୟ ନେଉଥିବାବେଳେ ବିରୋଧୀଙ୍କୁ ଅଧିକ ସମୟ ମିଳୁ । ଭୋଟର ତାଲିକା ସଂଶୋଧନ ଚାଲିଥିବାବେଳେ ଅତ୍ୟଧିକ କାର୍ଯ୍ୟଚାପରୁ ବିଭିନ୍ନ ରାଜ୍ୟରେ ୪୦ ଜଣ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ମୃତ୍ୟୁ ଘଟିଲାଣି। ଏହା ଉପରେ ଆଲୋଚନା ପାଇଁ ସମୟ ଦିଆଯାଉ। ଭୋଟର ତାଲିକାରୁ ନାଁ ହଟାଇବା ଏସ୍‌ଆଇଆର୍ ପ୍ରକ୍ରିୟାର ଲକ୍ଷ୍ୟ ହେବା ଉଚିତ୍ ନୁହେଁ ବୋଲି ବାନାର୍ଜୀ କହିଛନ୍ତି। ସୂଚନାଯୋଗ୍ୟ, ଏସ୍‌ଆଇଆର୍ ଉପରେ ଆଲୋଚନା ପାଇଁ ବିରୋଧୀ ନିଷ୍ପତ୍ତି ନେଇଥିବାବେଳେ ନିର୍ବାଚନ କମିଶନ ରବିବାର ଏସ୍‌ଆଇଆର୍ କାର୍ଯ୍ୟସୂଚୀକୁ ସପ୍ତାହେ ବୃଦ୍ଧି କରିଛନ୍ତି। ଭୋଟର ଗଣନା ସମୟସୀମା ଡିସେମ୍ବର ୪ତାରିଖ ପରିବର୍ତ୍ତେ ୧୧ତାରିଖକୁ ବୃଦ୍ଧି କରାଯାଇଛି। ସେହିପରି ଚୂଡ଼ାନ୍ତ ଭୋଟର ତାଲିକା ଫେବୃଆରୀ ୧୪ରେ ପ୍ରକାଶ ପାଇବ ବୋଲି କୁହାଯାଇଛି।

## ଚାଉଳ ଉଠିନି,...

ମିଲର୍ସମାନେ ଧାନ ସଂଗ୍ରହ କଲେ କେଉଁଠି ରଖିବେ ବୋଲି ଚିନ୍ତାରେ ରହିଛନ୍ତି। ମିଲର୍ସମାନଙ୍କ ଅଭିଯୋଗ ହେଲା, ସରକାର ପୂର୍ବବର୍ଷ ଯେତିକି ଧାନ ସଂଗ୍ରହ କରି ଚାଉଳ ଦେବାକୁ କହିଥିଲେ ତାହା ଏପର୍ଯ୍ୟନ୍ତ ଉଠି ପାରି ନାହିଁ। ଆମ ପାଖରେ ଆବଶ୍ୟକ ପରିମାଣର ଭଣ୍ଡାର ନାହିଁ। ତେଣୁ ଚାଷୀଙ୍କଠାରୁ ଗତବର୍ଷ ନିଆଯାଇଥିବା ଧାନର ଚାଉଳ ବାବଦକୁ ପ୍ରାୟ ୬ ଲକ୍ଷରୁ ଅଧିକ ମେଟ୍ରିକ୍ ଟନ୍ ଖଳାରେ ପଡ଼ିଛି। ପୁରୁଣା ଚାଉଳ ଯେପର୍ଯ୍ୟନ୍ତ ଉଠିନାହିଁ କିମ୍ବା ସରକାର ନେଇ ନାହାନ୍ତି, ନୂଆ ଧାନ କିପରି ସଂଗ୍ରହ କରାଯିବ ବୋଲି ରାଜ୍ୟ ଓଡ଼ିଶା ମିଲର୍ସ ଆସୋସିଏଶନ ପକ୍ଷରୁ କୁହାଯାଇଛି। ଏହାବାଦ୍ ସରକାର ମିଲର୍ସମାନଙ୍କୁ ଠିକ ଭାବେ ରକ୍ଷଣାବେକ୍ଷଣ ଖର୍ଚ୍ଚ ପ୍ରଦାନ କରୁନାହାନ୍ତି କି ମିଲିଂ ଖର୍ଚ୍ଚ ଠିକ୍ ଭାବେ ଦେଉ ନାହାନ୍ତି। ତେଣୁ ହାତରୁ ଖାଇ କେତେ ସରକାରଙ୍କ ନିର୍ଦ୍ଦେଶ ମାନିବୁ ବୋଲି ମିଲର୍ସମାନେ ଅଭିଯୋଗ କରୁଛନ୍ତି। ଏନେଇ ମିଲର୍ସ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ସେଥିରେ ସଂଘର ସଭାପତି ମହେଶ କୁମାର ବଂଶଲ ୯ ଦାବି ରଖିଛନ୍ତି। ଏନେଇ ସଂଘର ଅନ୍ୟତମ ସଦସ୍ୟ ଏସ୍. ସେନାପତି କହିଛନ୍ତି, ରାଜ୍ୟ ସରକାର ଯଦି ସଂଘର ନ୍ୟାୟୋଚିତ ତିନୋଟି ଦାବି ପୂରଣ କରିବେ ତେବେ ଆମେ ଧାନ ସଂଗ୍ରହକୁ ଓହ୍ଲାଇବୁ। ସେନାପତି କହିଛନ୍ତି, ସରକାର ପ୍ରତିବର୍ଷ ୭୦ରୁ ଅଧିକ ଲକ୍ଷ ମେଟ୍ରିକ୍ ଟନ୍ ଧାନ ଉଠାଇବାକୁ କହୁଛନ୍ତି, ଆମେ କିଣୁଛୁ। ହେଲେ ଏବାବଦକୁ କୌଣସି ରକ୍ଷଣାବେକ୍ଷଣ ଖର୍ଚ୍ଚ ଦେଉ ନାହାନ୍ତି। ସେହିପରି ପଡ଼ୋଶୀ ରାଜ୍ୟରେ ଧାନ ଚୂରିବା(ମିଲିଂ) ଖର୍ଚ୍ଚ କୁଇଣ୍ଟାଲ ପିଛା ୧୨୦ ଟଙ୍କା ପର୍ଯ୍ୟନ୍ତ ପ୍ରଦାନ କରାଯାଉଥିବାବେଳେ ଓଡ଼ିଶାରେ ଗତ ୨୧ବର୍ଷ ଧରି ମାତ୍ର ୨୦ ଟଙ୍କା ପ୍ରଦାନ କରାଯାଉଛି। ମିଲିଂ ଖର୍ଚ୍ଚ ବଢ଼ାଇବା ସହିତ ଚାଉଳ ଉଠାଣ ତ୍ୱରିତ ନ ହେଲେ ଧାନ ସଂଗ୍ରହକୁ ଓହ୍ଲାଇବୁ ନାହିଁ ବୋଲି ସେନାପତି କହିଥିଲେ।

ଏସଂକ୍ରାନ୍ତରେ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ଶନିବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମିଲର୍ସମାନଙ୍କ ବକେୟା ଚାଉଳ ଉଠାଇବା ସମ୍ପର୍କରେ ନିଷ୍ପତ୍ତି ହୋଇଛି। ଚାଉଳ ମିଲିଂ ବାବଦ ଖର୍ଚ୍ଚ ବୃଦ୍ଧି କରିବାକୁ ମଧ୍ୟ ସରକାର ରାଜି ଅଛନ୍ତି ବୋଲି ପାତ୍ର କହିଛନ୍ତି।

## ବାବୁଙ୍କୁ ସରକାରଙ୍କ...

ଯେଉଁ ଅଧିକାରୀମାନେ ସମ୍ପତ୍ତି ତାଲିକା ନ ଦେବେ ସେମାନଙ୍କ ପଦୋନ୍ନତି କଥା ବିଚାର କରାଯିବ ନାହିଁ। ଯେଉଁ ଅଧିକାରୀମାନେ ସମ୍ପତ୍ତି ତାଲିକା ସରକାରଙ୍କୁ ଦେଇଥିବେ ସେମାନଙ୍କ କଥା ପଦୋନ୍ନତି କମିଟି ବିଚାରକୁ ନେବ ଏବଂ ଯେଉଁମାନେ ଦେବେ ନାହିଁ ସେମାନଙ୍କ ପାଇଁ କୌଣସି ପଦୋନ୍ନତି ଅଟକିବ ନାହିଁ। ଯଦି ଅଧିକାରୀ ଜଣକ ଡିପିସି ପରେ ତାଙ୍କର ସମ୍ପତ୍ତି ତାଲିକା ପ୍ରଦାନ କରନ୍ତି ତେବେ ସେ ବରିଷ୍ଠତା ପଦୋନ୍ନତି ନେଇ ଦାବି କରିପାରିବେ ନାହିଁ ବୋଲି ସୁରେନ୍ଦ୍ର କୁମାର ଦର୍ଶାଇଛନ୍ତି। ସୂଚନାଯୋଗ୍ୟ, ସୁରେନ୍ଦ୍ର କୁମାର ଏ ସଂକ୍ରାନ୍ତରେ ପୂର୍ବରୁ ବହୁବାର ବିଭାଗୀୟ ମୁଖ୍ୟଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଜାନୁଆରୀ ସୁଦ୍ଧା ସମ୍ପତ୍ତି ବିବରଣୀ ଦେବାକୁ କୁହାଯାଇଛି। ହେଲେ ଅଧିକାରୀମାନେ କାହିଁକି ସମ୍ପତ୍ତି ତାଲିକା ପ୍ରଦାନରେ ଟାଳଟୁଳ ନୀତି ଅବଲମ୍ବନ କରୁନ୍ତି ତାହା ଏବେ ସର୍ବସାଧାରଣରେ ଆଲୋଚ୍ୟର ବିଷୟ ହୋଇଛି।

## ୨.୧ଲକ୍ଷ ଭୂମିହୀନଙ୍କୁ...

ପାଇଁ ପକ୍କା ଘର ଯୋଗାଇବାରେ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ। ଯୋଗ୍ୟ ଭୂମିହୀନ ହିତାଧିକାରୀଙ୍କୁ ପ୍ରାଥମିକତା ଭିତ୍ତିରେ ତୁରନ୍ତ ଜମି ବଣ୍ଟନ କରି ଆବାସ ପ୍ରଦାନ କରିବାକୁ ହେବ। ଏନେଇ ସଂପୃକ୍ତ ବିଡିଓ ଏବଂ ତହସିଲଦାରଙ୍କ ସହିତ ସମନ୍ୱୟ ରକ୍ଷା କରି ପ୍ରତି ଶନିବାର ବୈଠକ କରି ଏହାର ଫଇସଲା କର। ସେ ପତ୍ରରେ ଦର୍ଶାଇଛନ୍ତି, ଏପର୍ଯ୍ୟନ୍ତ ଜିଲାସ୍ତରୀୟ ରିପୋର୍ଟ ଅନୁଯାୟୀ, ପିଏମ୍‌ଏୱାଇ-ଗ୍ରାମୀଣରେ ୮୭୧ ଏବଂ ପିଏମ୍-ଜନମନରେ ୫୦ ହିତାଧିକାରୀଙ୍କୁ ଆବାସ ଗୃହ ବଣ୍ଟନ ହୋଇନାହିଁ। ପିଏମ୍‌ଏୱାଇ-ଜିରେ ସର୍ବାଧିକ କେନ୍ଦ୍ରାପଡ଼ାରେ ୨୭୧ ଜଣ ଭୂମିହୀନଙ୍କୁ ଘର ଯୋଗାଇ ଦିଆଯାଇନାହିଁ। ଗଞ୍ଜାମରେ ୧୭୧ ଜଣ ଘର ଅପେକ୍ଷାରେ ଅଛନ୍ତି। ଆବାସପ୍ଲସ୍-୨୦୨୪ ସର୍ଭେ ଅନୁଯାୟୀ, ରାଜ୍ୟରେ ମୋଟ ୩୭.୮୯ ଲକ୍ଷ ପରିବାର ସର୍ଭେ କରାଯାଇଥିବା ବେଳେ ସେଥିରୁ ୨ ଲକ୍ଷ ୧ ହଜାର ୧୧ ପରିବାର ଭୂମିହୀନ ବୋଲି ଚିହ୍ନଟ ହୋଇଛନ୍ତି। ଏହି ଯୋଗ୍ୟ ଭୂମିହୀନ ପରିବାରଙ୍କୁ ତୁରନ୍ତ ଭୂମି ସହିତ ଆବାସ ବଣ୍ଟନ କରିବା ଲାଗି ସଚିବ ନିର୍ଦ୍ଦେଶ ଦେଇଛନ୍ତି। ଚିଠିରେ ଜିଲାପାଳମାନଙ୍କୁ ସମୟସୀମା ଭିତରେ ସକାରାତ୍ମକ ପ୍ରତିକ୍ରିୟା ପ୍ରଦାନ କରି 'ସମସ୍ତଙ୍କ ପାଇଁ ଆବାସ' ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ କରିବାକୁ ସେ ଦର୍ଶାଇଛନ୍ତି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୃହସ୍ପତିଙ୍କ ଦୃଷ୍ଟିରେ ଚନ୍ଦ୍ର ପାରିବାରିକ ସମସ୍ୟାର ଅନ୍ତ ଘଟାଇବ। ବିବାଦର ସମାଧାନ ସାଙ୍ଗକୁ ଋଣ ପରିଶୋଧ କରି ଆତ୍ମତୃପ୍ତି ଲାଭ କରିପାରନ୍ତି। ପରିବହନ ତଥା ବାଣିଜ୍ୟ, ବ୍ୟବସାୟରୁ ସନ୍ତୋଷଜନକ ସୁଫଳ ପାଇବେ। କଳା, ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା, ତଥା ଚଳଚ୍ଚିତ୍ର ପ୍ରଭୃତିରେ ଅଗ୍ରଗତି ଘଟିବ।

**ବୃଷ** ସପ୍ତମସ୍ଥ ଗ୍ରହ ପ୍ରଭାବରେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ପ୍ରଭୃତିରେ ସଫଳତା ପାଇବେ। କୌଣସି ଯାନ୍ତ୍ରିକ ଜିନିଷ କିମ୍ବା ଜମିଜମା କିଣିବା ସକାଶେ ଖର୍ଚ୍ଚାନ୍ତ ହେବାକୁ ପଡିପାରେ। କର୍ମକ୍ଷେତ୍ରରେ ସହକର୍ମୀମାନଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ପରିବାରରେ ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମିଥୁନ** ଶନି ସହ ଚନ୍ଦ୍ରଙ୍କ ସଂଯୁକ୍ତ ଆପଣଙ୍କୁ ଅବସାଦ ଯୁକ୍ତ କରାଇପାରେ। କାର୍ଯ୍ୟରେ ବିଫଳତା ଓ ପ୍ରତ୍ୟେକ କ୍ଷେତ୍ରରେ ବିଳମ୍ବଜନିତ ମନସ୍ତାପ କରିବେ। ଚନ୍ଦ୍ରଙ୍କ ପ୍ରଭାବରେ ଆର୍ଥିକ ଦିଗରୁ ଉପକୃତ ହେବେ ଏପରିକି ବକେୟା ମଧ୍ୟ ପାଇପାରନ୍ତି। ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ଏବଂ ବାଣିଜ୍ୟ କ୍ଷେତ୍ରରେ ଉଚ୍ଚ ଫଳ ପ୍ରାପ୍ତି ହୋଇପାରେ।

**କର୍କଟ** ଲାଭଭାବକୁ ଏକାଧିକଗ୍ରହଙ୍କ ଦୃଷ୍ଟି ଯୋଗୁ ବନ୍ଧୁଙ୍କ ଆଦର, ଗୌରବ ଓ କାର୍ଯ୍ୟରେ ସଫଳତା ପାଇବେ। ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ଶୁକ୍ର ଜନିତ କଳ୍ପନା ବିଳାସୀ ହୋଇପାରନ୍ତି। ଘରେ ନ ଥିବା ସମୟରେ କୌଣସି ଶୁଭ ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ବିଶେଷ ଭ୍ରମଣ ପରିପ୍ରେକ୍ଷୀରେ ଶାରୀରିକ ପରିଶ୍ରମଜନିତ କ୍ଳାନ୍ତି ଅନୁଭବ କରିବେ।

**ସିଂହ** କେତୁ ପ୍ରଭାବରେ ଆପଣ ମନଭୁଲାଣିଆ କଥାରେ ବିମୋହିତ ହୋଇ ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇପାରନ୍ତି। କର୍ମକ୍ଷେତ୍ରରେ ଧୀରପାଣି ପଥର କାଟେ ନୀତିରେ କାମକରି ଅଭିଳଷିତ ଜିନିଷ ହାସଲ କରିବେ। ସାମାଜିକ ସ୍ତରରେ ସମ୍ମାନ ଲାଭ କରିବେ। ଠିକଣା ସମୟରେ ଅନ୍ୟମାନଙ୍କ ଅନୁପସ୍ଥିତି ଆପଣଙ୍କୁ ବେଶି ବାଧିବ।

**କନ୍ୟା** ରାଶିପ୍ରତି ଚନ୍ଦ୍ରଙ୍କ ଦୃଷ୍ଟିରୁ ମନର ଦୁଃଖକୁ ଲୁଚାଇ ରଖି ମୁହଁରେ ହସ ଫୁଟାଇ କାମ କରିବେ। ଲକ୍ଷ୍ୟ ହାସଲ ପରିପ୍ରେକ୍ଷୀରେ ପ୍ରିୟ କଥା କହି ବନ୍ଧୁଙ୍କୁ ଆପଣାର କରିପାରନ୍ତି। ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ମତକୁ ଅଗ୍ରାଧିକାର ଦେଲେ ସଫଳତା ପାଇବେ। ପୁରାତନ ରୋଗ,ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବାକୁ ପଡିପାରେ।

**ତୁଳା** ବୁଧଙ୍କ ସ୍ଥିତିଜନିତ ସ୍ୱାସ୍ଥ୍ୟ ଭଲ ରହିବା ସାଙ୍ଗକୁ ବିବାଦୀୟ ଘଟଣାର ସମାଧାନରୁ ଆଶ୍ୱସ୍ତି ଲାଭ କରିବେ। ଅନ୍ୟଦ୍ୱାରା ପ୍ରଭାବିତ ହୋଇ ଭୁଲ୍ ମାର୍ଗର ଅନୁସରଣ କରି ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ଭୁଲ୍ ଖବର ପାଇ ବିବ୍ରତ ହେବେ। ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ, ଯାହାକି ଆପଣଙ୍କ କାମକୁ ଆସିବ।

**ବିଛା** ପାପଗ୍ରହଙ୍କ ପ୍ରଭାବରେ ଆପଣଙ୍କୁ ନୈରାଶ୍ୟଜନକ ସ୍ଥିତିରୁ ମାନସିକ କଷ୍ଟ ପ୍ରଦାନ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟା ବଢ଼ାଇଦେବାର ଆଶଙ୍କା ରହିଛି। ଯାତ୍ରା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। କଚେରି ମାମଲା କିମ୍ବା ଜମିଜମା ସମ୍ବନ୍ଧୀୟ ବିବାଦୀୟ ପରିସ୍ଥିତି ଭିନ୍ନରୂପ ନେବ।

**ଧନୁ** ରାଶିର ପୃଷ୍ଠଦେଶରେ ଏକାଧିକ ଅବସ୍ଥାନ କରିଥିବାରୁ ମନ ଶଙ୍କାକୁଳ ରହିବ। ଆପଣଙ୍କ କାର୍ଯ୍ୟ ଓ ଚିନ୍ତାଧାରା ନିଜ ଲୋକଙ୍କ ମନରେ ଭିନ୍ନ ଭାବ ପୋଷଣ କରିବ। ଅତୀତ ସ୍ମୃତି ରୋମନ୍ଥନ କରି ମାନସିକ ଅବସାଦ ବୃଦ୍ଧି ପାଇବାରୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ମାନସିକ ଅସୁସ୍ଥତାର ଅନ୍ୟ ଏକ କାରଣ ହୋଇପାରେ।

**ମକର** ମୁଖଭାବସ୍ଥ ରାହୁ ଇଚ୍ଛାବିରୋଧୀ ପରିସ୍ଥିତିର ସମ୍ମୁଖୀନ କରାଇ ଆପଣଙ୍କ କଠୋର ବାକ୍ୟ ଦ୍ୱାରା ଲୋକଙ୍କୁ ଆଘାତ ଦେଇପାରେ। ଆଜି ଯାତ୍ରା ଓ ବିବାଦରେ ସତର୍କତା ଅବଲମ୍ବନ କରନ୍ତୁ। ଆକସ୍ମିକ ଭାବରେ ଭ୍ରମଣ ସୁଯୋଗ ଲାଭ କରିବେ ଏବଂ ଅଧିକାଂଶ ସମୟ ଆଳାପ ଆଲୋଚନାରେ କଟାଇପାରନ୍ତି।

**କୁମ୍ଭ** ମଙ୍ଗଳ ରାଶିକୁ ଦେଖୁଥିବାରୁ ସମ୍ପର୍କୀୟଙ୍କ ଦ୍ୱାରା ସାହାଯ୍ୟ, ସହଯୋଗ ଲାଭ କରିପାରିବେ। ପରିବାରର ଆବଶ୍ୟକତା ପୂରଣ ଲାଗି ଧାର ଉଧାର କରିପାରନ୍ତି। ସାମାଜିକ ସ୍ତରରେ ଦୀର୍ଘଦିନରୁ ଚିନ୍ତା କରିଥିବା କାମଟି ହଠାତ୍ ହୋଇଯିବ। ସଭାସମିତିରେ ନୀଚ ମନୋଭାବର ବ୍ୟକ୍ତିଙ୍କ ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇପାରନ୍ତି।

**ମୀନ** ରାଶ୍ୟାଧିପତିଙ୍କ ପ୍ରଭାବରେ ଇଚ୍ଛାମୁତାବକ ମୂଲ୍ୟବାନ ଜିନିଷ ପ୍ରାପ୍ତ ହେବେ। କଳା, ସାହିତ୍ୟ ତଥା ସାମ୍ବାଦିକତା କ୍ଷେତ୍ରରେ ହାତପାହାନ୍ତାରେ ସୁଯୋଗ ପାଇବେ। ଭଲ ସମ୍ପର୍କ ନ ଥିବା ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ସଭାସମିତିକୁ ଆହୂତ ହୋଇପାରନ୍ତି।

ଆଜି ଡିସେମ୍ବର ୧ ତାରିଖ, ବିଶ୍ୱ ଏଡ୍‌ସ ଦିବସ, ମାର୍ଗଶିର ଶୁକ୍ଳପକ୍ଷର ସର୍ବସମ୍ମତ ମୋକ୍ଷଦା ଏକାଦଶୀ ସୋମବାର। ରାଶିନକ୍ଷତ୍ର-ରେବତୀ/ମୀନ। ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬.୦୮ ଗତେ ଘ.୦୭.୩୦ ମଧ୍ୟେ, ଘ.୦୯.୦୩ ଗତେ ଘ. ୧୧.୧୩ ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ୦୭.୩୦ ଗତେ ଘ.୦୮.୫୨ ମଧ୍ୟେ ରାହୁ କାଳ ।

# ଓଡ଼ିଶା ହେବ ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ୍‌ୱେ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩୦।୧୧
(ରବିନାରାୟଣ ଜେନା)

## ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ ଉଦ୍‌ଯାପିତ


ଭୁବନେଶ୍ୱର ରେଳସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଅତିଥିମାନେ।

ଓଡ଼ିଶା ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) କ୍ଷେତ୍ରରେ ଔଦ୍ୟୋଗିକତା ନବସୃଜନକୁ ପ୍ରୋତ୍ସାହନ ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ବିପୁଳ ସମ୍ଭାବନାରେ ପରିପୂର୍ଣ୍ଣ ଓଡ଼ିଶା ଏବେ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଦେଶର ସବୁଠାରୁ ଆକର୍ଷଣୀୟ ରାଜ୍ୟ ଭାବରେ ଉଭା ହୋଇଛି। ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମ, 'ବିକଶିତ ଓଡ଼ିଶା ଓ ବିକଶିତ ଭାରତ', ଏକ ସ୍ଲୋଗାନ ନୁହେଁ। ଏହା ଏକ ପ୍ରତିଶ୍ରୁତି। ଆଗାମୀ ଦିନରେ ଓଡ଼ିଶା ପୂର୍ବ ଭାରତର ଏମ୍‌ଏସ୍‌ଏମ୍‌ଇ ଗେଟ୍‌ୱେ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ସ୍ଥାନୀୟ ରେଳସଦନଠାରେ ଲଘୁ ଉଦ୍ୟୋଗ ଭାରତୀ ଓଡ଼ିଶା ଦ୍ୱାରା ଆୟୋଜିତ ଓଡ଼ିଶା ଶିଳ୍ପ ସମ୍ମିଳନୀ-୨୦୨୫ କାର୍ଯ୍ୟକ୍ରମର ଉଦ୍‌ଯାପନୀ ସମାରୋହରେ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାର ସାଢେ ଚାରି କୋଟି ଲୋକଙ୍କ ସ୍ୱପ୍ନକୁ ବାସ୍ତବତାର ରୂପ ଦେବା ପାଇଁ ଆମ ସରକାରଙ୍କ ପ୍ରତିବଦ୍ଧତା ବୈପ୍ଳବିକ ପରିବର୍ତ୍ତନ ଆଣିପାରିଛି। ଓଡ଼ିଶାରେ ଶିଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ଅନେକ ପଦକ୍ଷେପ ନେଇଛନ୍ତି। ଆମର ଗୋ-ସିଇଫ୍ଟ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାରେ ଗୋଟିଏ ଦିନରେ ପ୍ରକଳ୍ପ ଅନୁମୋଦିତ ହେଉଛି। ଚଳିତ ବର୍ଷ ଭିତ୍ତିଭୂମି ନିର୍ମାଣ ପାଇଁ ରାଜ୍ୟ ଜିଡିପିର ୬.୧ ପ୍ରତିଶତ ବିନିଯୋଗ କରାଯାଇଛି, ଯାହା କି ଭାରତରେ ସର୍ବାଧିକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଓଡ଼ିଶାର ଶିଳ୍ପାୟନର ଏହି ଯାତ୍ରାରେ ଲଘୁ ଉଦ୍ୟୋଗ ଭାରତୀର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ୯୮୦ରୁ ଅଧିକ ଶିଳ୍ପ ୟୁନିଟ୍‌କୁ ସହାୟତା କରିବା, ନିଯୁକ୍ତି ସୃଷ୍ଟି କରିବା, ଉଦ୍ୟୋଗୀଙ୍କୁ ସହାୟତା ଦେବା ଏବଂ ଆତ୍ମନିର୍ଭର ଭାରତର ଲକ୍ଷ୍ୟରେ ଯୋଗଦାନ ଦେବାରେ ଅନୁଷ୍ଠାନର ପ୍ରୟାସ ପ୍ରଶଂସନୀୟ। ସାରା ବିଶ୍ୱରେ ୯୦ ପ୍ରତିଶତ ବ୍ୟବସାୟ ଏବଂ ସମସ୍ତ ନିଯୁକ୍ତିର ୫୦ ପ୍ରତିଶତ, ଲଘୁ ଶିଳ୍ପ କ୍ଷେତ୍ରରେ ହିଁ ଉପଲବ୍ଧ ହୋଇଥାଏ। ବର୍ତ୍ତମାନ ବଜାରର ୧୦ଟି ଆନୁଷ୍ଠାନିକ କ୍ଷେତ୍ରର ନିଯୁକ୍ତି ମଧ୍ୟରୁ ୭ଟି ଲଘୁ ବ୍ୟବସାୟିକ ଓ ଶିଳ୍ପ ସଂସ୍ଥାରୁ ଆସୁଛି। ତେଣୁ ଲଘୁ ବ୍ୟବସାୟଗୁଡ଼ିକ କେବଳ ଅର୍ଥନୀତିରେ ଅବଦାନ ରଖନ୍ତି ନାହିଁ ବରଂ ସେମାନେ ଅର୍ଥନୀତିକୁ ସମୃଦ୍ଧ କରିଥାନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ, ପିପିଲି, ରଘୁରାଜପୁର, ସମ୍ବଲପୁର ଏବଂ ଗୋପାଳପୁରର ଆମର କାରିଗରମାନେ ସାରା ବିଶ୍ୱରେ ଜଣାଶୁଣା। ଆମର ଯୁବପିଢ଼ି ଆଇଟି, ଆନିମେସନ୍, ଫିନଟେକ୍ ଏବଂ ଷ୍ଟାର୍ଟଅପରେ ଉତ୍କର୍ଷ ହାସଲ କରୁଛନ୍ତି। ମହିଳା ନେତୃତ୍ୱାଧୀନ ଏସ୍‌ଏଚ୍‌ଜି ବିଶ୍ୱସ୍ତରୀୟ ଉତ୍ପାଦ ରପ୍ତାନି କରୁଛନ୍ତି। ସୁଭଦ୍ରା ଯୋଜନା ଆଜି ପ୍ରତ୍ୟେକ ଘରେ ଆଦୃତ। ଏହା ଗରିବ, ବିଶେଷ ଭାବେ ଗ୍ରାମାଞ୍ଚଳର ମହିଳାଙ୍କୁ ନୂଆ ସମ୍ଭାବନାର ରାସ୍ତା ଦେଖାଉଛି। ସୁଭଦ୍ରା ଯୋଜନା ମା'ମାନଙ୍କୁ ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି। ଏହି ଯୋଜନା ଯୋଗୁ ୧୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି ହୋଇପାରିଛନ୍ତି। ଆଗାମୀ ଦିନରେ ମା'ମାନଙ୍କ ଭିତରେ ବ୍ୟବସାୟ କରିବାର ଏକ ପରମ୍ପରା ସୃଷ୍ଟି କରିବା ପାଇଁ ଏହା ଏକ ବାତାବରଣ ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ କହିଥିଲେ, ସମ୍ଭାବନାର ରାଜ୍ୟ ଓଡ଼ିଶା ବିକାଶ ପଥରେ ଅଗ୍ରସର ହେଉଛି। ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହିତ କରିବା, ଏମ୍‌ଏସ୍‌ଏମ୍‌ଇ ଗୁଡ଼ିକୁ ସଶକ୍ତ କରିବା, କାରିଗରମାନଙ୍କୁ ସହାୟତା ପ୍ରଦାନ କରିବା କିମ୍ବା ସ୍ଥାନୀୟ ସପ୍ଲାଇ ଚେନ୍‌କୁ ସୁଦୃଢ଼ କରିବା ପାଇଁ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଏହା ଆଗାମୀ ଦିନରେ ଓଡ଼ିଶାର ମାନଚିତ୍ରକୁ ପରିବର୍ତ୍ତନ କରିବ ବୋଲି ମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ ସଭାପତି ମଧୁସୂଦନ ଦାଦୁ, ଲଘୁ ଉଦ୍ୟୋଗ ଭାରତୀର ଅଖିଳ ଭାରତୀୟ କାର୍ଯ୍ୟକାରୀ ସମ୍ପାଦକ ପ୍ରକାଶ ଚନ୍ଦ୍ର ଲଘୁ ଉଦ୍ୟୋଗ ଭାରତୀ, ଓଡ଼ିଶାର ସଭାପତି ଗୋପାଳ ଦାସ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶାର ଦୁଗ୍ଧ ସଂଗ୍ରହ ଗୃହରୁ ଫାଇଦା ଉଠାଉଛି ଆନ୍ଧ୍ର

**ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରେ ୧୯୯୩ରେ ରାଜ୍ୟ ସରକାର ଦୁଗ୍ଧ ଚାଷୀଙ୍କୁ ସୁଲଭ ବଜାର ଏବଂ ପ୍ରୋତ୍ସାହନ ଯୋଗାଇବା ପାଇଁ ଓମ୍‌ଫେଡ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ପ୍ରତିଷ୍ଠା କରିଥିଲେ। ପ୍ରତ୍ୟହ ଉକ୍ତ କେନ୍ଦ୍ରରେ ୧୦ ହଜାର ଲିଟର ଦୁଗ୍ଧ ପ୍ରକ୍ରିୟାକରଣ ହେଉଥିଲା। ଏଠାରେ ପ୍ରକ୍ରିୟାକରଣ ଶିଳ୍ପ ପ୍ରତିଷ୍ଠା ବେଳେ ଓମ୍‌ଫେଡ କ୍ଷୀର ସଂଗ୍ରହ ଲାଗି ପାରଳାଖେମୁଣ୍ଡିଠାରୁ ୧୦ କି.ମି. ଦୂର କୁରୁଲୁଣ୍ଡାରେ ଏକ ଗୃହ ନିର୍ମାଣ କରିଥିଲା। ଏବେ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ରୁଗ୍‌ଣ ହୋଇପଡ଼ିଥିବାବେଳେ କୁରୁଲୁଣ୍ଡାସ୍ଥିତ ଓଡ଼ିଶା ସରକାରଙ୍କ ଦୁଗ୍ଧ ସଂଗ୍ରହ ଗୃହରୁ ଓମ୍‌ଫେଡ ବଦଳରେ ଆନ୍ଧ୍ରପ୍ରଦେଶର ଘରୋଇ କମ୍ପାନୀ ବିଶାଖା ଡେଏରି କ୍ଷୀର ସଂଗ୍ରହ କରି ଲାଭ ଉଠାଉଛି। ଏଥିପ୍ରତି ରାଜ୍ୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗ ନୀରବଦ୍ରଷ୍ଟା ସାଜିଥିବାରୁ ଅନେକେ କ୍ଷୋଭ ପ୍ରକାଶ କରିଛନ୍ତି।**

ପାରଳାଖେମୁଣ୍ଡି, ୩୦।୧୧
(ଗିରିଧାରୀ ପରିଚ୍ଛା)

## ଜରାଜୀର୍ଣ୍ଣ ଅବସ୍ଥାରେ ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର



ଦୁଗ୍ଧ ସଂଗ୍ରହ ପାଇଁ ଓଡ଼ିଶା ପକ୍ଷରୁ ନିର୍ମିତ ଗୃହ।

ପାରଳାଖେମୁଣ୍ଡିରେ ଥିବା ଓମ୍‌ଫେଡର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଯେଉଁ ଲକ୍ଷ୍ୟ ନେଇ ପ୍ରତିଷ୍ଠା ହୋଇଥିଲା ତାହା ବିଫଳ ହେବାରୁ ସରକାରୀ ଅବହେଳା ଓ ଉଦାସୀନତାର ଶିକାର ହୋଇଛି। ଫଳରେ କେନ୍ଦ୍ରରେ ରହିଥିବା ବହୁ କୋଟି ଟଙ୍କାର ଯନ୍ତ୍ରପାତି ନଷ୍ଟ ହେବାରେ ଲାଗିଛି। ଦିନେ ପ୍ରକ୍ରିୟାକରଣ ପାଇଁ ଦୈନିକ ୧୦ ହଜାର ଲିଟର କ୍ଷୀର ଆସୁଥିବା ବେଳେ ଏବେ ଆସୁଛି ମାତ୍ର ୧୦୦ ଲିଟର। ଏହାଦ୍ୱାରା ଦୁଗ୍ଧ ଚାଷୀଙ୍କୁ ଯେ ପ୍ରୋତ୍ସାହନ ମିଳୁନାହିଁ ତାହା ସ୍ପଷ୍ଟ ହୋଇଯାଇଛି।

ପ୍ରକ୍ରିୟାକରଣ କେନ୍ଦ୍ରର ଠିକ୍ ପରିଚାଳନା ନ ହେବାରୁ କ୍ରମଶଃ ଏହା କ୍ଷତିଆଡ଼କୁ ମୁହାଁଇ ଏକପ୍ରକାର ବନ୍ଦ ଅବସ୍ଥାକୁ ଆସିଯାଇଛି। ଏଠାରେ ରହିଥିବା ବହୁମୂଲ୍ୟର ଯନ୍ତ୍ରପାତି ରକ୍ଷଣାବେକ୍ଷଣ ନ ହେବାରୁ ନଷ୍ଟ ହେବାରେ ଲାଗିଛି। କେନ୍ଦ୍ରର ଛାତ ଦୁର୍ବଳ ହୋଇପଡ଼ି ଲୁହାରଡ୍ ଦେଖାଯାଉଛି। ଏବେ ଆନ୍ଧ୍ରର ଦୁଇ ଘରୋଇ କମ୍ପାନୀ ବିଶାଖା ଡେଏରି ଏବଂ ହେରିଟେଜ୍ ଡେଏରିକୁ ଚାଷୀ ପ୍ରତ୍ୟହ ୧୫ ହଜାର ଲିଟର କ୍ଷୀର ଯୋଗାଉଥିବା ବେଳେ ଦୁଇଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେଉଥିବା ଓଡ଼ିଶାର ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଚାଷୀ ଆଉ କ୍ଷୀର ଆଣିବାକୁ ଆଗ୍ରହ ଦେଖାଉନାହାନ୍ତି। ବିଭାଗୀୟ ଅବହେଳା ଓ ଉଦାସୀନତା ଯୋଗୁ ଆମକୁ ଦୁଗ୍ଧ ଚାଷପାଇଁ କିଛି ପ୍ରୋତ୍ସାହନ ନ ମିଳିବାରୁ ଆମେ ଏହି ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉନାହୁଁ। ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ କ୍ଷୀର ଦେଉଛୁ ବୋଲି କହିଛନ୍ତି ସ୍ଥାନୀୟ ଅଞ୍ଚଳର ଚାଷୀ ଆର. ରାଜା ରାଓ ଏବଂ ରାଘବ ସାହୁ। ସେମାନେ କହିଛନ୍ତି ଯେ, ଓଡ଼ିଶା ପ୍ରକ୍ରିୟାକରଣ କେନ୍ଦ୍ରରେ କ୍ଷୀର ଦେଲେ ତାହାର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୨୫ ଟଙ୍କା, ୩୦ ଟଙ୍କା ଓ ୩୬ ଟଙ୍କା ମିଳୁଥିଲା। ଏବେ ଆନ୍ଧ୍ରର ପ୍ରକ୍ରିୟାକରଣ କେନ୍ଦ୍ରକୁ ଦେଲେ ଅଧିକ ଟଙ୍କା ମିଳୁଛି। ସେମାନେ କ୍ଷୀରର ମାନ ଯାଞ୍ଚ କରି ଆମକୁ ଲିଟର ପିଛା ୪୫ ଟଙ୍କା, ୫୫ ଟଙ୍କା ଓ ୬୫ ଟଙ୍କା ଦେଉଛନ୍ତି ବୋଲି ଉଭୟେ କହିଛନ୍ତି।

ଏକଦା ୧୦ ହଜାର ଲିଟର କ୍ଷୀର ଆସି ପ୍ରକ୍ରିୟାକରଣ ହେଉଥିବା ପାରଳାଖେମୁଣ୍ଡିର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ରକୁ ଏବେ ମାତ୍ର ୧୦୦ ଲିଟର କ୍ଷୀର ପ୍ରକ୍ରିୟାକରଣକୁ ଆସୁଛି ବୋଲି କହନ୍ତି କାର୍ଯ୍ୟରତ ୨ କର୍ମଚାରୀ ମୁକୁନ୍ଦ କୁମ୍ଭ ଓ ପ୍ରଶାନ୍ତ କୁମାର। ଆନ୍ଧ୍ରର ଦୁଗ୍ଧ ପ୍ରକ୍ରିୟାକରଣ କେନ୍ଦ୍ର ଦ୍ୱାରା ଚାଷୀଙ୍କୁ ଲିଟର ପିଛା ଅଧିକ ଟଙ୍କା ଦିଆଯାଉଥିବା ସମ୍ପର୍କରେ ଅତିରିକ୍ତ ଜିଲାପାଳ (ଭାରପ୍ରାପ୍ତ) ମୁନିନ୍ଦ୍ର ହେନେଗାଙ୍କୁ ପଚରାଯିବାରୁ ଏଦିଗରେ ଅନୁଧ୍ୟାନ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ଅଙ୍ଗନୱାଡ଼ିରେ ତେଲ ବୋର୍ଡ ଲଗାଇବାକୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ଭୁବନେଶ୍ୱର,୩୦।୧୧(ରବିନାରାୟଣ ଜେନା)

## ସରକାରଙ୍କୁ ଶିଶୁଙ୍କ ସ୍ୱାସ୍ଥ୍ୟ ଚିନ୍ତା

ରାଜ୍ୟରେ ଶିଶୁ, କିଶୋରୀଙ୍କ ସ୍ୱାସ୍ଥ୍ୟକୁ ନେଇ ସରକାର ଚିନ୍ତା ପ୍ରକଟ କରିଛନ୍ତି। ଦୈନନ୍ଦିନ ଶିଶୁ ଓ କିଶୋରୀମାନେ ଖାଉଥିବା ଖାଦ୍ୟରେ ତେଲ ପରିମାଣକୁ ହ୍ରାସ କରିବାକୁ ସରକାର ଗୁରୁତ୍ୱ ଦେଇଛନ୍ତି। ଶିଶୁମାନେ କେଉଁ ଖାଦ୍ୟ ଓ କେତେ ଖାଦ୍ୟ ଖାଇବେ ଏବଂ କେତେ ପରିମାଣର ତେଲ ଖାଇବା ଆବଶ୍ୟକ ସେନେଇ ବିଭିନ୍ନ ଅନୁଷ୍ଠାନରେ ତେଲ ବୋର୍ଡ ଲଗାଇବାକୁ ମହିଳା ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ଶନିବାର ଏକ ନିର୍ଦ୍ଦେଶନାମା ସବୁ ଜିଲାପାଳଙ୍କୁ ଜାରି ହୋଇଛି।

ସେଥିରେ ବିଭାଗୀୟ ଅତିରିକ୍ତ ସଚିବ ସ୍ୱୟଂପ୍ରଭା ମହାନ୍ତି ଉଲ୍ଲେଖ କରିଛନ୍ତି, ଶିଶୁ ଓ କିଶୋରୀଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟ ସମ୍ବନ୍ଧୀୟ ଅଭ୍ୟାସକୁ ନେଇ ସରକାର ଏକ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ନିଷ୍ପତ୍ତିକ୍ରମେ ଏଣିକି ଅଙ୍ଗନୱାଡ଼ି କେନ୍ଦ୍ର, ଶିଶୁ ଯତ୍ନ କେନ୍ଦ୍ର, ୱାନ୍ ଷ୍ଟପ୍ ସେଣ୍ଟର, ଶକ୍ତି ସଦନ ଏବଂ ଅନ୍ୟ ଆବାସିକ ଅନୁଷ୍ଠାନଗୁଡ଼ିକରେ ତେଲ ବୋର୍ଡ ଲାଗିବ। ଏଥିରେ ପ୍ରତିଦିନ ଖାଦ୍ୟରେ ଲୁଚି ରହିଥିବା ଫ୍ୟାଟ୍ ଏବଂ ତେଲ ସମ୍ପର୍କରେ ସୂଚନା ଦିଆଯିବ। ଏହା ବଢୁଥିବା ମେଦବହୁଳତା ଏବଂ ଅଣସଂକ୍ରାମକ ରୋଗଗୁଡ଼ିକର ମୁକାବିଲା କରିବାରେ ବିଶେଷ ଭାବେ ସହାୟକ ହୋଇପାରିବ। ତେଣୁ ତୁରନ୍ତ ଏଦିଗରେ ଧ୍ୟାନଦେଇ ତେଲ ଡିସ୍‌ପ୍ଲେ-ବୋର୍ଡ ଲଗାଇବା ଦିଗରେ ପଦକ୍ଷେପ ନେବାକୁ ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।







ନୀରବ ରହିବା ଓ ନିଜର ଉଦ୍ଦେଶ୍ୟକୁ ପ୍ରକଟ ନ କରିବା ଗୋଟାଏ କଥା କିନ୍ତୁ ଉଦ୍ଦେଶ୍ୟ ନେଇ କିଛି କରିଥିବା ସ୍ଥଳେ- ମୁଁ ତାହା କରି ନାହିଁ ବୋଲି କହିବାଟା ନୀରବତା ନୁହେଁ- ଏହା ହିଁ ମିଥ୍ୟାଚାର। -ଶ୍ରୀମା

-ମୋକ୍ଷଦା ଏକାଦଶୀ
ଓ ହଳ ନିଷେଧ



# ୮.୨ ଜିଡିପି

ଭାରତୀୟ ଅର୍ଥନୀତି ଜୁଲାଇ-ସେପ୍ଟେମ୍ବର ତ୍ରୈମାସିକରେ ଅତି ଭଲ ପ୍ରଦର୍ଶନ କରିଥିବା ସଂକ୍ରାନ୍ତ ଏକ ରିପୋର୍ଟ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ ପକ୍ଷରୁ ୨୮ ନଭେମ୍ବରରେ ପ୍ରକାଶ ପାଇଛି। ଏହି ସମୟ ଅବଧିରେ ଭାରତର ଆର୍ଥିକ ଅଭିବୃଦ୍ଧି ୮.୨ ପ୍ରତିଶତ ରହିଥିବା ଦର୍ଶାଯାଇଛି, ଯାହା ଗତ ୬ଟି ତ୍ରୈମାସିକ ମଧ୍ୟରେ ଏହା ସର୍ବାଧିକ ବୋଲି କୁହାଯାଉଛି। ଉତ୍ପାଦନ ବୃଦ୍ଧି ଓ ସେବା କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ ଯୋଗୁ ଏଭଳି ସକାରାତ୍ମକ ଫଳ ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ଏହି ରିପୋର୍ଟ ପ୍ରକାଶ ପାଇବା ସହ ଜୁଲାଇ-ସେପ୍ଟେମ୍ବର ତ୍ରୈମାସରେ ଚାଇନାର ଆର୍ଥିକ ଅଭିବୃଦ୍ଧି ୪.୮ ପ୍ରତିଶତ ରହିଥିବା ସୂଚନା ଦିଆଯାଇଛି। ଏଠାରେ ଚାଇନାର ଅଭିବୃଦ୍ଧି ପ୍ରତିଶତ ସହ ଭାରତର ତଥ୍ୟ ତୁଳନାତ୍ମକ ଭାବେ ପ୍ରଦାନ କରାଯିବା ପଛରେ ନିହିତ ଥିବା ଲକ୍ଷ୍ୟଟି ବୁଝି ହେଉଛି ବୋଲି କୁହାଯାଇପାରେ। ବାସ୍ତବରେ ଭାରତର ତଥ୍ୟ ଉପରେ ଆଧାରିତ ସଂଖ୍ୟା କୌଣସି ଭାବେ ଅନ୍ୟ ବୃହତ୍ ଦେଶ ସହିତ ତୁଳନା କରାଯାଇ ପାରିବ ନାହିଁ। ଉଦାହରଣ ସ୍ୱରୂପ ୨୦୨୫-୨୬ରେ ଆମେରିକାର ଅର୍ଥନୀତି ୩୦.୪ ଟ୍ରିଲିୟନ ଡଲାର ହୋଇଥିବା ବେଳେ ଚାଇନାର ଅର୍ଥନୀତି ୧୯.୬ ଟ୍ରିଲିୟନ ଆମେରିକୀୟ ଡଲାର ରହିଛି। ସେହି ତୁଳନାରେ ଭାରତର ଅର୍ଥନୀତି ମାତ୍ର ୪.୩ ଟ୍ରିଲିୟନ ଡଲାରରେ ଅଛି ବୋଲି ସରକାରୀ ତଥ୍ୟ ପ୍ରକାଶ କରୁଛି। ଏଥିରୁ ବୁଝିବାକୁ ହେବ ଯେ, ଗୋଟେ କ୍ଷୁଦ୍ର ଅର୍ଥନୀତିରେ ବିରାଟବଡ଼ ସଂଖ୍ୟାର ପ୍ରତିଶତ ବୃହତ୍ ଅର୍ଥନୀତିର କ୍ଷୁଦ୍ର ସଂଖ୍ୟାର ପ୍ରତିଶତ ସହିତ ତୁଳନା କଲେ ତାହା ଅର୍ଥନୀତିର ମୂଳମନ୍ତ୍ର ଅବୁଝା ରହିଯିବ। ଅନ୍ୟ ଶବ୍ଦରେ କହିଲେ ସମକକ୍ଷ ଅର୍ଥନୀତି ସହିତ ତୁଳନା କରାଯାଇପାରେ। ବିଶ୍ୱ ସ୍ତରରେ ଚାଇନା ଅର୍ଥନୀତିର ଏକ ବିରାଟ ପ୍ରଭାବ ରହିଛି। ତେଣୁ ତାହାର ଅଭିବୃଦ୍ଧି ହାର କମ୍ ହୋଇଥିବା ଦର୍ଶାଯାଇ ଭାରତର ଅର୍ଥନୀତିକୁ ଉଚ୍ଚା କରି ଦେଖାଇଦେଲେ ସେସବୁ ସାଧାରଣ ଭାରତୀୟଙ୍କ ଦ୍ୱାରା ଗ୍ରହଣୀୟ ହୋଇଯାଉଛି। କାରଣ ଭାରତୀୟଙ୍କର ସାଧାରଣ ଅର୍ଥନୀତି ସଂକ୍ରାନ୍ତ ଜ୍ଞାନ ଅତ୍ୟନ୍ତ ସୀମିତ। ଦେଖାଯାଇଛି ଭାରତୀୟମାନେ ଦୁଇଟି ବିଷୟରେ ବେଶି ଖୁସି ହୋଇଥାଆନ୍ତି ଯେତେବେଳେ ସାମରିକ କଥା ଉଠିଲେ ପାକିସ୍ତାନକୁ ନୀଚା କରି ଦେଖାଯାଇଥାଏ ଏବଂ ଚାଇନାର ଆର୍ଥିକ ଶକ୍ତି ହ୍ରାସ ହୋଇଥିବା ଆଲୋଚନା ହୁଏ। ଏହା ମଣିଷର ଈର୍ଷାକୁ ପ୍ରଦର୍ଶନ କରିବାଛଡ଼ା ଅନ୍ୟ କୌଣସି କାର୍ଯ୍ୟରେ ସାହାଯ୍ୟ କରେନାହିଁ।

ହଟ୍‌ମେଲ୍ ଡଟ୍ କମ୍ (ବର୍ତ୍ତମାନ ଆଉଟ୍‌ଲୁକ୍ ଡଟ୍ କମ୍)ର ସ୍ରଷ୍ଟା ସବୀର ଭାଟିଆ ଗତ ସପ୍ତାହରେ ମତ ପ୍ରକାଶ କରିଛନ୍ତି ଯେଉଁଥିରେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ଭାରତର ମୋଟ ଘରୋଇ ଉତ୍ପାଦ (ଜିଡିପି) ଆକଳନ ପଦ୍ଧତି ସମ୍ପୂର୍ଣ୍ଣ ଭାବେ ତ୍ରୁଟିପୂର୍ଣ୍ଣ। ବାସ୍ତବ ସଂଖ୍ୟା ଏହି ଦେଶରେ ଜାଣିବା କଷ୍ଟକର ହେଉଛି, କାରଣ ଅସତ୍ୟକୁ ବାରମ୍ବାର ତଥ୍ୟ ଭାବେ ଦର୍ଶାଯାଇ ଭାରତୀୟଙ୍କୁ ଚତୁର୍ଥ ବୃହତ୍ ବିଶ୍ୱ ଅର୍ଥନୀତି ଭାବେ ପ୍ରଦର୍ଶନ କରାଯାଉଛି। ଯେତେବେଳେ ବାସ୍ତବ ତଥ୍ୟ ଲୋକଲୋଚନକୁ ଆସିବ ଏବଂ ଦେଶର ନାଗରିକ ଏହିସବୁ ତଥ୍ୟକୁ ପ୍ରଶ୍ନ କରିପାରିବେ ସେତେବେଳେ ଚିତ୍ର ସ୍ପଷ୍ଟ ହୋଇପାରିବ। ନଚେତ୍ ସବୁବେଳେ ଭୁଲ ତଥ୍ୟରେ ବୁଡ଼ିରହିଲେ ସମ୍ପୂର୍ଣ୍ଣ ଦେଶର ପ୍ରକୃତ ଉନ୍ନତି ଘଟିବ ନାହିଁ ଓ ଗଣତନ୍ତ୍ର ମଧ୍ୟ କ୍ଷତିଗ୍ରସ୍ତ ହେବ। ଏହାକୁ ବୁଝିବାର ଏକ ସହଜ ମାପକାଠି ହୋଇପାରେ ଯେଉଁ ୮୦ କୋଟି ଭାରତୀୟଙ୍କୁ ବିନା ମୂଲ୍ୟରେ ମାସିକ ୫ କେଜି ଚାଉଳ ଦେବାର ଘୋଷଣା କରିବାକୁ ସରକାର ବାଧ୍ୟ ହୋଇଛନ୍ତି। ଏହାସହିତ ନିର୍ବାଚନ ପ୍ରଚାର ସମୟରେ ଯେତେବେଳେ ଶାସକ ଦଳ ପକ୍ଷରୁ ମହିଳା ଭୋଟରଙ୍କୁ ଆକର୍ଷିତ କରିବା ପାଇଁ ୧୦ ହଜାର ଟଙ୍କା (ପ୍ରାୟ ୧୧୨ ଆମେରିକୀୟ ଡଲାର) ହାତଗୁଞ୍ଜା ରାଜକୋଷରୁ ଦେବାର ଘୋଷଣା କରାଯାଉଛି। ପ୍ରତିବର୍ଷ ୧୦ ହଜାର ଟଙ୍କା ଅର୍ଥ ହେଉଛି ଦୈନିକ ମାତ୍ର ୨୭ ଟଙ୍କା ଘୁସ୍ ଦେଇ ଭୋଟ କିଣାଯାଇ ପାରୁଛି। ତେଣୁ ସେହି ମହିଳାମାନଙ୍କର ଅର୍ଥନୈତିକ ସ୍ଥିତି କିଭଳି ଅଛି ସେ ସମ୍ପର୍କରେ ଏହା ଏକ ସ୍ପଷ୍ଟ ଧାରଣା ସୃଷ୍ଟି କରୁଛି। ଯଦି ଦେଶରେ ଜିଡିପି ବିଶ୍ୱରେ ଚତୁର୍ଥ ବୃହତ୍ ହେଲାଣି ତେବେ ଏଭଳି ସଂଖ୍ୟାରେ ପ୍ରଲୋଭିତ କରାଇ ଭୋଟରଙ୍କୁ ବାଉଳା କରିବାର ପରିସ୍ଥିତି ଉପୁଜନ୍ତା ନାହିଁ।

ଏଠାରେ ଭାରତୀୟ ଅର୍ଥନୀତି ସଂକ୍ରାନ୍ତରେ ପ୍ରକାଶିତ ରିପୋର୍ଟକୁ ଦେଖି କେବଳ ସାଧାରଣ ବୁଦ୍ଧିକୁ ପ୍ରୟୋଗ କରି ଭାବିଲେ ଅନେକଙ୍କ ମନରେ କିଛିଟା ବିରୋଧାଭାସ ସୃଷ୍ଟି ହେଉଥିବ। କାରଣ ୨୭ ଅଗଷ୍ଟରୁ ଭାରତୀୟ ସାମଗ୍ରୀ ଉପରେ ଲଦାଯାଇଥିବା ଅଭୂତପୂର୍ବ ଆମେରିକୀୟ ଟାରିଫ୍ ଓ ଡଲାର ତୁଳନାରେ ଭାରତୀୟ ମୁଦ୍ରାର ମୂଲ୍ୟ ହ୍ରାସ ବିଷୟ ସମସ୍ତେ ଜାଣିଛନ୍ତି। ଯେତେବେଳେ ଭାରତୀୟ ସାମଗ୍ରୀ ଉପରେ ଅତ୍ୟଧିକ ଟାରିଫ୍ ପଡ଼ିବ ସେତେବେଳେ ଭାରତକୁ ଅଧିକ ଡଲାର ଆସିବାର ସ୍ରୋତ ବନ୍ଦ ହେବା ସ୍ୱାଭାବିକ। ଅର୍ଥନୀତିର ନିୟମ ଅନୁଯାୟୀ ଚାହିଦା ଓ ଯୋଗାଣ ବାଧାପ୍ରାପ୍ତ ହେବ। ଭାରତ ଅଧିକ ଡଲାର ଚାହୁଁଥିଲେ ମଧ୍ୟ ତାହା ମିଳିବାର ସମ୍ଭାବନା କ୍ଷୀଣ ହେଉଥିବାରୁ ତାହାର ପ୍ରଭାବ ଅର୍ଥନୀତି ଉପରେ ପଡ଼ିବା ଥୟ। ବର୍ତ୍ତମାନ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୦ ପାଖାପାଖି ଛୁଇଁଲାଣି। ଅର୍ଥାତ୍ ଆମେରିକାର ଏକ ଡଲାର ପାଇବା ଲାଗି ଆମକୁ ୯୦ ଟଙ୍କା ଦେବାକୁ ପଡ଼ିବ। ୨୦୨୬ ମସିହା ପ୍ରଥମ ତ୍ରୈମାସରେ ଆମେରିକୀୟ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୧୦୦ ଛୁଇଁବାର ଲକ୍ଷଣ ଦେଖାଦେଲାଣି। ଏହି ପ୍ରଚ୍ଛଦପଟରେ ଅନ୍ୟ ଏକ ବିଷୟକୁ ଚିନ୍ତା କରାଯାଇପାରେ। ଆମେରିକା ଚାପରେ ଭାରତ ତା'ଠାରୁ ତେଲ ଓ ପ୍ରାକୃତିକ ଗ୍ୟାସ କିଣିବ ବୋଲି ଅନେକ ଆଡ଼ମ୍ବରରେ କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ହରଦୀପ ସିଂ ପୁରୀ ଘୋଷଣା କରିଛନ୍ତି । ଏକ ବୃହତ୍ ଅର୍ଥନୈତିକ ଶକ୍ତି ଏତେ ସହଜରେ ମୁଣ୍ଡ ନୁଆଁଇବାର କାରଣ ନାହିଁ।

ଭାରତରେ ୨୮ ନଭେମ୍ବରରେ ସରକାରୀ ଭାବେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ଜାତୀୟ ଆକାଉଣ୍ଟ ତଥ୍ୟ ପ୍ରକାଶ ପାଇଥିଲା। ଏହାର ଦିନକ ପୂର୍ବରୁ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମ୍‌ଏଫ୍) ତା'ର ବାର୍ଷିକ ସମୀକ୍ଷାରେ ଭାରତର ଜିଡିପି ସମେତ ଜାତୀୟ ଆକାଉଣ୍ଟ ପରିସଂଖ୍ୟାନକୁ 'ସି' ଗ୍ରେଡ୍ ପ୍ରଦାନ କରିଥିଲା। ଆଇଏମ୍‌ଏଫ୍ ଭାଷାରେ ଏହା ଦ୍ୱିତୀୟ ସର୍ବନିମ୍ନ ଗ୍ରେଡ୍ । ଏଥିରୁ ବୁଝିବାକୁ ହେବ ଯେ, ଭାରତରେ ବଢ଼ାଇକରି ଦିଆଯାଉଥିବା ତଥ୍ୟ କେବଳ ବାସ୍ତବରେ ଅନୁଭୂତ ଅର୍ଥନୈତିକ ଅସ୍ୱାଭାବିକତାରୁ ଲୋକଙ୍କୁ ଦୂରେଇ ରଖିବା ଲାଗି ସଘନ ପ୍ରୟାସ କରାଯାଉଛି।

su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 2 | | | | | 8 | |
| | | 5 | | 7 | | | | |
| | | 6 | 4 | | 2 | | | 9 |
| 9 | 6 | | 1 | | | 8 | | |
| | 8 | | | | | 1 | 5 | |
| 2 | | | | | | | | |
| | | | 6 | 5 | | | 3 | |
| | | | | 3 | | 2 | | |
| | 1 | | 7 | | 9 | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 8 | 4 | 3 | 6 | 7 | 9 | 2 |
| 4 | 2 | 6 | 9 | 1 | 7 | 5 | 3 | 8 |
| 9 | 7 | 3 | 5 | 2 | 8 | 1 | 4 | 6 |
| 2 | 4 | 1 | 7 | 9 | 5 | 6 | 8 | 3 |
| 7 | 8 | 9 | 3 | 6 | 1 | 2 | 5 | 4 |
| 6 | 3 | 5 | 8 | 4 | 2 | 9 | 7 | 1 |
| 8 | 5 | 2 | 6 | 7 | 4 | 3 | 1 | 9 |
| 3 | 6 | 7 | 1 | 8 | 9 | 4 | 2 | 5 |
| 1 | 9 | 4 | 2 | 5 | 3 | 8 | 6 | 7 |

ଗତକାଲିର ଉତ୍ତର



# ଶ୍ରମ ସଂହିତା: ଶ୍ରମିକଙ୍କ ପାଇଁ ମୃତ୍ୟୁଘଣ୍ଟି

ଭାଲଚନ୍ଦ୍ର ଷଡ଼ଙ୍ଗୀ

ନଭେମ୍ବର ୨୧ ତାରିଖରେ କେନ୍ଦ୍ର ସରକାର ଦେଶରେ ଚାରୋଟି ନୂଆ ଶ୍ରମ ସଂହିତା (ଲେବର କୋଡ୍) ଲାଗୁ କରିଛନ୍ତି। କୋଭିଡ୍ ସମୟରେ ଯେତେବେଳେ ଦେଶରେ ସମସ୍ତ ପ୍ରକାର ରାଜନୈତିକ କାର୍ଯ୍ୟକଳାପ ବନ୍ଦ ଥିଲା ଏବଂ ସଂସଦରେ ବିରୋଧୀ ଦଳ ଅନୁପସ୍ଥିତ ଥିଲେ, ତା'ରି ସୁଯୋଗରେ ସରକାର ତରବରିଆ ଭାବେ ଏହି ଚାରୋଟି ଶ୍ରମ ସଂହିତାକୁ ଗୃହୀତ କରାଇଥିଲେ। ତେବେ ଶ୍ରମିକ ସଂଗଠନମାନଙ୍କ ବିରୋଧ ତଥା ଅନୁକୂଳ ରାଜନୈତିକ ପରିସ୍ଥିତି ଅଭାବରୁ ତା'କୁ ଏଯାଏ ଲାଗୁ କରିପାରୁ ନଥିଲେ। ସମ୍ଭବତଃ ବିହାର ନିର୍ବାଚନରେ ଆଶାତୀତ ସଫଳତା ପାଇବା ପରେ ମୋଦି ସରକାର ଏହାକୁ ପ୍ରକୃଷ୍ଟ ସମୟ ବୋଲି ଭାବି ଦୀର୍ଘ ଚାରିବର୍ଷର ବ୍ୟବଧାନ ପରେ ତା'କୁ ଲାଗୁ କରିବାକୁ ସାହସ କରିଛନ୍ତି।

ବ୍ରିଟିଶ୍ ଶାସନ କାଳରୁ ଏଯାଏ ଦେଶର ଶ୍ରମିକ ଶ୍ରେଣୀର ଦୀର୍ଘ ସଂଗ୍ରାମ ଓ ବଳିଦାନ ଫଳରେ ଅର୍ଜିତ ୨୯ଟି କଷ୍ଟଲବ୍ଧ ଶ୍ରମ ଆଇନକୁ ସମାପ୍ତ କରି ଚାରୋଟି ଶ୍ରମ ସଂହିତା ପ୍ରଣୟନ କରାଯାଇଛି। ପ୍ରଥମଟି ହେଲା, ମଜୁରି ସଂହିତା। ଏହା ମାଧ୍ୟମରେ ଶ୍ରମିକଙ୍କୁ ନ୍ୟୂନତମ ମଜୁରି ନ ଦେବା ପାଇଁ ମାଲିକଙ୍କୁ ବିଭିନ୍ନ ରାସ୍ତା ଦେଖାଯାଇଛି। ପୂର୍ବରୁ ରହିଥିବା ଆଠଘଣ୍ଟିଆ ଶ୍ରମ ଦିବସ ବଦଳରେ ଏବେ ୮ ଘଣ୍ଟାରୁ ଅଧିକ କାମ କରାଇବା ପାଇଁ ଆଇନଗତ ରାସ୍ତା ଖୋଲିଦିଆଯାଇଛି। ସେଥିପାଇଁ ଓଭର ଟାଇମ୍ ପଇସା ଦେବା ଆଉ ବାଧ୍ୟତାମୂଳକ ନୁହେଁ। ଦ୍ୱିତୀୟଟି ହେଉଛି ବ୍ୟବସାୟିକ ସୁରକ୍ଷା, ସ୍ୱାସ୍ଥ୍ୟ ଓ କାର୍ଯ୍ୟସ୍ଥଳ ସ୍ଥିତି ସଂହିତା। ଏଥିରେ ଅସଂଗଠିତ ଶ୍ରମିକଙ୍କ ପାଇଁ କୌଣସି ବ୍ୟବସ୍ଥା ନାହିଁ। ଦେଶର ଶ୍ରମିକ ଶ୍ରେଣୀର ବଡ଼ ଅଂଶଟି ଏଥିରୁ ବାହାରେ ରହିବେ। ଏହା ଶ୍ରମିକଙ୍କୁ ମାନବିକ କାର୍ଯ୍ୟସ୍ଥଳ ନ ଦେଇ ରଖିପାରିବାକୁ ମାଲିକଙ୍କୁ ସୁଯୋଗ ଦେଉଛି।

ତୃତୀୟଟି ହେଲା, ସାମାଜିକ ସୁରକ୍ଷା ଏବଂ ପେସାଗତ ସୁରକ୍ଷା ସଂହିତା। ଇଏସ୍‌ଆଇ, ପିଏଫ୍, ଗ୍ରାଚୁଇଟି, ପେନ୍‌ସନ, ମାତୃତ୍ୱ ସୁବିଧା ଇତ୍ୟାଦିକୁ ନିଶ୍ଚିତ କରିବା ଆଉ ସରକାର କିମ୍ବା ମାଲିକଙ୍କ ଦାୟିତ୍ୱ ନୁହେଁ। ଏହା କେବଳ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୋଟିଫିକେଶନ ଉପରେ ନିର୍ଭର କରିବ। ଚତୁର୍ଥଟି ହେଲା, ଔଦ୍ୟୋଗିକ ସମ୍ପର୍କ ସଂହିତା। ଏଥିରେ ପୂର୍ବର ଶ୍ରମ ଆଇନଗୁଡ଼ିକୁ ତଥା ଶ୍ରମିକଙ୍କ ଅଧିକାରକୁ ଦୁର୍ବଳ କରାଯିବା ସହିତ ଅଧିକରୁ ଅଧିକ ଶ୍ରମିକଙ୍କୁ ଶ୍ରମ ଆଇନର ପରିଧିରୁ ବାହାରେ ରଖିବାକୁ ଚେଷ୍ଟା କରାଯାଇଛି। ଶ୍ରମ ବିଭାଗକୁ ଏକରକମ ଦନ୍ତହୀନ କରି ଶ୍ରମିକମାନଙ୍କ ଅବାଧ ଶୋଷଣ ପାଇଁ ମାଲିକଙ୍କୁ ଅଖଣ୍ଡ ଅଧିକାର ପ୍ରଦାନ କରାଯଇଛି।

ଗୁରୁତ୍ୱପୂର୍ଣ୍ଣ କଥା ହେଲା, ସରକାର ଶ୍ରମ ସଂସ୍କାର ନାଁରେ ଏତେବଡ଼ ପଦକ୍ଷେପ ନେବା ପୂର୍ବରୁ ଏହାର ସମସ୍ତ ପ୍ରଭାବିତ ପକ୍ଷଙ୍କୁ ବିଶ୍ୱାସକୁ ନେଇନାହାନ୍ତି।



ବିଶେଷକରି ଦେଶର ଅନେକ କୋଟି ଶ୍ରମିକ ଓ ସେମାନଙ୍କ ସଂଗଠନମାନଙ୍କ ମତାମତ ନେବାକୁ ଉଚିତ ମନେକରିନାହାନ୍ତି। ଏପରିକି ଶ୍ରମ କୋଡ୍ ବିରୋଧରେ ଯେତେସବୁ ଆପତ୍ତି ଓ ଅଭିଯୋଗ ଆସିଥିଲା, ସେସବୁକୁ ସମ୍ପୂର୍ଣ୍ଣ ଅଗ୍ରାହ୍ୟ କରି ସରକାର ଏହାକୁ ପ୍ରସ୍ତୁତ କରିଛନ୍ତି। ଶ୍ରମିକ ସଙ୍ଗଠନ ବିଏମ୍‌ଏସ୍‌କୁ ଛାଡ଼ିଦେଲେ ଦେଶର ବାକି ସମସ୍ତ ଶ୍ରମିକ ସଙ୍ଗଠନ ଏହାର ତୀବ୍ର ବିରୋଧ କରିଆସୁଛନ୍ତି। ଅତୀତରେ ଏହା ବିରୋଧରେ ଶ୍ରମିକମାନଙ୍କ ତିନି ତିନି ଥର ସର୍ବଭାରତୀୟ ଧର୍ମଘଟ ଆୟୋଜିତ ହୋଇଛି। ତେବେ ସରକାର କାହାରି କଥାରେ ଓ ସ୍ୱାର୍ଥରେ ଏହି ତଥାକଥିତ ଶ୍ରମ ସଂସ୍କାର କରିବାକୁ ଯାଉଛନ୍ତି? ଶ୍ରମିକ ଶ୍ରେଣୀର ସ୍ୱାର୍ଥରେ ତ ବିଲ୍‌କୁଲ୍ ନୁହେଁ, ବରଂ କର୍ପୋରେଟ୍ ଶ୍ରେଣୀର ସ୍ୱାର୍ଥରେ ଏହି ସଂସ୍କାର ହେବାକୁ ଯାଉଛି। ସେଇଥିପାଇଁ ହିଁ 'ବ୍ୟବସାୟ ପାଇଁ ଅନୁକୂଳ ବାତାବରଣ ତିଆରି କରିବା' ଚାରୋଟି ଶ୍ରମ କୋଡ୍ ଆଣିବାର ଅନ୍ୟତମ ଉଦ୍ଦେଶ୍ୟ ବୋଲି ସରକାର ଅତୀତରେ ସ୍ୱୀକାର ମଧ୍ୟ କରିଛନ୍ତି।

ଏହା ସତ ଯେ ଦେଶରେ ପୂର୍ବରୁ ଥିବା ଶ୍ରମ ଆଇନଗୁଡ଼ିକ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନଥିଲା। ସେସବୁ ଆଇନରେ ରହିଥିବା ଅଧିକାରଗୁଡ଼ିକୁ ପାଇବାକୁ ଦେଶର ଶ୍ରମିକ ଶ୍ରେଣୀକୁ ସଂଘର୍ଷ କରିବାକୁ ପଡୁଥିଲା। କିନ୍ତୁ ସେସବୁ ଆଇନର ଏକାଧିକ ସୀମାବଦ୍ଧତା ସତ୍ତ୍ୱେ ତାହା ଶ୍ରମିକଙ୍କ ହାତରେ ଏକ ଆଇନଗତ ହତିଆର ଭାବେ ରହିଥିଲା। ଶ୍ରମିକଙ୍କୁ ଅନେକ ମାତ୍ରାରେ ସୁରକ୍ଷା ଦେଇଆସୁଥିଲା। ସେଥିରେ ଶ୍ରମିକଙ୍କ ମଜୁରି ବା ଦରମା, କାମର ସମୟ, ସାମାଜିକ ସୁରକ୍ଷା, ଶିଳ୍ପ ପରିସରରେ ଶ୍ରମିକଙ୍କ ସୁରକ୍ଷା, ନିରୀକ୍ଷଣ ଏବଂ ତାଙ୍କ ଦାବି ଓ ଅଧିକାର ପାଇଁ ଆଲୋଚନା କରିବାର ସୁଯୋଗ ଥିଲା। କିନ୍ତୁ ସେଇ ସମସ୍ୟା ବା ସୀମାବଦ୍ଧତାଗୁଡ଼ିକ ସୁଧାରିବା ପରିବର୍ତ୍ତେ କେନ୍ଦ୍ର ସରକାର ଯେଉଁ ଶ୍ରମ ସଂହିତା ଆଣିଛନ୍ତି, ତାହା ଶ୍ରମ ଆଇନକୁ ଅଧିକ ଦୁର୍ବଳ କରିଦେଇଛି। ପୂର୍ବର ଆଇନରେ ଯେଉଁ ଅଧିକାରଗୁଡ଼ିକ ଶ୍ରମିକମାନଙ୍କୁ ପ୍ରଦାନ କରାଯାଇଥିଲା, ସେଗୁଡ଼ିକ ନୂଆ କୋଡ୍‌ରେ ଛଡ଼େଇ ନିଆଯାଇଛି।

ନୂଆ ଶ୍ରମ ସଂହିତା ଫଳରେ ଶିଳ୍ପରେ ପୁଞ୍ଜିନିବେଶ ବଢ଼ିବ ଏବଂ ଚାକିରି ସୃଷ୍ଟି ହେବ ବୋଲି ସରକାରଙ୍କ ଦାବି ସମ୍ପୂର୍ଣ୍ଣ ଭିତ୍ତିହୀନ। ସେହିପରି ଶ୍ରମିକମାନେ ଏଣିକି ସର୍ବନିମ୍ନ ମଜୁରି, ନିୟମିତ ମଜୁରି ଓ ନିଯୁକ୍ତିପତ୍ର ପାଇବେ ବୋଲି ସରକାର ଯେଉଁ ଦାବି କରୁଛନ୍ତି, ସେସବୁ ପୂର୍ବର ଆଇନରେ ସ୍ପଷ୍ଟ ଭାବେ ରହିଥିଲା। ଅସଲ କଥା ହେଉଛି, ସେସବୁର କାର୍ଯ୍ୟକାରିତା। ଶ୍ରମ ଅଧିକାରର ଉଲ୍ଲଂଘନ ହେଉଛି ନା ନାହିଁ କିମ୍ବା କାରଖାନାରେ ସୁରକ୍ଷା ବ୍ୟବସ୍ଥା ଠିକ୍ ଅଛି ନା ନାହିଁ, ଏଣିକି ଶ୍ରମ ବିଭାଗର ଅଧିକାରୀମାନେ ଆଉ ଚଢ଼ାଉ କିମ୍ବା ନିରୀକ୍ଷଣ କରିପାରିବେ ନାହିଁ। ଏଥିପାଇଁ କେବଳ କମ୍ପାନୀ ପକ୍ଷରୁ ନିଜସ୍ୱ ଘୋଷଣାପତ୍ର ଦିଆଯିବ। ଶ୍ରମ ନିରୀକ୍ଷକମାନେ କେବଳ ସହାୟକ ଭୂମିକା ଗ୍ରହଣ କରିବେ।

ଶ୍ରମ ସଂହିତାର ଅସଲ ଲକ୍ଷ୍ୟ ହେଲା ପୁଞ୍ଜିର ଆକ୍ରମଣ ସାମ୍ନାରେ ଶ୍ରମିକମାନଙ୍କୁ ନିରସ୍ତ୍ର କରିଦେବା। ସେଥିପାଇଁ ଶ୍ରମ ସଂହିତା ଦ୍ୱାରା ଶ୍ରମିକ ସୁରକ୍ଷା ବ୍ୟବସ୍ଥା, ଶ୍ରମିକଙ୍କୁ ଧର୍ମଘଟ କରିବା ଏବଂ ଦାବି ପାଇଁ ଆଲୋଚନା କରିବା ଅଧିକାରକୁ ଶେଷ କରିଦିଆଯାଇଛି। ଠିକା ଶ୍ରମିକଙ୍କ ସ୍ୱାର୍ଥରକ୍ଷା ପାଇଁ ପୂର୍ବରୁ ରହିଥିବା ଠିକା ଶ୍ରମିକ ଉଚ୍ଛେଦନ ଆଇନକୁ ହଟାଇ ଠିକା ପ୍ରଥାକୁ ଆଇନଗତ ମାନ୍ୟତା ଦିଆଯାଇଛି। ଶ୍ରମ ସଂହିତା ଜରିଆରେ ସରକାର ମାଲିକମାନଙ୍କୁ ଶ୍ରମିକଙ୍କ ନିଯୁକ୍ତି ଓ ସୁରକ୍ଷା ଉପରୁ ସମସ୍ତ ଦାୟିତ୍ୱରୁ ମୁକ୍ତ କରିଦେଇଛନ୍ତି। ସେମାନଙ୍କୁ 'ହାୟର ଆଣ୍ଡ୍ ଫାୟାର୍' ଅର୍ଥାତ୍ ଯେତେବେଳେ ଇଚ୍ଛା ନିଯୁକ୍ତ କରିବାକୁ ଓ ଯେତେବେଳେ ଇଚ୍ଛା କାମରୁ ବାହାର କରିବାକୁ ଅଧିକାର ପ୍ରଦାନ କରିଛନ୍ତି। ଏଣିକି ୪୦ ଶ୍ରମିକରୁ କମ୍ କାମ କରୁଥିବା କାରଖାନାକୁ ଦୋକାନ ବୋଲି ଧରାଯିବ ଏବଂ ଅଧିକାଂଶ ରାଜ୍ୟରେ ସେସବୁରେ ୧୨ ଘଣ୍ଟିଆ ଶ୍ରମ ଦିବସ ଲାଗୁ ହୋଇସାରିଛି। ପୂର୍ବରୁ ୧୦୦ ବା ତଦୂର୍ଦ୍ଧ୍ୱ ଶ୍ରମିକ ଥିବା ଶିଳ୍ପରେ ଶ୍ରମିକଙ୍କୁ ଛଟେଇ କରିବାକୁ ହେଲେ ସରକାରୀ ଅନୁମତି ଦରକାର ପଡୁଥିବା ବେଳେ ବର୍ତ୍ତମାନ ସେହି ସଂଖ୍ୟାକୁ ୩୦୦କୁ ବୃଦ୍ଧି କରିଛନ୍ତି। ଅର୍ଥାତ୍ ୩୦୦ ପର୍ଯ୍ୟନ୍ତ ଶ୍ରମିକ ଥିବା କାରଖାନାରେ ଲେ-ଅଫ୍ କିମ୍ବା ଛଟେଇ ପାଇଁ ଆଉ ସରକାରୀ ଅନୁମତି ଦରକାର ନାହିଁ। ଏଠାରେ ଉଲ୍ଲେଖଯୋଗ୍ୟ, ଦେଶର ପ୍ରାୟ ୮୬% କାରଖାନାରେ ୩୦୦ରୁ କମ୍ ଶ୍ରମିକ କାମ କରୁଛନ୍ତି। ଅର୍ଥାତ୍ ୮୬% କାରଖାନାର ଶ୍ରମିକ ସେମାନଙ୍କ ଶ୍ରମ ଅଧିକାରରୁ ବଞ୍ଚିତ ହୋଇ ମାଲିକଙ୍କ ଦୟାରେ କାମ କରିବେ। ଅଧିକରୁ ଅଧିକ ଶ୍ରମିକଙ୍କୁ ୟୁନିୟନ କରିବାରୁ ବଞ୍ଚିତ କରିବା ପାଇଁ ଶ୍ରମିକମାନଙ୍କ ୟୁନିୟନ୍ ଗଠନ ପ୍ରକ୍ରିୟାକୁ ଅଧିକ ଜଟିଳ କରିଦିଆଯାଇଛି। ଏଣିକି ଶ୍ରମିକମାନେ ୬୦ ଦିନର ଆଗୁଆ ନୋଟିସ୍ ବିନା ଧର୍ମଘଟରେ ଯାଇପାରିବେ ନାହିଁ।

ସରକାରଙ୍କ ଶ୍ରମ ସଂହିତା ହେଉଛି ଦେଶର ଶ୍ରମିକ ଶ୍ରେଣୀ ପାଇଁ ମୃତ୍ୟୁଘଣ୍ଟି। ଏହା ଜରିଆରେ ସରକାର ଦେଶୀ ବିଦେଶୀ ପୁଞ୍ଜିପତି ଗୋଷ୍ଠୀଙ୍କୁ ଶ୍ରମିକମାନଙ୍କ ଅବାଧ ଶ୍ରମ ଲୁଟ୍ ଏବଂ ଅତ୍ୟାଚାର କରିବା ପାଇଁ ଏକଚାଟିଆ ଅଧିକାର ଦେଇଛନ୍ତି। ବେପାର ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରିବା ନାଁରେ ଶ୍ରମିକ ଶ୍ରେଣୀକୁ ସମ୍ପୂର୍ଣ୍ଣ ଅଧିକାରହୀନ କରି ପୁଞ୍ଜିପତିଙ୍କ ସୁପର ଲୁଟ୍ ପାଇଁ ପରିବେଶ ସୃଷ୍ଟି କରିବାକୁ ଏହା ଅଭିପ୍ରେତ ।

ମୋ: ୯୪୩୭୧୬୬୩୯୧



# ହୁକପକା ପୁରସ୍କାର

ଧ୍ରୁବ ଚରଣ ଘିବେଲା

ପୁରସ୍କାର ପୁଣି ହୁକପକା। ଏ ଶୀର୍ଷକ କାହାକୁ ଅଡୁଆ ଲାଗୁଥାଇ ପାରେ। ହେଲେ କଥାଟିରେ ମିଛ ନାହିଁ। ପୁରସ୍କାର କେଉଁଠି ଛିଣ୍ଡି ବା ଛଡ଼େଇ ନିଆଗଲେ ହୁକପକା ପୁରସ୍କାର କଥା ମନକୁ ଢୁକିଥାଏ। ପୁରସ୍କାର ବିକଳିଆଙ୍କ ପାଇଁ ପୁରସ୍କାରର ମହତ୍ତ୍ୱ ତଥା ଗୁରୁତ୍ୱ ବୋଧହୁଏ ସବୁବେଳେ ରହିଥାଏ ବୋଲି ପୁରସ୍କାର ପଛରେ ରହିଥାନ୍ତି ସେମାନେ। ଖାଲି ରହି ନ ଥାନ୍ତି ପୁରସ୍କାର ପଛରେ ରୀତିମତ ଗୋଡ଼ାଇଥାନ୍ତି। ପୁରସ୍କାର ପାଇବା ପାଇଁ ଚେଷ୍ଟାରେ ରହନ୍ତି। ବିଶେଷ କରି ସାହିତ୍ୟ ପୁରସ୍କାର କ୍ଷେତ୍ରରେ ସାହିତ୍ୟ ସାଧନାରେ ରହିବା ଅପେକ୍ଷା ସାହିତ୍ୟକ୍ଷେତ୍ରର ଫଳ ପୁରସ୍କାର ତୋଳିବା ଲକ୍ଷ୍ୟରେ ରହନ୍ତି। ଏମିତି କ'ଣ କିଛି ଲେଖି କିଛି ଅର୍ଥ ଅଛି ବୋଲି କିଛି ଲେଖାକୁ ନେଇ ସଂକଳିତ କରି ବହି ଛପେଇ ବଡ଼ ଲେଖକର ମୋହର ନିଜଠି ବସାଇବା ପାଇଁ କୌଣସି ବଡ଼ ପୁରସ୍କାର ସନ୍ଧାନରେ ବି ଥାଆନ୍ତି। ପୁରସ୍କାର ହାତେଇ ନାଁ କମେଇବା ମାନସିକତା ରଖି ପୁରସ୍କାର ସଂଗ୍ରହ ଅଭିଯାନରେ ବର୍ଷ ତମାମ ଲାଗି ପଡ଼ନ୍ତି। ବଡ଼ ପୁରସ୍କାରର ଡକ୍ୟୁମେଣ୍ଟେଶନ ତିଆରି ପାଇଁ ଏଠୁ ସେଠୁ ସାନ ସାନ ପୁରସ୍କାର ଗୋଟାନ୍ତି। ଆଜିକାଲି କିଛି ଲେଖକ କସରତ କରି ପୁରସ୍କାର ହାତେଇବା ଯୋଜନା ତିଆରି କରିବା ଧାରାରେ ରହିଛନ୍ତି।

କେଉଁଠୁ କେମିତି ପୁରସ୍କାର ମିଳେ ଆଗ ଅନୁସନ୍ଧାନ କରନ୍ତି ପୁରସ୍କାରପ୍ରିୟ। କେଉଁଠୁ ବଦଳ ସୂତ୍ରରେ ପୁରସ୍କାର ମିଳୁଥିଲେ ସେଇ ସୂତ୍ର ଅନୁସରଣ କରନ୍ତି। ଯାହାଠୁ ପୁରସ୍କାର ଆଣନ୍ତି, ତାକୁ ସେମିତି ପୁରସ୍କାର ଦିଅନ୍ତି। ସାଧାରଣ ଜନଜୀବନରେ ଅଦଳବଦଳ ଧାରା କେବେଠୁ ଚାଲିଆସିଛି। ସାହିତ୍ୟରେ ସେମିତି ପୁରସ୍କାର ଅଦଳବଦଳ କରିବାରେ ଅସଙ୍ଗତି ରହିବ କାହିଁକି ? ଦିଆନିଆ ତ ଚାଲିଛି। ସାହିତ୍ୟରେ ସେମିତି ପୁରସ୍କାର ବଦଳ ଆଜିର ଦିନରେ ଚାଲିଲାଣି। କୁହାବୋଲା କରି, ତେଲ ମାରି ପୁରସ୍କାର ହାତେଇଲେଣି ଚାଲାକଚତୁରମାନେ। ପୁରସ୍କାର କିଣାଯାଉଥିବା କଥା ଶୁଣାଗଲାଣି କେବେଠୁ। ପୁରସ୍କାର ଏବେ ଏକ ସାମଗ୍ରୀ ପାଲଟିଲାଣି। ପୁରସ୍କାର ଗୋଟେ ଦ୍ରବ୍ୟ ହୋଇ ନ ଥିଲେ, ତାକୁ କିଏ ବା କାହିଁକି କିଣନ୍ତା ? ପୁରସ୍କାରକୁ ଏକ ଦ୍ରବ୍ୟ ମନେକରାଯାଉ ନ ଥିଲେ କେମିତି ତା'ର ବିକ୍ରି ହୁଅନ୍ତା, ବିକ୍ରି କରାଯାଆନ୍ତା ? ବିଶେଷ ସାଧନା ନ ଥାଇ, ସାହିତ୍ୟର ଖାସ୍ ସେବକ ନ ହୋଇ ସାହିତ୍ୟ କରିବା ପୁଣି ପୁରସ୍କାରମନସ୍କ ରହି ପୁରସ୍କାର ଛିଣ୍ଡିବା ଦୁର୍ଭାଗ୍ୟଜନକ। କେଉଁଠି ଗଳି ରାସ୍ତା କଡ଼ରେ ଯାଇଥିବା ବିଜୁଳି ତାରରେ ହୁକ ପକେଇ ବିଜୁଳି ଚୋରି କଲାଭଳିଆ ପୁରସ୍କାରକୁ ସେମିତି ହୁକପକେଇ (ନାନା ବିଦ୍ୟା ଆପଣେଇ) ଚୋରି କଲେଣି ପୁରସ୍କାରମନସ୍କମାନେ।

ତେବେ ଗୋଟିଏ କଥା ମନକୁ ଆସେ ସାହିତ୍ୟ କରାଯାଏ କାହିଁକି? ହଁ, ଏହାର ଉତ୍ତର ଦୁଇ ତିନି ପ୍ରକାରର ହୋଇପାରେ। ପ୍ରଥମତଃ ସାହିତ୍ୟ କରାଯାଏ ନିରୁତା ଖୁସି ସାଉଁଟିବା ପାଇଁ। ଏ ମତ ସହ ସଭିଏ ସହମତ ହେବେ ନିଶ୍ଚୟ। ଦ୍ୱିତୀୟ ଉତ୍ତର ରଖାଯାଇପାରେ ସାହିତ୍ୟ କରୁଥିବା ସତୀର୍ଥ ହୋଇପାରନ୍ତି ସାହିତ୍ୟର ସେବକ। ସାହିତ୍ୟ ସେବା କର୍ମରେ ରହି ଖୁସି ଅନୁଭବ କରାଯାଇପାରେ। ପୁଣି ସାହିତ୍ୟ ପୁରସ୍କାର ଛିଣ୍ଡିବା ପାଇଁ କିଏ କିଏ ସାହିତ୍ୟ କରୁଥାଇପାରନ୍ତି। ଉପରୋକ୍ତ ତିନିଟା ଭିତରୁ ପ୍ରଥମ ଦୁଇଟାରେ ଅନେକଙ୍କ ଦ୍ୱିମତ ରହି ନ ପାରେ। ତୃତୀୟ ପଏଣ୍ଟରେ କେହି କେହି ଅମତ ରଖିପାରନ୍ତି। କିନ୍ତୁ ଏଥିରେ ଅତିରଞ୍ଜନ ନାହିଁ। ପୁରସ୍କାର ପାଇଁ ହିଁ କେତେକ ସାହିତ୍ୟ କରନ୍ତି, ଏ କଥା ଜୋର ଦେଇ କହିବାରେ ଅସୁବିଧା ନାହିଁ। କିଛି ଲେଖକ ଦଶ ବର୍ଷ ଭିତରେ ଅନେକ ଶହ ପୁରସ୍କାର ସଂଗ୍ରହ କରିଛନ୍ତି। ଆହୁରି ସଂଗ୍ରହ କରିବା ଧାରାରେ ରହିଛନ୍ତି। ଆଶ୍ଚର୍ଯ୍ୟର କଥା ଆମ ମାଟି ମୂଳକରେ ଏମିତି କିଛି ପୁରସ୍କାରକାଙ୍ଗାଳ ରହିଛନ୍ତି ନିଜେ ତିଆରି କରି ନେଇଥିବା ମାନପତ୍ର ଅନ୍ୟ ମଞ୍ଚରୁ ସଂଗ୍ରହ କରନ୍ତି ମାନେ ସେ ମଞ୍ଚର ଅତିଥିଙ୍କଠୁ ପୁରସ୍କାର ଆକାରରେ ଗ୍ରହଣ କରିଥାନ୍ତି ନିଜକୁ କେବଳ ବିଜ୍ଞାପିତ କରିବା ପାଇଁ। କୁହନ୍ତୁତ, ଏହା କ'ଣ ଅଜବ ମାନସିକତା ନୁହେଁ ? ଏହା ନିଶ୍ଚିତ ଭାବେ ଏକ ରୁଗ୍ଣ ମାନସିକତା ଯାହା ପ୍ରତିଫଳିତ ହୁଏ ପୁରସ୍କାର ଛିଣ୍ଡି ନେବାରେ। ପୁରସ୍କାର ପାଇଁ କାହିଁକି ଏତେ ଆକୁଳତା ବ୍ୟାକୁଳତା ରହେ କେଜାଣି।

ସେ ଭଳିଆ ଲେଖକ ନିଜ ପକେଟ୍‌ରୁ ଅର୍ଥ ଖସେଇ (ଖର୍ଚ୍ଚ କରି) ମଞ୍ଚ ଚଢ଼ିପାରନ୍ତି। ଘୋଷା ଭାଷଣ ଥୁଅନ୍ତି। ବଡ଼ ପୁରସ୍କାର ସ୍ୱପ୍ନରେ ମସ୍‌ଗୁଲ୍ ରହି ସାନ ସାନ ପୁରସ୍କାର ସବୁକୁ ହୁକ ପକାଇ ହଡ଼ପ କରିନିଅନ୍ତି । ସେଇ ବଡ଼ ପୁରସ୍କାର ନ ହେଲେ (ନ ପାଇଲେ) ଯେମିତି ଜୀବନଟା ପାଣିଚିଆ ହୋଇଯିବ। ଅସଲକୁ ପୁରସ୍କାର ପାଇ ପୁରସ୍କାର ହାତେଇ କେହି ଅମର ହୁଅନ୍ତିନି। କାଳଜୟୀ ଲେଖା ଲେଖକକୁ ବଞ୍ଚେଇ ରଖେ। କାଳଜୟୀ ଲେଖା ଲେଖକଙ୍କୁ ଅମର କରେ। ତେବେ ସାହିତ୍ୟ ସାଧନାରେ ନ ରହି କେବଳ ପୁରସ୍କାର ପାଇବା ପାଇଁ ହୁକ ପକାଇବା, ଫନ୍ଦି ଫିକର କରିବା ଅସଙ୍ଗତ କଥା ନୁହେଁ କି ? ଅଯଥା ପୁରସ୍କାରମନସ୍କ ନ ହୋଇ ସାହିତ୍ୟମନସ୍କ ହେବା ବରଂ ବହୁଗୁଣରେ ଭଲ।

ଶେଷକୁ ଏହା କୁହାଯାଇପାରେ, ସାହିତ୍ୟ ଲେଖିବା ଓ ସାହିତ୍ୟ କରିବା ଭିତରେ ଯଦି ସାହିତ୍ୟ କୃତି ପାଇଁ କାହାକୁ ସତ ସଚ୍ଚା ସାହିତ୍ୟ ପୁରସ୍କାର ମିଳିଲା, ସେଇ ଶୁଦ୍ଧ ପବିତ୍ର ପୁରସ୍କାରକୁ ଗ୍ରହଣ କରିବାରେ କେହି କୁଣ୍ଠିତ ହେବା ଉଚିତ ନୁହେଁ। ସେଇ ପୁରସ୍କାରକୁ ଖୁସିରେ ଗ୍ରହଣ କରିବା ଦରକାର। ହୁକପକା ପୁରସ୍କାରଠୁ ବିନା ଧରାକରାର ପୁରସ୍କାର ଆଣିଦେଇଥାଏ ପ୍ରକୃତ ଖୁସି। ଏ ମାଟିରେ ଓଡ଼ିଶା ସାହିତ୍ୟ ଏକାଡେମୀର ପୁରସ୍କାରକୁ ବିଳମ୍ବରେ ଦିଆଯାଇ ପ୍ରତିଭାକୁ ଅସମ୍ମାନିତ କରାଯାଇଥିବାର ଅଭିଯୋଗ ଆଣି ସେ ପୁରସ୍କାରକୁ ଆଗ୍ରହ୍ୟ କରି ପୁରସ୍କାର ଗ୍ରହଣ ନ କରି ବେଶ୍ ଚର୍ଚ୍ଚିତ ହୋଇଛନ୍ତି ଅତୀତରେ ସ୍ୱାଭିମାନୀ ସାହିତ୍ୟିକ। ଆଉ ଏବେ ଯେ ହୁକପକା ପୁରସ୍କାର ଛିଣ୍ଡି ନେଇ ଜାଣି କୁଣ୍ଡୁକୁଣ୍ଡୁ ହେଉଥିବା ଦୁର୍ବଳ ସାଧକ ବି ଏଠି ରହିଛନ୍ତି। ଧନ୍ୟ କହିବା ନିଶ୍ଚୟ ସେଇ ହୁକପକା ପୁରସ୍କାରକାଙ୍ଗାଳଙ୍କୁ !



ବଉଦରାଜ, ବୌଦ୍ଧ
ମୋ: ୯୪୩୭୪୭୮୪୬୬

## ଏଇ ଭାରତରେ

ଗର୍ଭଧାରଣ ସମୟରେ ପୁଷ୍ଟିକର ଖାଦ୍ୟ ଅଭାବରୁ ଭାରତର ବିଭିନ୍ନ ଅଞ୍ଚଳରେ ନବଜାତକଙ୍କ ଓଜନ କମ୍ ରହୁଥିବା ଦେଖାଯାଉଛି। ବିଶେଷକରି ଏହି ସମସ୍ୟା ଆଦିବାସୀ ଅଞ୍ଚଳରେ ଅଧିକ। ତେବେ ଏହାର ସମାଧାନ ପାଇଁ ଛତିଶଗଡ଼ କୋରେଆ ଜିଲାର ଜିଲାପାଳ ଚନ୍ଦନ ରଞ୍ଜନ ତ୍ରିପାଠୀ ଏକ ଭିନ୍ନ ପଦକ୍ଷେପ ନେଇଛନ୍ତି। ଗର୍ଭଧାରଣ ସମୟରେ ପୁଷ୍ଟିହୀନତା ଦୂର କରିବା ସକାଶେ ସେ ଲଡୁ ଯୋଜନା ଚଳାଇଛନ୍ତି। ଏଥିରେ ଗର୍ଭବତୀଙ୍କୁ ପୁଷ୍ଟିକର ଲଡୁ ଖାଇବାକୁ ଦିଆଯାଉଛି। ଫେବୃଆରୀ ୨୦୨୫ରେ ଜିଲାପାଳ 'କୋରେଆ ମୋଡାକ ଲଡୁ' ଯୋଜାନା ଆରମ୍ଭ କରିଥିଲେ। ଅଟା, ଗୁଡ଼, ରାଶି, ବାର୍ଲି ଓ ଘିଅରେ ଲଡୁ କରାଯାଉଛି। ଲଡୁ ଯୋଜନାକୁ ସଞ୍ଚାଳନ କରିବା ସକାଶେ ଜିଲାପାଳ ଏକ ଟିମ୍ ଗଠନ କରିଛନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଟିମ୍ ଗର୍ଭବତୀଙ୍କ ପାଖରେ ପହଞ୍ଚି ଏହି ଲଡୁ ଖାଇବାକୁ କହିବାରୁ ସେମାନେ ଗ୍ରହଣ କରୁ ନ ଥିଲେ। କିନ୍ତୁ ପରିବାରକୁ ଏହାର ଆବଶ୍ୟକତା ସମ୍ପର୍କରେ ବୁଝାଇବା ପରେ ସଫଳତା ମିଳିପାରିଛି। ପ୍ରତିଦିନ ଜଣେ ଗର୍ଭବତୀଙ୍କୁ ଦୁଇଟି ଲଡୁ (ପ୍ରତ୍ୟେକଟିର ଓଜନ ୨୦ଗ୍ରାମ) ଖାଇବାକୁ ଦିଆଯାଉଛି। ଅଙ୍ଗନୱାଡ଼ିକେନ୍ଦ୍ର, ପିଏଚ୍‌ସି ଏବଂ ଆଶାକର୍ମୀଙ୍କ ମାଧ୍ୟମରେ ଲଡୁ ବଣ୍ଟାଯାଉଛି। ସ୍ଥାନୀୟ ଅଞ୍ଚଳର ସ୍ୱୟଂ ସହାୟକ ଗୋଷ୍ଠୀ ଲଡୁ ତିଆରିରେ ସହଯୋଗ କରୁଛନ୍ତି। ଗର୍ଭବତୀମାନେ ଏହି ଲଡୁ ଖାଇବା ପରେ ନବଜାତକଙ୍କ ଓଜନ ଠିକ୍ ରହୁଥିବା ଜିଲାପ୍ରଶାସନ ପକ୍ଷରୁ କୁହାଯାଇଛି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୧ ଡିସେମ୍ବର ୧୯୭୬

- ଦେଶର ୬ ଜଣ ବିଶିଷ୍ଟ ଧାତୁବିଜ୍ଞାନୀ କେନ୍ଦ୍ର ଇସ୍ପାତ ଓ ଖଣି ମନ୍ତ୍ରଣାଳୟ ଦ୍ୱାରା ପୁରସ୍କୃତ।
- ମେଜର ଜେନେରାଲ ଜିୟାଉର ରହମାନ ବାଂଲାଦେଶର ମୁଖ୍ୟ ସାମରିକ ଆଇନ ପ୍ରଶାସକ ନିଯୁକ୍ତ।

## ପାଠକ ଶ୍ରେଷ୍ଠ ବିଚାରକ

### ପରିବା ଦର ଅତିଷ୍ଠ କଲାଣି

ମହାଶୟ,

ପୁରୀ ସହର ସମେତ ଜିଲାର ୧୧ଟି ବ୍ଲକର ଗ୍ରାମାଞ୍ଚଳରେ କେଇଦିନ ତଳେ ଫୁଲକୋବି ୩୦ରୁ ୪୦ ଟଙ୍କା ଓ ବନ୍ଧାକୋବି କେଜି ପିଛା ୪୦ ଟଙ୍କାରେ ବିକ୍ରି ହେଉଛି। ବେଳେବେଳେ ଫୁଲକୋବି ୬୦ ଟଙ୍କାରେ ଓ ବିଲାତି(ଟମାଟୋ) ୩୦ ଟଙ୍କାରୁ ୪୦ ଟଙ୍କା ହୋଇଯାଉଛି, କେଉଁଠି ୭୦ ଆଉ କେଉଁଠି ୮୦ ଛୁଇଁଯାଉଛି। କାର୍ତ୍ତିକ ଯାଇ ମାର୍ଗଶିରରେ ମଧ୍ୟ ପରିବା ଦର ଖସିବାର ନାଁ ଧରୁନାହିଁ। କଞ୍ଚା ପରିବା ବ୍ୟବସାୟୀ ସଂଘ ସଭାପତି କବିରାଜ ସ୍ୱାଇଁ ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଓଡ଼ିଶାରେ ଏତେବେଳେ ପରିବା ଦର କମ୍ ରହିବା କଥା। କିନ୍ତୁ କୋବି ଅମଳ ହୋଇପାରି ନ ଥିବାରୁ ଓ ବାହାର ରାଜ୍ୟରୁ ଆସୁଥିବା ଟମାଟୋ ଦର ଅଧିକ ରହିଛି। ଚଳିତବର୍ଷ ବିଭିନ୍ନ ପନିପରିବା ଅମଳ ବିଳମ୍ବିତ ହେଉଥିବାରୁ ପୁରୀ ଜିଲାରେ ଏପରି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ମୂଳା ବିଡ଼ା ୩୦ ଟଙ୍କା ବିକ୍ରି ହେବା ସାଙ୍ଗକୁ କୋଶଳା ଶାଗ ବିଡ଼ା ୧୦ରୁ ୧୫ ଟଙ୍କା। ଅନ୍ୟ ପରିବା କିଲୋ ପିଛା ୬୦ରୁ ୮୦ ଟଙ୍କାରୁ ଖସୁନି। ଏପରି ସମସ୍ୟା ଆହୁରି ୧ ମାସ ଯାଏ ଲାଗିରହିପାରେ ବୋଲି କୁହାଯାଉଛି।

-ଦେବଦତ୍ତ ମିଶ୍ର, ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ସେ ମୋର ପ୍ରେମିକା ଦେଖିବାକୁ ମନ ଉଠଇ ମାତି
ତାହାରି ସ୍ୱପନେ ପୂରି ଉଠେ ମୋର ସକଳ ରାତି ।
ତାହାରି ଭାବନା ଭାବ ଭାବି ସଦା ବିତଇ କାଳ
ସୁଖେ ତା'ର ସୁଖୀ ହୁଏଁ ଦୁଃଖ ଦେଖି ଝରଇ ଝାଳ ।
-(ସେହି ମୁଁ ନିଜେ
-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ଭୋଟର ତାଳିକା ସଂଶୋଧନ ସମୟସୀମା ସପ୍ତାହେ ବୃଦ୍ଧି

## ଫେବୃଆରୀ ୧୪ରେ ଚୂଡ଼ାନ୍ତ ତାଲିକା

ନୂଆଦିଲ୍ଲୀ,୩୦।୧୧

ଦେଶର ୯ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଚାଲିଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)ର ସମ୍ପୂର୍ଣ୍ଣ କାର୍ଯ୍ୟସୂଚୀକୁ ନିର୍ବାଚନ କମିଶନ (ଇସି) ସପ୍ତାହେ ବୃଦ୍ଧି କରିଛନ୍ତି। ତଦନୁଯାୟୀ ଚୂଡ଼ାନ୍ତ ଭୋଟର ତାଲିକା ଫେବୃଆରୀ ୧୪ରେ ପ୍ରକାଶ ପାଇବ। ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ଇସି ପୂର୍ବରୁ ବହୁତ କମ୍ ସମୟ ଧାର୍ଯ୍ୟ କରିଥିବାରୁ ଏହା ଜନସାଧାରଣଙ୍କ ସମେତ ତଳସ୍ତରରେ କାର୍ଯ୍ୟ କରୁଥିବା ନିର୍ବାଚନ ଅଧିକାରୀମାନଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ନେଇ ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। ସୋମବାରଠାରୁ ପାର୍ଲାମେଣ୍ଟର ଶୀତ ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ବିରୋଧୀ ଦଳଗୁଡ଼ିକ




ଏସ୍ଆଇଆର୍ ଉପରେ ଆଲୋଚନା ପାଇଁ ନିଷ୍ପତ୍ତି ନେଇଥିବାରୁ ଗୃହରେ ଅଚଳାବସ୍ଥା ସୃଷ୍ଟି ହେବା ସମ୍ଭାବନା ରହିଛି। ଏହା ପୂର୍ବରୁ ଇସି ଏସ୍ଆଇଆର୍ କାର୍ଯ୍ୟସୂଚୀକୁ ସାମାନ୍ୟ କୋହଳ କରିଛନ୍ତି।

ଇସି ରବିବାର ୩ ପୃଷ୍ଠାର ନିର୍ଦ୍ଦେଶନାମା ଜାରି କରି ଚିଠା ଭୋଟର ତାଲିକା ପ୍ରକାଶନ ପାଇଁ ନିର୍ବାଚନ ଅଧିକାରୀମାନଙ୍କୁ ଅଧିକ ଗୋଟିଏ ସପ୍ତାହ ଦେଇଛନ୍ତି। ଭୋଟର ଗଣନା ସମୟସୀମା ଡିସେମ୍ବର ୧୧ ରଖାଯାଇଛି, ଯାହାକି ପୂର୍ବରୁ ଡିସେମ୍ବର ୪ ଥିଲା। ଚିଠା ଭୋଟର ତାଲିକା ଡିସେମ୍ବର ୯ରେ ପ୍ରକାଶ ପାଇବାକୁ ଥିବାବେଳେ ଏହାକୁ ୧୬ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ସେହିପରି ଚୂଡ଼ାନ୍ତ ତାଲିକା ପ୍ରକାଶନ ସମୟ ପୂର୍ବରୁ ଫେବୃଆରୀ ୭ ଧାର୍ଯ୍ୟ ହୋଇଥିବାବେଳେ ଏହାକୁ ଫେବୃଆରୀ ୧୪କୁ ବୃଦ୍ଧି କରାଯାଇଛି। ଭୋଟର ତାଲିକା ସଂଶୋଧନ ଚାଲିଥିବା ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ମୁଖ୍ୟ ନିର୍ବାଚନ ଅଧିକାରୀମାନଙ୍କ ସହ ଆଲୋଚନା ପରେ ଇସି ଉପରୋକ୍ତ ନିଷ୍ପତ୍ତି ନେଇଛନ୍ତି।

ସୂଚନାଯୋଗ୍ୟ, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ, ତାମିଲନାଡୁ, ରାଜସ୍ଥାନ, ମଧ୍ୟପ୍ରଦେଶ, କେରଳ, ପଣ୍ଡିଚେରୀ, ଗୁଜରାଟ, ଗୋଆ, ଛତିଶଗଡ଼, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପରେ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ପାଇଁ ଅକ୍ଟୋବର ୨୭ରେ ନିର୍ବାଚନ କମିଶନ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକର ପ୍ରାୟ ୫୧ କୋଟି ଭୋଟରଙ୍କ ତାଲିକା ସଂଶୋଧନ କରାଯିବ। ତେବେ ସ୍ୱଳ୍ପ ସମୟ ମଧ୍ୟରେ ଏସ୍ଆଇଆର୍ କାର୍ଯ୍ୟ ଶେଷ କରିବାକୁ ଟାର୍ଗେଟ ଦିଆଯାଇଥିବାରୁ ଏଥିରେ ସାମିଲ ଥିବା ଅଧିକାରୀମାନେ କାର୍ଯ୍ୟଚାପର ସମ୍ମୁଖୀନ ହେଉଥିଲେ। ଅତ୍ୟଧିକ କାର୍ଯ୍ୟଚାପ ଯୋଗୁ ଅନ୍ୟୂନ ୪୦ ଜଣ ବୁଥ୍ସ୍ତରୀୟ ଅଧିକାରୀ (ବିଏଲ୍ଓ)ଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ଏସ୍ଆଇଆର୍ କାର୍ଯ୍ୟସୂଚୀକୁ ନେଇ ବିରୋଧୀ ଦଳଗୁଡ଼ିକ ପ୍ରଶ୍ନ ଉଠାଇଥିଲେ। ରବିବାର କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଥିବାରୁ ପୂର୍ବର ଧାର୍ଯ୍ୟ ସମୟସୀମାରେ କାର୍ଯ୍ୟ କରିବା ବାସ୍ତବରେ ସମ୍ଭବ ନୁହେଁ ବୋଲି ଇସି ଜାଣିପାରିଥିବା କଂଗ୍ରେସ ନେତା ପ୍ରମୋଦ ତିୱାରୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ବିହାର ଏସ୍ଆଇଆର୍ ଉପରେ ବିତର୍କ ଦାବି ନେଇ ପାର୍ଲାମେଣ୍ଟର ଗତ ମୌସୁମୀ ଅଧିବେଶନ ବେଳେ ବିରୋଧୀ ଦଳ ହଟ୍ଟଗୋଳ ଜାରି ରଖିବାରୁ ଉଭୟ ଗୃହରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଶୀତ ଅଧିବେଶନ ପାଇଁ ରବିବାର ସରକାର ସର୍ବଦଳୀୟ ବୈଠକ ଡାକିଥିବାବେଳେ ବିରୋଧୀ ଦଳଗୁଡ଼ିକ ଏସ୍ଆଇଆର୍ ଉପରେ ବିତର୍କ ଦାବି କରିବେ ବୋଲି କହିଛନ୍ତି।

# ପାକ୍ ସମର୍ଥିତ ଟେରର ମଡ୍ୟୁଲ୍ ପର୍ଦ୍ଦାଫାଶ

## ୩ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୩୦।୧୧

ଦିଲ୍ଲୀ ପୋଲିସ ରବିବାର ଜାତୀୟ ରାଜଧାନୀରେ ପାକିସ୍ତାନ ସମର୍ଥିତ ଆତଙ୍କବାଦ ମଡ୍ୟୁଲ୍ର ପର୍ଦ୍ଦାଫାଶ୍ କରିବା ସହ ୩ ଜଣ ଆତଙ୍କବାଦୀଙ୍କୁ ଗିରଫ କରିଛି। ଉକ୍ତ ମଡ୍ୟୁଲ୍ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟ କରିବା ସହ ଭାରତର ବିଭିନ୍ନ ରାଜ୍ୟକୁ ଏହା ବ୍ୟାପିଥିବା ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ପକ୍ଷରୁ ସୂଚନା ଦିଆଯାଇଛି। ଗତ ୨୫ ତରିଖରେ ଗୁର୍ଦାସପୁର ସିଟି ଥାନା ସମ୍ମୁଖରେ ଏହି ମଡ୍ୟୁଲ୍ ଏକ ହ୍ୟାଣ୍ଡ ଗ୍ରେନେଡ୍ ଫିଙ୍ଗିଥିଲା ବୋଲି ଅତିରିକ୍ତ ପୋଲିସ କମିଶନର ପ୍ରମୋଦ କୁମାର କୁଶ୍ୱାହା କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ଶାହଜାଦ ଭଟ୍ଟି ନାମକ ଜଣେ ପାକିସ୍ତାନୀ ଗ୍ୟାଙ୍ଗଷ୍ଟର ଉକ୍ତ ଟେରର ମଡ୍ୟୁଲ୍ର ନେତୃତ୍ୱ ନେଉଛନ୍ତି। ସେ ଏବେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍ଆଇ ତରଫରୁ କାର୍ଯ୍ୟ କରୁଛନ୍ତି। ଗିରଫ ହୋଇଥିବା ୩ ଜଣଙ୍କ ମଧ୍ୟରୁ ଜଣେ ପଞ୍ଜାବର ହରଗୁନ୍ପ୍ରୀତ୍ ସିଂ ହୋଇଥିବାବେଳେ ଅନ୍ୟ ୨ ଜଣ ମଧ୍ୟପ୍ରଦେଶ ଡାଟିଆ ଅଞ୍ଚଳର ବିକାଶ ପ୍ରଜାପତି ଏବଂ ଉତ୍ତରପ୍ରଦେଶ ବିଜନୁର୍ର ଅରିଫ୍। ଭଟ୍ଟି ଗୁର୍ଦାସପୁର ସିଟି ଥାନା ସମ୍ମୁଖରେ ହ୍ୟାଣ୍ଡ ଗ୍ରେନେଡ୍ ଆକ୍ରମଣ କାର୍ଯ୍ୟକାରୀ କରାଇଥିବାବେଳେ ସେଥିରେ ଉପରୋକ୍ତ ୩ ଜଣ ସମ୍ପୃକ୍ତ ଥିଲେ। ଏହା ବ୍ୟତୀତ ବିଭିନ୍ନ ସ୍ଥାନକୁ ଏହି ଗ୍ରୁପ୍ ଟାର୍ଗେଟରେ ରଖିବା ସହ ସେଗୁଡ଼ିକର ଭିଡିଓଗ୍ରାଫି କରାଇଥିଲେ। ଭଟ୍ଟି ବିଦେଶରେ ରହି ଉକ୍ତ ଗ୍ରୁପ୍କୁ ନିର୍ଦ୍ଦେଶ ଦେବା ସହ ସିଧାସଳଖ ପରିଚାଳନା କରୁଥିଲେ ବୋଲି ପୋଲିସ କହିଛି।

# ଟ୍ରେନ୍ରୁ ଠେଲିଦେବାରୁ ନୌସେନା ଅଫିସର ସ୍ତ୍ରୀଙ୍କ ମୃତ୍ୟୁ

## ଟିଟିଇଙ୍କ ବିରୋଧରେ ମାମଲା

ନୂଆଦିଲ୍ଲୀ,୩୦।୧୧

ନୌସେନାର ଜଣେ ଅଫିସରଙ୍କ ସ୍ତ୍ରୀ ଆରତୀ ଯାଦବଙ୍କୁ ଚଳନ୍ତା ଟ୍ରେନ୍ରୁ ଠେଲିଦେବାରୁ ତାଙ୍କର ମୃତ୍ୟୁ ଘଟିଛି। ଗତ ୨୬ ତାରିଖରେ ଉତ୍ତରପ୍ରଦେଶର ସମ୍ହୋନ୍ ଏବଂ ଭର୍ଥନା ଷ୍ଟେଶନ ମଧ୍ୟବର୍ତ୍ତୀ ରେଳଲାଇନ୍ରୁ ୩୦ ବର୍ଷୀୟା ଆରତୀଙ୍କ ମୃତଦେହ ମିଳିଥିଲା। ସରକାରୀ ରେଲ୍ୱେ ପୋଲିସ (ଜିଆର୍ପି) ସମ୍ପୃକ୍ତ ଟ୍ରେନ୍ ଟିକେଟ ଯାଞ୍ଚକାରୀ (ଟିଟିଇ) ସନ୍ତୋଷ କୁମାରଙ୍କ ନାମରେ ହତ୍ୟା ମାମଲା ରୁଜୁ କରିଛି। ଏତଲା ଅନୁଯାୟୀ, ଆରତୀ କାନପୁର ସେଣ୍ଟ୍ରାଲରୁ ନୂଆଦିଲ୍ଲୀ ଯିବାକୁ ଥିବାବେଳେ ସେ ଭୁଲ୍ ଟ୍ରେନ୍ରେ ଚଢ଼ିଯାଇଥିଲେ। ତାଙ୍କର ବରାଉନି-


ଆରତୀ ଯାଦବ

ନୂଆଦିଲ୍ଲୀ କ୍ଲୋନ୍ ସ୍ପେଶାଲରେ ଯିବାକୁ ଥିବାବେଳେ ଉକ୍ତ ଟ୍ରେନ୍ ବିଳମ୍ବିତ ହେବାରୁ ସେ ପାଟନା-ଆନନ୍ଦବିହାର ଟର୍ମିନାଲ ଫେୟାର ସ୍ପେଶାଲରେ ଚଢ଼ିଥିଲେ। ଟିଟିଇ ସନ୍ତୋଷ ରିଜର୍ଭ ଟିକେଟକୁ ନେଇ ଆରତୀଙ୍କୁ ଗାଳିଦେବା ସହ ତାଙ୍କ ଲଗେଜ୍ ଫିଙ୍ଗିଦେଇଥିଲେ। ଏହାପରେ ସେ ଆରତୀଙ୍କୁ ଟ୍ରେନରୁ ଠେଲିଦେଇଥିଲେ ବୋଲି ଏତଲାରେ ଅଭିଯୋଗ ହୋଇଛି।

# ସୋନିଆ, ରାହୁଲଙ୍କ ନାଁରେ ସାନି ଏତଲା

## ନ୍ୟାଶନାଲ ହେରାଲ୍ଡ ମାମଲା

ନୂଆଦିଲ୍ଲୀ,୩୦।୧୧

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଅଧିକାରୀଙ୍କ ଅଭିଯୋଗ କ୍ରମେ ନ୍ୟାଶନାଲ ହେରାଲ୍ଡ ମନିଲଣ୍ଡରିଂ ମାମଲାରେ ଦିଲ୍ଲୀ ପୋଲିସର ଅର୍ଥନୈତିକ ଅପରାଧ ଶାଖା କଂଗ୍ରେସ ନେତ୍ରୀ ସୋନିଆ ଗାନ୍ଧୀ ଏବଂ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ସମେତ ୮ ଜଣଙ୍କ ବିରୋଧରେ ସାନି ଏତଲା ଦାଏର କରିଛି। ଏତଲାରେ ସୋନିଆ, ରାହୁଲଙ୍କ ସମେତ ଅନ୍ୟମାନଙ୍କ ବିରୋଧରେ ଆପରାଧିକ ଷଡ଼ଯନ୍ତ୍ର, ସମ୍ପତ୍ତିର ଅସାଧୁ ଦୁରୁପଯୋଗ,


ସୋନିଆ ଗାନ୍ଧୀ
ରାହୁଲ ଗାନ୍ଧୀ

ବିଶ୍ୱାସ ଭଙ୍ଗ ଏବଂ ଠକେଇ ଅଭିଯୋଗ ଲଗାଯାଇଛି। ଇଡିଙ୍କ ଚାର୍ଜଶିଟ୍ ଉପରେ ହସ୍ତକ୍ଷେପ କରିବା ନେଇ ରାଉସ୍ ଆଭେନ୍ୟୁ କୋର୍ଟ ତାଙ୍କ ନିଷ୍ପତ୍ତିକୁ ଶନିବାର ସ୍ଥଗିତ ରଖିଛନ୍ତି। ଏତଲାରେ ସୋନିଆ, ରାହୁଲଙ୍କ ବ୍ୟତୀତ ସୁମନ ଦୁବେ, ସାମ୍ ପିତ୍ରୋଡ଼ା, ୟଙ୍ଗ୍ ଇଣ୍ଡିଆନ୍, ଡୋଟେକ୍ସ ମର୍ଚ୍ଚାଣ୍ଡାଇଜ୍ ପ୍ରା.ଲିଃ, ସୁନୀଲ ଭଣ୍ଡାରୀ ଏବଂ ଆସୋସିଏଟେଡ୍ ଜର୍ନାଲ୍ସ ଲିଃକୁ ଅଭିଯୁକ୍ତ କରାଯାଇଛି।

# କାଲିଫର୍ଣ୍ଣିଆରେ ଗୁଳିକାଣ୍ଡ: ୪ ମୃତ, ୧୦ ଆହତ

ଷ୍ଟକ୍ଟନ୍,୩୦।୧୧

କାଲିଫର୍ଣ୍ଣିଆର ଷ୍ଟକ୍ଟନ୍ ସହରରେ ଥିବା ଏକ ହଲ୍ରେ ଜନ୍ମଦିନ ଉତ୍ସବ ଚାଲିଥିବାବେଳେ ଗୁଳିକାଣ୍ଡ ଘଟି ୪ ଜଣଙ୍କ ମୃତ୍ୟୁ ହେବା ସହ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଛୋଟ ପିଲା ଅଛନ୍ତି। ଏହା ଏକ ଟାର୍ଗେଟେଡ୍ ଆକ୍ରମଣ ବୋଲି ସୂଚନା ମିଳୁଥିବା ସାନ୍ ଜୋଆକ୍ୱିନ୍ କାଉଣ୍ଟି ଶେରିଫ୍ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ଆକ୍ରମଣକାରୀ ଧରାପଡ଼ିନାହାନ୍ତି। ଆକ୍ରମଣକାରୀଙ୍କ ସମ୍ଭାବ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ତଦନ୍ତ ଜାରି ରହିଛି। ଜଣେ ପିଲାର ଜନ୍ମଦିନ ଉତ୍ସବ ଚାଲିଥିବାବେଳେ ଗୁଳିକାଣ୍ଡ ଘଟିଥିଲା ବୋଲି ଷ୍ଟକ୍ଟନ୍ର ଉପ ମେୟର ଜାସନ୍ ଲି କହିଛନ୍ତି।

# ବାତ୍ୟା ଡିଟ୍ୱା ପ୍ରଭାବ: ତାମିଲନାଡୁରେ ୩ ମୃତ

ଚେନ୍ନାଇ,୩୦।୧୧

ବାତ୍ୟା ଡିଟ୍ୱା ପ୍ରଭାବରେ ତାମିଲନାଡୁରେ ପ୍ରବଳ ବର୍ଷା ଲାଗିରହିଛି। ବର୍ଷା ଯୋଗୁ କାନ୍ଥ ପଡ଼ି ୨ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକ ପ୍ରାଣ ହରାଇଥିବା ତାମିଲନାଡୁ ମନ୍ତ୍ରୀ ରାମଚନ୍ଦ୍ରନ କହିଛନ୍ତି। ବର୍ଷାବିପାତରେ ୧୪୯ ଗୋରୁଙ୍କ ମୃତ୍ୟୁ ଘଟିବା ସହ ୨୩୪ ଘର କ୍ଷତିଗ୍ରସ୍ତ ହୋଇଛି। ୫୬,୦୦୦ ଚାଷଜମି ଜଳାର୍ଣ୍ଣବ ହୋଇଛି। ତେବେ ବାତ୍ୟା ସ୍ଥଳଭାଗ ଛୁଇଁବା ପୂର୍ବରୁ ମଧ୍ୟରାତ୍ର ସୁଦ୍ଧା କ୍ରମଶଃ ଦୁର୍ବଳ ହୋଇ ଉତ୍ତର ତାମିଲନାଡୁ ଉପକୂଳରୁ ୩୦ କି.ମି. ଦୂର ସମୁଦ୍ରରେ ଡିପ୍ ଡିପ୍ରେଶନରେ ପରିଣତ ହେବ ବୋଲି ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।



**ସଂକ୍ଷେପରେ**

## ନିମୋନିଆରେ ମହିଳା ଗୁରୁତର

### ସହାୟତା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କଲେ ଭାଇ



ଦାରିଙ୍ଗବାଡି, ୩୦।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡିର ଗିତାଞ୍ଜଳୀ ମହାରଣା କ୍ରିଟିକାଲ ନିମୋନିଆରେ ଆକ୍ରାନ୍ତ ହୋଇ ଭୁବନେଶ୍ୱର ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କ ଅବସ୍ଥା ଜଟିଳ ଥିବାରୁ ତାଙ୍କ ଚିକିତ୍ସା ପାଇଁ ଲକ୍ଷାଧିକ ଟଙ୍କା ଆବଶ୍ୟକ ପଡୁଛି। ତେବେ ପରିବାର ଲୋକଙ୍କ ନିକଟରେ ଆବଶ୍ୟକ ପରିମାଣର ଅର୍ଥ ନ ଥିବାରୁ ତାଙ୍କ ତାଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇଛି। ଏବେ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି। ଚିକିତ୍ସା ପାଇଁ ଗିତାଞ୍ଜଳୀଙ୍କୁ ସହାୟତା ଯୋଗାଇ ଦେବାକୁ ତାଙ୍କ ଭାଇ ତଥା ସମାଜିକ କର୍ମୀ ଦୀନବନ୍ଧୁ ମହାରଣା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାମାଜିକ ଗଣମାଧ୍ୟମ ଏକ୍ସରେ ନିବେଦନ କରିଛନ୍ତି। ସୂଚନାଯୋଗ୍ୟ, ଗିତାଞ୍ଜଳୀଙ୍କ ଆୟୁଷ୍ମାନ ସ୍ୱାସ୍ଥ୍ୟକାର୍ଡ ରହିଛି। ମାତ୍ର ସେ କାର୍ଡଦ୍ୱାରା ମାଗଣା ଚିକିତ୍ସା ସୁବିଧା ପାଇପାରୁ ନ ଥିବା ଦୀନବନ୍ଧୁ ଅଭିଯୋଗ କରିଛନ୍ତି।

## ବୁଗୁଡ଼ାରେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ଦାବି

ବୁଗୁଡ଼ା,୩୦।୧୧(କାଳିଚରଣ ଦାଶ)

ମୃତଦେହ ବ୍ୟବଚ୍ଛେଦ ପାଇଁ ହଟହଟା ହେଉଛନ୍ତି ବୁଗୁଡ଼ା ଅଞ୍ଚଳବାସୀ। ୪୦ କି.ମି. ଦୂର ଭଞ୍ଜନଗର ଗଲେ ହେଉଛି ବ୍ୟବଚ୍ଛେଦ। ଦୁର୍ଘଟଣା ହେଉ କି ଆତ୍ମହତ୍ୟା କିମ୍ବା ହତ୍ୟାକାଣ୍ଡରେ ଆତ୍ମୀୟ ସ୍ୱଜନଙ୍କ ମୃତ୍ୟୁ ପରେ ପରିବାର ଲୋକେ ଶୋକାକୁଳ ପରିବେଶରେ ଥିବାବେଳେ ମୃତଦେହ ବ୍ୟବଚ୍ଛେଦ ପାଇଁ ଦୀର୍ଘ ବାଟ ନେବାକୁ ଅର୍ଥ ଯୋଗାଡ଼ ଓ ସମୟ ନଷ୍ଟ ବେଢି ଉପରେ କୋରଡ଼ା ମାଡ ସଦୃଶ ହେଉଛି। ମୃତଦେହ ବ୍ୟବଚ୍ଛେଦ ପାଇଁ ଗଲାବେଳକୁ ସନ୍ଧ୍ୟା ହୋଇଗଲେ ରାତିରେ ଶବ ପକାଇ ରଖିବାକୁ ପଡୁଥିବାରୁ ପରିବାର ଲୋକେ ଧର୍ଯ୍ୟହରା ହୋଇ ପଡୁଛନ୍ତି।

ବୁଗୁଡ଼ା ସହରରେ ଥାନା, ତହସିଲ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ଆଦି ଥିଲେ ମଧ୍ୟ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ନଥିବାରୁ ସହର ସମେତ ୨୧ଟି ପଞ୍ଚାୟତର ଲକ୍ଷାଧିକ ଲୋକ ଭଞ୍ଜନଗର ଉପରେ ନିର୍ଭର କରୁଛନ୍ତି। ଶବ ନେବା ପାଇଁ ଗାଡି ଗୁଡିକ ଅଧିକ ଭଡା ନେଉଥିବା ବେଳେ ସମୟ ମଧ୍ୟ ନଷ୍ଟ ହେଉଛି। ତେଣୁ ବୁଗୁଡ଼ା ଠାରେ ଶବ ବ୍ୟବଚ୍ଛେଦ ବ୍ୟବସ୍ଥା ପାଇଁ ଅନେକ ବର୍ଷ ହେଲା ବାରମ୍ବାର ଦାବି ହୋଇ ଆସୁଛି। ପ୍ରାୟ ୨୫ ବର୍ଷ ତଳେ ଶବ ବ୍ୟବଚ୍ଛେଦ ଗୃହ ନିର୍ମାଣ ପାଇଁ ୩୦ ହଜାର ଟଙ୍କା ଅନୁଦାନ ଆସିଥିଲା ତେବେ ଜାଗା ଚିହ୍ନଟ ହୋଇ ନ ପାରିବାରୁ ଉକ୍ତ ଟଙ୍କା ଫେରି ଯାଇଛି।

## ରକ୍ତଦାନକୁ ନେଇ ସଚେତନତା ରାଲି

ପାରଳାଖେମୁଣ୍ଡି, ୩୦।୧୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ ଥିବା ଗଜପତି ବ୍ଲଡ ଡୋନର୍ସ ସଂଗଠନ ପକ୍ଷରୁ ରକ୍ତଦାନକୁ ନେଇ ଏକ ସଚେତନତା ରାଲି ରବିବାର ଅନୁଷ୍ଠିତ ହୋଇଯାଇଛି। ଏହାକୁ ପାରଳାଖେମୁଣ୍ଡି ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ଏବଂ ଭାରପ୍ରାପ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗା ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ସଚେତନତା ରାଲି ରାଜନହରଠାରୁ ବାହାରି ସହର ପରିକ୍ରମା ପରିକ୍ରମା କରି ରକ୍ତଦାନ ମହତ ଦାନ ବୋଲି ଲୋକଙ୍କୁ ଅବଗତ କରାଇଥିଲା। ମୁଖ୍ୟଅତିଥି ବିଧାୟକ ପାଣିଗ୍ରାହୀ ଗଜପତି ବ୍ଲଡ ଡୋନର୍ସ ସଙ୍ଗଠନର ଏପରି କାର୍ଯ୍ୟକୁ ପ୍ରଶଂସା କରି ଏହାଦ୍ୱାରା ଲୋକଙ୍କ ଜୀବନ ବଞ୍ଚାଇବାରେ ସହାୟକ ହେଉଛି ବୋଲି କହିଥିଲେ। ସଙ୍ଗଠନର ଉପସଭାପତି ଏସ.ଋଷି ଡିସେମ୍ବର ୧୪ରେ ସଙ୍ଗଠନ ପକ୍ଷରୁ ଏକ ମେଗା ରକ୍ତଦାନ ଶିବିର ହେବ ବୋଲି ସୂଚନା ଦେଇଥିଲେ। କାର୍ଯ୍ୟକ୍ରମରେ କ୍ରାନ୍ତି କୁମାର, କେ.ଶରତ କୁମାର, ସୁଲଭ ପାଣ୍ଡବ, ମୋହନି ପ୍ରଧାନ, କେ.ନବୀନ, କୈଳାସ ଚନ୍ଦ୍ର ବିଶ୍ୱାଳ, ନିହାର ପଣ୍ଡା, ଅମ୍ବିକା ମହାପାତ୍ର ଉପସ୍ଥିତ ରହି ପରିଚାଳନା କରିଥିଲେ।

# ମୌଳିକ ସୁବିଧାରୁ ବଞ୍ଚିତ ପାଙ୍ଗୁଲି ଗ୍ରାମବାସୀ

### ରାସ୍ତା, ପାନୀୟ ଜଳ ମୁଖ୍ୟ ସମସ୍ୟା

ମୋହନା,୩୦।୧୧(ମନ୍ମଥ ମିଶ୍ର)

ଗଜପତି ଜିଲା ମୋହନା ବ୍ଲକର ଦୁର୍ଗମ ଅଞ୍ଚଳରେ ଥିବା ଉମ୍ବଗୁଡା ପଞ୍ଚାୟତ ପାଙ୍ଗୁଲି ଗ୍ରାମବାସୀ ବିଭିନ୍ନ ମୌଳକ ସୁବିଧା ପାଇବାରୁ ବଞ୍ଚିତ ରହିଛନ୍ତି। ସରକାର ବିଭିନ୍ନ ଗ୍ରାମକୁ ପକ୍କା ସଡ଼କ ସହ ସମସ୍ତ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇବା ପାଇଁ ବହୁ କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ପ୍ରଶାସନିକ ଦୂର ଦୃଷ୍ଟି ଅଭାବ ଯୋଗୁ ତାହା ଗ୍ରାମବାସୀ ତାହାର ସୁଫଳ ପାଇ ପାରୁନାହାନ୍ତି।

ପାଙ୍ଗୁଲି ଗ୍ରାମରେ ବହୁ ବର୍ଷ ହେବ କନ୍ଧ ଆଦିବାସୀ ସମ୍ପ୍ରଦାୟର ୨୦ରୁ ଅଧିକ ପରିବାର ବସବାସ କରୁଥିବା ବେଳେ ଜୀବିକା ନିର୍ବାହ ପାଇଁ ସମସ୍ତେ କୃଷି ଏବଂ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭରଶୀଳ । ଗ୍ରାମକୁ ଯିବାକୁ ହେଲେ ଉମ୍ବଗୁଡା ସାର୍କ ଗାଁଠାରୁ ଆର୍‌ଡି ରୋଡ଼ଠାରୁ ୨ କି.ମି. ପାହାଡ଼ ଘାଟି ରାସ୍ତା ଅତିକ୍ରମ କରିବା ପାଇଁ ପଡିଥାଏ। ତେବେ ଗତ ଲଗାଣ ବର୍ଷାରେ ଉକ୍ତ ରାସ୍ତା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି। ରାସ୍ତା ନିର୍ମାଣ ପାଇଁ ଲୋକେ ସରକାରୀ ଅଧିକାରୀ ତଥା ଜନ ପ୍ରତିନିଧିଙ୍କ ନିକଟରେ ବାରମ୍ବାର ଦାବି କରିଛନ୍ତି । ହେଲେ ଏ ପର୍ଯ୍ୟନ୍ତ କେହି କର୍ଣ୍ଣପାତ କରିନାହାନ୍ତି । ସମସ୍ୟା ଯୋଗୁ ଗୁରୁତର ରୋଗୀ ଏବଂ ଗର୍ଭବତୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇବା ପାଇଁ ଲୋକେ ଗାଁରୁ ମୁଖ୍ୟରାସ୍ତା ପର୍ଯ୍ୟନ୍ତ ଖଟିଆରେ ବୋହି ଆଣିବାକୁ ବାଧ ହେଉଛନ୍ତି। ସେହିପରି ଗ୍ରାମରେ ପାନୀୟ ଜଳର ଘୋର ଅଭାବ। ମହିଳାମାନେ ବାଧ ହୋଇ ପାହାଡି ନାଳର ଦୂଷିତ ଚୁଆ ପାଣି ବ୍ୟବହାର କରି ନାନା ରୋଗରେ ଆକ୍ରାନ୍ତ ହେଉଛନ୍ତି। ରାସ୍ତା ନଥିବା ଯୋଗୁ ଗ୍ରାମକୁ ନଳକୂପ ଗାଡି ଯାଇପାରୁନାହିଁ। ସେହିପରି ବାଲି, ଗୋଡି ଓ ପଥର ଗାଡି ମଧ୍ୟ ଯାଇପାରୁ ନ ଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀଙ୍କ ଘର ତିଆରି ହୋଇପାରିନାହିଁ । ଝାଟିମାଟି ଘରେ ଲୋକେ ବହୁ ଅସୁବିଧାରେ ଜୀବନଯାପନ କରୁଛନ୍ତି । ସରକାର ତଥା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଗ୍ରାମକୁ ଏକ ପକ୍କା ସଡ଼କ ସଂଯୋଗୀକରଣ ସହ ସମସ୍ତ ସରକାରୀ ସୁବିଧାର ସୁଯୋଗ ପାଇପାରିବେ ବୋଲି ଆଶା ରଖିଛନ୍ତି ଗ୍ରାମବାସୀ। ଏନେଇ ମୋହନା ବିଡିଓ ରାଜୀବ ଦାସଙ୍କୁ ପଚାରିବାରେ, ଅତିଶୀଘ୍ର ଗ୍ରାମକୁ ବ୍ଲକ ତରଫରୁ ଏକ ପକ୍କା ସଡ଼କ ସଂଯୋଗ କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି। ସମସ୍ତ ସରକାରୀ ବ୍ୟବସ୍ଥା ଗ୍ରାମରେ ପହଞ୍ଚାଯିବ ବୋଲି ମଧ୍ୟ ସୂଚନା ଦେଇଛନ୍ତି ।



ମହିଳାମାନେ ପାହାଡି ନାଳର ଦୂଷିତ ଚୁଆ ପାଣି ଧରି ଫେରୁଛନ୍ତି।

## ସାଇନ ବୋର୍ଡକୁ ଧକ୍କା ଦେଇ ବାଇକ୍ ଚାଳକ ମୃତ

ମୋହନା,୩୦।୧୧(ମନ୍ମଥ ମିଶ୍ର)

ଜଣେ ସମ୍ପର୍କୀୟଙ୍କ ସୁଧି କାର୍ଯ୍ୟରେ ଯୋଗଦେଇ ଫେରୁଥିବା ବେଳେ ଏକ ସାଇନବୋର୍ଡକୁ ଧକ୍କା ଦେଇ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଛି। ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆକିଲି ଗ୍ରାମର ସରୋଜ ବଣଷଣ୍ଡ (୨୦)। ଗୁରୁତର ଯୁବକ ହେଲେ ବିଘ୍ନରାଜ ପରିଚ୍ଛା (୧୯)। ଗଜପତି ଜିଲା ଚନ୍ଦ୍ରଗିରି ଫାଣ୍ଡି ଅନ୍ତର୍ଗତ ଯୋଡ଼ାଆମ୍ବ ଗାଁ ନିକଟରେ ଥିବା ଡାହାଣୀ ନାଳ ନିକଟରେ ଏପରି ଘଟଣା ଘଟିଛି।

ଖବରରୁ ଜଣାପଡିଛି, ଶନିବାର ଏକ ପଲସର ବାଇକ୍ (ଓଡି ୩୨ଜେ-୫୪୨୪) ରେ ଆକିଲି ଗ୍ରାମର ସରୋଜ ଓ ବିଘ୍ନରାଜ ଯୋଡ଼ାଆମ୍ବ ଗ୍ରାମକୁ ଜଣେ ସମ୍ପର୍କୀୟଙ୍କ ସୁଧି କାର୍ଯ୍ୟରେ ଯୋଗଦେବାକୁ ଯାଇଥିଲେ। ଭୋଜି ଖାଇସାରି ସେଠାରୁ ଉଭୟେ ବିଳମ୍ବିତ ରାତିରେ ଗ୍ରାମକୁ ଫେରୁଥିଲେ। ତେବେ ଡାହାଣୀ ନାଳ ପାଖରେ ଥିବା ଏକ ସାଇନ ବୋର୍ଡକୁ ସରୋଜ ଭାରସାମ୍ୟ ହରାଇ ଧକ୍କା ଦେଇଥିଲେ। ଫଳରେ ସରୋଜ ଓ ବିଘ୍ନରାଜ ଗୁରୁତର ହୋଇ ରାସ୍ତା କାଡରେ ପଡ଼ିଥିଲେ।

ସ୍ଥାନୀୟ ଲୋକେ ଏହା ଦେଖି ସେମାନଙ୍କୁ ଉଦ୍ଧାର କରି ଚନ୍ଦ୍ରଗିରି ମେଡିକାଲ ନେଇ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସରୋଜଙ୍କୁ ମୃତ ଘୋଷଣା କରିଥିଲେ। ବିଘ୍ନରାଜ ଚିକିତ୍ସାଧୀନ ଥିବା ଡାକ୍ତର ଏନ. ଜୟ ପ୍ରକାଶ କହିଛନ୍ତି। ଖବରପାଇ ଚନ୍ଦ୍ରଗିରି ଫାଣ୍ଡି ଅଧିକାରୀ ସୁନୀଲ ସେଠୀ ଘଟଣା ସ୍ଥଳରେ ପହଞ୍ଚି ବାଇକ୍ ଜବତ କରିଥିଲେ। ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ମୃତଦେହ ଅଣାଯାଇ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଥିବା ସେଠୀ କହିଛନ୍ତି।

## ଭଞ୍ଜନଗରର ବିଭିନ୍ନ ପ୍ରକଳ୍ପ ସମୀକ୍ଷା କଲେ ଜିଲାପାଳ

ଭଞ୍ଜନଗର,୩୦।୧୧(ବାବୁଲା ପ୍ରଧାନ)

ପ୍ରଶାସନିକ ଅଧିକାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ସମ୍ପର୍କ ଯେତେ ନିବିଡ ହେବ ସେହି ଅନୁପାତରେ ବିକାଶ ମଧ୍ୟ ଆଗକୁ ବଢିବ। ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତିଭାସନ ଜିଲାର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରି ଲୋକଙ୍କ ସମସ୍ୟା ବୁଝି ଯଥାଶୀଘ୍ର ସମାଧାନ ନିମନ୍ତେ ପଦକ୍ଷେପ ନେଉଛନ୍ତି। ଏହି କ୍ରମରେ ଜିଲାପାଳ ଶନିବାର ଭଞ୍ଜନଗର ଉପଖଣ୍ଡ ଧରାକୋଟ ବ୍ଲକ ଖାଡ଼ବନ୍ଧ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମକୁ ଯାଇ ଗାଁ ଦାଣ୍ଡରେ ବସି ଗ୍ରାମବାସୀଙ୍କ ସୁଖଦୁଃଖ ପଚାରି ବୁଝିଥିଲେ। ଏଥିସହ ଗ୍ରାମର ବିଦ୍ୟୁତ୍ ବ୍ୟବସ୍ଥାକୁ ଉଦ୍‌ଘାଟନ କରିଥିଲେ। ବିଦ୍ୟୁତ୍ ଆଲୁଅ ଦେଖି ନ ଥିବା ଗାଁ ସୁବର୍ଣ୍ଣପୁରରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ମାତ୍ର ୧୦ ଦିନରେ ଟାଟା ପାୱାର ସେବା ଯୋଗାଇ ଦେଇଛି। ଏଥିପାଇଁ ଗ୍ରାମବାସୀ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଜିଲାପାଳ ଏବଂ ଭଞ୍ଜନଗର ଉପ ଜିଲାପାଳ ଉମା ଶଙ୍କର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସୁବର୍ଣ୍ଣପୁର ଯିବା ପୂର୍ବରୁ ଜିଲାପାଳ ଭଞ୍ଜନଗର ଗସ୍ତରେ ଆସି ଘୁମୁସର ଇତିହାସର ମୂକସାକ୍ଷୀ ଚକରା ଘାଟି ପରିଦର୍ଶନ କରିବା ସହ ସେଠାରେ ଚାଲିଥିବା ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାପରେ ଭଞ୍ଜନଗର ଏନଏସିରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହ ଆଗକୁ ହେବାକୁ ଥିବା ପ୍ରକଳ୍ପ ଗୁଡ଼ିକ ଉପରେ ମଧ୍ୟ ସମୀକ୍ଷା କରିଥିଲେ। ଜିଲାପାଳଙ୍କ ଗସ୍ତ ସମୟରେ ଉପଜିଲାପାଳ ଉମା ଶଙ୍କର ବେହେରା, ଭଞ୍ଜନଗର ବିଡିଓ ଭାରତୀ ଦେବୀ, ଅତିରିକ୍ତ ତହସିଲଦାର ଅବିନାଶ ମାହାର, ଏନଏସି ନିର୍ବାହୀ ଅଧିକାରୀ ମୁରଲୀକୃଷ୍ଣ ପଣ୍ଡା, ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ହିମାଂଶୁ ଶେଖର ମହାନ୍ତି, ଭଞ୍ଜନଗର ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଭଞ୍ଜ ଟ୍ରଫି ଆୟୋଜକ କମିଟିର ସଭାପତି ବିଷ୍ଣୁପ୍ରସାଦ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସୁନ୍ଦରଗଡ଼କୁ ହରାଇ ମରାଠା ଏକାଦଶ ଚାମ୍ପିୟନ




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳି।

ଭଞ୍ଜନଗର,୩୦।୧୧(ବାବୁଲା ପ୍ରଧାନ)

ଭଞ୍ଜନଗର ଜେଲ ପଡ଼ିଆରେ ଚାଲିଥିବା ଭଞ୍ଜ ଟ୍ରଫି-୨୦୨୫ର ଫାଇନାଲ ମ୍ୟାଚ ରବିବାର ସୁନ୍ଦରଗଡ଼ ଦୋସ୍ତି ଫୁଟବଲ କ୍ଲବ ଓ ଭଞ୍ଜନଗର ମରାଠା ଏକାଦଶ ମଧ୍ୟରେ ହୋଇଥିଲା। ଏଥିରେ ମରାଠା ଏକାଦଶ ୩-୧ ଗୋଲରେ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ କାର୍ଯ୍ୟକ୍ରମରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାୟମ୍ପିୟନ ଦଳକୁ ୫୫,୫୫୫ ଟଙ୍କା ସହ ଟ୍ରଫି ଓ ରନରଅପ୍ ସୁନ୍ଦରଗଡ଼ ଦଳକୁ ୩୩, ୩୩୩ ଟଙ୍କା ସହ ଟ୍ରଫି ପ୍ରଦାନ କରିଥିଲେ। ଏଥିସହ ଶ୍ରେଷ୍ଠ ଗୋଲ କିପର ସୁନ୍ଦରଗଡର ବିଷ୍ଣୁ, ଶ୍ରେଷ୍ଠ ଡିଫେଣ୍ଡର ଖେଳାଳି ମରାଠା ଏକାଦଶର ସିପୁ, ମ୍ୟାନ ଅଫ ଦି ମ୍ୟାଚ ମରାଠା ଏକାଦଶର ଜଳିଆ, ମ୍ୟାନ ଅଫ ଟୁର୍ନାମେଣ୍ଟ ସୁନ୍ଦରଗଡର ଆକାଶ ଓରାମଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଅବସରରେ ବିଧାୟକ ନାୟକ କହିଥିଲେ, କ୍ରୀଡ଼ା କ୍ଷେତ୍ରରେ ଘୁମୁସର ମାଟି ବହୁ ଆଗକୁ ଯାଇଥିଲା।

ପୂର୍ବତନ ବାଚସ୍ପତି ସ୍ୱର୍ଗତ ସୋମନାଥ ରଥଙ୍କ ଏଥିପ୍ରତି ବିଶେଷ ଅବଦାନ ଥିଲା। ବର୍ତ୍ତମାନ ଘୁମୁସର ମାଟିର କ୍ରୀଡାର ବିକାଶ ଦାୟିତ୍ୱ ସେ ନିଜେ ବିଧାୟକ ନିର୍ବାଚିତ ହେବାପରେ ନେଇଛନ୍ତି ବୋଲି ବିଧାୟକ କହିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ଡିଏଫଓ ହିମାଂଶୁ ଶେଖର ମହାନ୍ତି, ଏସଡିପିଓ ଡ. ଦୀପକ କୁମାର ମିଶ୍ର, ଏନଏସି ଅଧକ୍ଷ ଗୋପବନ୍ଧୁ ମହାପାତ୍ର, ଉପାଧକ୍ଷା ଶୁଭଶ୍ରୀ ଦାସ, ଭାଜପା ଭଞ୍ଜନଗର ସାଂଗଠନିକ ଜିଲ୍ଲା ସଭାପତି ନୀଳ ମାଧବ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଭଞ୍ଜ ଟ୍ରଫି ଆୟୋଜକ କମିଟିର ସଭାପତି ବିଷ୍ଣୁ ପ୍ରସାଦ ପ୍ରଧାନ ସଭାରେ ଅଧକ୍ଷତା କରିଥିବା ବେଳେ ସୁଶାନ୍ତ ବେହେରା ସଂଯୋଜନା କରିଥିଲେ।

ଫାଇନାଲ ମ୍ୟାଚରେ ରେଫରି ଶିବ ଶଙ୍କର ପଣ୍ଡା ଥିବା ବେଳେ ଲାଇନ୍ସ ମ୍ୟାନ ରୋଷନ ଖାନ, ସୁଜିତ୍ ରାଜହଂସ, ଦିଲୀପ କୁମାର ରାଉତ, ବିଚିତ୍ର ଜେନା ଥିଲେ । ପି. ରମେଶ ମ୍ୟାଚ କମିଶନର ଥିଲେ। ଏହି ଅବସରରେ ଅଞ୍ଚଳର ବରିଷ୍ଠ ଫୁଟବଲ ଖେଳାଳି ମିଳନ ବେହେରା, ସୁଧିର କୁମାର ବେହେରା, ପି ଆନନ୍ଦ ରାଓ, ବିଚିତ୍ର ଜେନା, ଗଣେଶ ବାହାଦୁର, ରାଧା କାନ୍ତ ନାୟକ, ସୁବାଷ ଚନ୍ଦ୍ର ଗୌଡ, ପି କାର୍ତ୍ତିକ ରାଓ, ଦିଲୀପ କୁମାର ବେହେରା, ଗୌରୀ ମହାରଣା, ରମେଶ ବେହେରା, ବାବୁ ମହାନ୍ତି, ଏ ନାରାୟଣ, ଏ କ୍ରିଷ୍ଣା, ଉଷା କାନ୍ତ ପଟ୍ଟନାୟକ, ଶରତ କୁମାର ମହାନ୍ତି, ବାବୁ ମହାନ୍ତି,କୁଲୁ ସାମନ୍ତ, ଆଶିଷ ସେଠୀଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ।

## ଏମ୍ପିଙ୍କ ସହ ଛାତ୍ର ଏକତାର ଆଲୋଚନା

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଶା ଗବେଷଣା ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେବାକୁ ଆସିଥିବା ବ୍ରହ୍ମପୁରର ଏମ୍ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ସହ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଛାତ୍ର ଏକତା ପକ୍ଷରୁ ବିଭିନ୍ନ ସମସ୍ୟା ନେଇ ଆଲୋଚନା ହୋଇଛି। ଛାତ୍ରୀଛାତ୍ର ଓ କର୍ମଚାରୀଙ୍କ ବୀମା, ଜାତୀୟ ଶିକ୍ଷାନୀତି ୨୦୨୦ ବ୍ୟାପକ ପ୍ରଚାର ଏବଂ ସଚେତନାମୂଳକ କାର୍ଯ୍ୟକ୍ରମ କରିବାକୁ ଆଲୋଚନା ହୋଇଛି। ଏହି ସମୟରେ ସ୍ୱସ୍ତି ସୁନ୍ଦର ସିୟ, ଶିଶିର କୁମାର ପ୍ରଧାନ, ଡି. ଚନ୍ଦ୍ର ଶେଖର ରେଡ୍ଡୀ, ସୁନିଲ ପ୍ରଧାନ, ଶଙ୍କର ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

## 'ଇଗ୍ନୁରେ ଓଡ଼ିଆ ମିଡିୟମ ସୁବିଧା ଆରମ୍ଭ ହୋଇଛି'




ପ୍ରବେଶ ଉତ୍ସବରେ ଅତିଥିଙ୍କ ଗହଣରେ ଉପସ୍ଥିତ ଛାତ୍ରୀଛାତ୍ର।

ଭଞ୍ଜନଗର,୩୦।୧୧(ବାବୁଲା ପ୍ରଧାନ)

### ପ୍ରବେଶିକା ଉତ୍ସବରେ ସୂଚନା

ଗଞ୍ଜାମ ଜିଲା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ପରିସରରେ ଖୋଲିଥିବା ଇଗ୍ନୁ ଷ୍ଟଡି ସେଣ୍ଟର୍ ପକ୍ଷରୁ ରବିବାର ଛାତ୍ରୀଛାତ୍ରଙ୍କ ପ୍ରବେଶିକା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା। କଲେଜ ଅଧକ୍ଷ ରାଜେନ୍ଦ୍ର କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଗ୍ନୁ ପକ୍ଷରୁ ବର୍ତ୍ତମାନ ଓଡ଼ିଆ ମିଡିୟମ ସୁବିଧା ଆରମ୍ଭ ହୋଇଛି। ଫଳରେ ଇଗ୍ନୁ ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ ବଢୁଛି ବୋଲି କହିଥିଲେ। ଷ୍ଟଡି ସେଣ୍ଟର୍ ସଂଯୋଜକ ପ୍ରାଧ୍ୟାପକ ବିଭାସ ଦାସ ପ୍ରାରମ୍ଭିକ ସୂଚନା ଦେଇ ଷ୍ଟଡି ସେଣ୍ଟର୍ ପକ୍ଷରୁ ଛାତ୍ରୀଛାତ୍ରଙ୍କୁ ମିଳୁଥିବା ସୁବିଧା ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ହର ପ୍ରସାଦ ଶତପଥୀ, ଅଧ୍ୟାପକ ଡ. ରବୀନ୍ଦ୍ର ମିଶ୍ର, ଅଧ୍ୟାପିକା ସୁନିତାରାଣୀ ଖଣ୍ଡୁଆଳ, ଦାମୋଦର ରଥ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଉତ୍ସବରେ ରାଜ୍ୟର ବିଭିନ୍ନ ସ୍ଥାନରୁ ଶତାଧିକ ଛାତ୍ରୀଛାତ୍ର ଯୋଗଦେଇ ନିଜ ମତ ରଖିଥିଲେ। ପ୍ରଦୀପ ଖଣ୍ଡୁଆଳ, ପ୍ରସନ୍ନ ପ୍ରଧାନ, ବିନାୟକ ପ୍ରଧାନ କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍ ଧକ୍କାରେ ଚାଷୀଙ୍କ ମୃତ୍ୟୁ

ଖଲ୍ଲିକୋଟ,୩୦।୧୧(ପ୍ରଶାନ୍ତ କୁମାର ମିଶ୍ର)

ଟ୍ରକ୍ ଧକ୍କାରେ ବିଲରୁ ଫେରୁଥିବା ଜଣେ ଚାଷୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଚଣ୍ଡୀପୀଠ ଗ୍ରାମର ସନ୍ତୋଷ ପାହାନ (୬୦)। ସନ୍ତୋଷ ରବିବାର ସକାଳ ୯ଟାରେ ବିଲ କାମ ସାରି ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏକ ଟ୍ରକ ଦଣ୍ଡକାଳୀ ମନ୍ଦିର ନିକଟରେ ସାଇକେଲକୁ ଧକ୍କା ଦେବାରୁ ସନ୍ତୋଷ ଛିଟିକି ଯାଇ ଗାଡି ଚକାତଳେ ପଡି ଯାଇଥିଲେ। ପଛଚକା ମାଡି ଯିବାରୁ ଘଟଣା ସ୍ଥଳରେ ହିଁ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ଖଲ୍ଲିକୋଟ ପୋଲିସ ଦୁର୍ଘଟଣା ଘଟାଇଥିବା ଗାଡିକୁ ଜବତ କରିବା ସହ ମୃତଦେହ ଜବତ କରି ବ୍ୟବଛେଦ ନିମନ୍ତେ ପଠାଇଥିଲା।

## ଟିମ୍ ଅଫ୍‌ଲାଇନ୍ ଚାମ୍ପିୟନ

### ଫ୍ରେଣ୍ଡଶିପ୍ ପ୍ରିମିୟର କ୍ରିକେଟ୍ ଟୁର୍ନାମେଣ୍ଟ

ଗଞ୍ଜାମ,୩୦।୧୧(ବିଦ୍ୟାଧର ସାହୁ)

ଗଞ୍ଜାମ ସହରସ୍ଥିତ ଭାରତୀ ବିଦ୍ୟାପୀଠ ମିନି ଷ୍ଟାଡିୟମଠାରେ ଫ୍ରେଣ୍ଡଶିପ୍ ପ୍ରିମିୟର କ୍ରିକେଟ୍ ଟୁର୍ନାମେଣ୍ଟ ରବିବାର ହୋଇଥିଲା। ସାମାଜିକ କର୍ମୀ ସୁଧୀର କୁମାର ପାଢ଼ୀ ମୁଖ୍ୟ ଅତିଥି ଭାବେ ଯେଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଯୁବ ଉଦ୍ୟୋଗପତି ଟୋନି ପଣ୍ଡା ଏବଂ ଯୁବ ବ୍ୟବସାୟୀ ମନୋଜ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଟିମ୍ ଅଫଲାଇନ ଓ ଟିମ୍ ଅନଲାଇନ ମଧ୍ୟରେ ୧୨ ଓଭର ବିଶିଷ୍ଟ ଖେଳ ହୋଇଥିଲା। ଟିମ୍ ଅଫଲାଇନ କ୍ୟାପଟେନ ଚିରଞ୍ଜୀବ ବୈଠାରୁ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟିମ ଅଫଲାଇନ ୬ ଉଇକେଟ ହରାଇ ୧୧୫ ରନ କରିଥିଲା। ଏହି ରନ୍‌ର ପିଛା କରି କ୍ୟାପଟେନ ବିଶ୍ୱନାଥ ପାଢ଼ୀଙ୍କ ଟିମ ଅନଲାଇନ ସମସ୍ତ ଉଇକେଟ ବିନିମୟରେ ମାତ୍ର ୮୫ ରନ କରି ପାରିଥିଲା। ଟିମ ଅଫଲାଇନର ଅଭିଷେକ ପରିଡା ମାତ୍ର ୨୧ ବଲରେ ୫୨ ରନ କରି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ଟିମ ଅଫଲାଇନ ବୋଲର ସନ୍ତୋଷ ମହାରଣା ଏବଂ ପପିନା ସାହୁଙ୍କ ଘାତକ ବୋଲିଂ କରିଥିଲେ। ଉଭୟ ବୋଲର ନିଜ ୩ ଓଭର ସ୍ପେଲରେ ୩୦ରୁ କମ ରନ ଦେଇଥିଲେ। ଶିବ ପ୍ରସାଦ ବୈଠାରୁ ଏବଂ ଭିକି ପାଳ ମ୍ୟାଚ ପରିଚାଳନା କରିଥିଲେ। ଟିମ ଅନଲାଇନ ଖେଳାଳି ଶିବ ପ୍ରସାଦ ସ୍ୱାଇଁଙ୍କୁ ବେଷ୍ଟ ଫିଲଡର ବିବେଚିତ କରାଯାଇଥିଲା। ମିଲୁ ଦାସ, ଆଶୁତୋଷ ଆଚାର୍ଯ୍ୟ, ବିଭୁତି ପଲାଇ, ସାନୁ ମହାପାତ୍ର ପ୍ରମୁଖ ଖେଳ ପରିଚାଳନା ଓ ସହଯୋଗ କରିଥିଲେ। ମୁଖ୍ୟ ଅତିଥି ପାଢ଼ୀ ବିଜୟୀ ଟିମକୁ ଟ୍ରଫି ପ୍ରଦାନ କରିଥିଲେ। ଶରୀର ସୁସ୍ଥ ତଥା ଯୁବ ଗୋଷ୍ଠୀଙ୍କ ମଧ୍ୟରେ ଏକତା ବଜାୟ ରଖିବାକୁ ଏଭଳି ଟୁର୍ନାମେଣ୍ଟ ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ରାଜ୍ୟ ସ୍ତରରେ ଅଂଶଗ୍ରହଣ କରିବେ ୨ ଛାତ୍ରୀ

### ବିଜ୍ଞାନ ପ୍ରକଳ୍ପ ଦେଲା ସଫଳତା

■ ସର୍ଗଫୁଲ ଲୋକଲୋଚନକୁ ଆଣିଲା ଅର୍ଚ୍ଚିତା ମଲିକ, ଅର୍ଚ୍ଚିତା ପ୍ରଧାନଙ୍କ ପ୍ରତିଭା

ଦାରିଙ୍ଗବାଡ଼ି, ୩୦।୧୧ (ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଉଲିପଦର ସେବାଶ୍ରମର ୨ ଛାତ୍ରୀଙ୍କ ବିଜ୍ଞାନ ପ୍ରକଳ୍ପ ଜିଲା ଓ ଜୋନାଲ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରି ଏବେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା 'ସର୍ଗଫୁଲ'କୁ ମନୋନୀତ ହୋଇଛି। ଏହି ୨ ଛାତ୍ରୀ ହେଲେ ଉଲିପଦର ସେବାଶ୍ରମର ନବମ ଶ୍ରେଣୀ ଛାତ୍ରୀ ଅର୍ଚ୍ଚିତା ମଲିକ ଏବଂ ଦଶମ ଶ୍ରେଣୀର ଅର୍ଚ୍ଚିତା ପ୍ରଧାନ। ଉଭୟଙ୍କ ପ୍ରକଳ୍ପ ଦାରିଙ୍ଗବାଡି ବ୍ଲକ, ଜୋନାଲସ୍ତରୀୟ ସର୍ଗଫୁଲ ମହୋତ୍ସବରେ ସାମିଲ ହୋଇ ସେଠାରୁ ଜିଲାସ୍ତରକୁ ଉନ୍ନୀତ ହୋଇଥିଲା। ଫୁଲବାଣୀ ବ୍ଲକର ବୋଇଡା ବିଦ୍ୟାଳୟରେ ଆୟୋଜିତ ଜିଲାସ୍ତରର ପ୍ରକଳ୍ପ ପ୍ରଦର୍ଶନୀରେ ଉଭୟେ ନିଜ ପ୍ରକଳ୍ପ 'ଶିତଳୀକରଣ ଯନ୍ତ୍ର' ଏବଂ 'ସ୍ମାର୍ଟ ରେନ୍ ପ୍ରୋଟେକ୍ଟିଭଗ୍ରୁପ୍' ସହ ଅଂଶଗ୍ରହଣ କରିଥିଲେ ବୋଲି ପ୍ରଧାନଶିକ୍ଷକ ମଦନ ମୋହନ ବେହେରା କହିଛନ୍ତି।



ଗାଇଡ୍ ଶିକ୍ଷକଙ୍କ ସହ ୨ ଛାତ୍ରୀ ଅର୍ଚ୍ଚିତା ମଲିକ ଓ ଅର୍ଚ୍ଚିତା ପ୍ରଧାନ।

ଏହି ଦୁଇ ପ୍ରକଳ୍ପ ସମ୍ପର୍କରେ ଗାଇଡ୍‌ଶିକ୍ଷକ ଅମିର ଦୀପ କୁହନ୍ତି, ଏହି ପ୍ରକଳ୍ପ ଚାଷୀଙ୍କ ପାଇଁ କମ ଖର୍ଚ୍ଚରେ ଉପଲବ୍ଧ ହୋଇପାରିବ। ଶୀତଳୀକରଣ ଯନ୍ତ୍ରରେ ଚାଷୀଙ୍କୁ ପୋଷ୍ଟ ହରବେଷ୍ଟିଂର ଫାଇଦା ମିଳିବ ଏବଂ ଚାଷୀ ଅଧିକ ସମୟ ଫସଲକୁ ସଞ୍ଚିତ କରି ରଖି ବିକ୍ରି କରିପାରିବେ, ବର୍ଷା ହେଲେ ମଧ୍ୟ ଏହା ନଷ୍ଟ ହେବନାହିଁ ବୋଲି ଦୀପ କହିଛନ୍ତି। ଜିଲା ଓ ଜୋନାଲସ୍ତରୀୟ ପ୍ରତିଯୋଗିତାକୁ ଆସିଥିବା ଅନ୍ୟ ପ୍ରକଳ୍ପଠାରୁ ଏହି ୨ ଛାତ୍ରୀଙ୍କ ପ୍ରକଳ୍ପ ଜୁରି ସଦସ୍ୟମାନଙ୍କୁ ପ୍ରଭାବିତ କରିଥିଲା। ସେମାନେ ଉକ୍ତ ୨ ପ୍ରକଳ୍ପକୁ ରାଜ୍ୟସ୍ତରକୁ ମନୋନୀତ କରିଥିଲେ। ସୂଚନାଯୋଗ୍ୟ, ଜିଲାସ୍ତରୀୟ ପ୍ରତିଯୋଗିତାରେ ୪୨ଟି ପ୍ରକଳ୍ପ ସାମିଲ ହୋଇଥିଲା। ସେଥିରୁ ରାଜ୍ୟସ୍ତରକୁ ୯ଟି ମନୋନୀତ ହୋଇଛି। ଏଥିରେ ୨ ଅର୍ଚ୍ଚିତାଙ୍କ ପ୍ରକଳ୍ପ ପ୍ରଥମ ସ୍ଥାନ ଅଧିକାର କରି ସ୍ଥାନ ପାଇଛି। ଏହି ଜିଲାସ୍ତରୀୟ କାର୍ଯ୍ୟକ୍ରମ ଦୁଇଦିନ ଧରି ଚାଲିଥିଲା। ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ଫୁଲବାଣୀ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର, ବାଲିଗୁଡା ଆଇଟିଡିଏ ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଯୋଗଦେଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିଥିଲେ।

# କ୍ଷେତ୍ର ପରିଦର୍ଶନ, ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ

## କେନ୍ଦ୍ର ଯୁଗ୍ମ ସଚିବଙ୍କ କନ୍ଧମାଳ ଗସ୍ତ

ଫୁଲବାଣୀ ,୩୦ା୧୧ (ରାକେଶ କୁମାର ରାଉତ)

କେନ୍ଦ୍ର ଗୃହ ଏବଂ ସହରାଞ୍ଚଳ ବ୍ୟାପାର ଯୁଗ୍ମ ସଚିବ ରୁପା ମିଶ୍ର ଦୁଇ ଦିନିଆ କନ୍ଧମାଳ ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପ ବୁଲିବା ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ଶୁକ୍ରବାର ଦାରିଙ୍ଗବାଡି ଯାଇ ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିବା ପରେ ଶନିବାର ଫୁଲବାଣୀ ଏବଂ ଫିରିଙ୍ଗିଆ ଅଞ୍ଚଳରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ଅନୁଧ୍ୟାନ କରିଥିଲେ।

ଆଇଟିଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଯୁଗ୍ମ ସଚିବ କୃଷି, ଉଦ୍ୟାନ କୃଷି ଓ ଜଳବିଭାଜିକା ପ୍ରକଳ୍ପ ଅଧୀନରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଚାଲିଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କରିଥିଲେ। ପ୍ରଧାନମନ୍ତ୍ରୀ ଜନଧନ ଯୋଜନା ଉପରେ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା। ଉପସ୍ଥିତ ଅଧିକାରୀମାନଙ୍କଠାରୁ ଯୋଜନାର ଅଗ୍ରଗତି ସମ୍ପର୍କରେ ସେ ପଚାରି ବୁଝିଥିଲେ। ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟ ମଧ୍ୟରେ ସାରିବାକୁ କେନ୍ଦ୍ର ଯୁଗ୍ମ ସଚିବ ମିଶ୍ର ପରାମର୍ଶ ଦେଇଥିଲେ। ବୈଠକରେ ଜିଲାପାଳ ବେଦଭୂଷଣଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ସେ ଫିରିଙ୍ଗିଆ ବ୍ଲକ କେଳାପଡା ପଞ୍ଚାୟତର କାୟାଲମ୍ବା ଗାଁରେ ସ୍ୱୟଂ ସହାୟକ ଗୋଷ୍ଠୀ ମହିଳାଙ୍କ ଦ୍ୱାରା ହୋଇଥିବା ହଳଦୀ ଚାଷ, ବନ୍ଧଗଡ଼ ପଞ୍ଚାୟତର ମଣିପଦରଠାରେ ହୋଇଥିବା ଷ୍ଟ୍ରବେରି, ଗେଣ୍ଡୁଫୁଲ ଓ ମାଣ୍ଡିଆ ଚାଷ, ରତଙ୍ଗ ପଞ୍ଚାୟତର ପୋଡାପଡାଠାରେ ଜଳସେଚନ ବ୍ୟବସ୍ଥା ସହ ବିନ୍ସ ଚାଷ, ପଲାବୃଡି ପଞ୍ଚାୟତର ଡ୍ରାଗନ ଫ୍ରୁଟ୍ ଚାଷ କେନ୍ଦ୍ର ସଚିବ ବୁଲି ଦେଖିଥିଲେ। ବନ୍ଧଗଡ଼ସ୍ଥିତ କସମର ହଳଦୀ ପ୍ରକ୍ରିୟାକରଣ କେନ୍ଦ୍ର ଦେଖିବା ସହ କିଭଳି ଅଧିକ ପରିମାଣରେ ହଳଦୀ ଚାଷ ହୋଇପାରିବ ଓ ଜଳସେଚନର ବ୍ୟବସ୍ଥା ହେବ ପଦକ୍ଷେପ ନେବାକୁ ସେ ଜିଲାପାଳ ଓ ଜିଲା କୃଷି ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ।



କ୍ଷେତ୍ର ପରିଦର୍ଶନ କରୁଛନ୍ତି କେନ୍ଦ୍ର ଯୁଗ୍ମ ସଚିବ ।

## କାଳିଗାଡୁରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି



ଜି.ଉଦୟଗିରି,୩୦ା୧୧ (ଶିଶିର ପଟ୍ଟନାୟକ/ଚିନ୍ମୟ ସେଠୀ)

ଜି.ଉଦୟଗିରି ଅଞ୍ଚଳରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରହୁଥିବା ବେଳେ ଏଠାରେ ଶୀତର ମଜା ନେବା ପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ସ୍ଥାନୀୟ ଅଞ୍ଚଳରେ ବିଗତ କିଛି ଦିନ ଧରି ପ୍ରବଳ ଥଣ୍ଡା ଅନୁଭୂତ ହେଉଛି। ସ୍ଥାନୀୟ ସିଁକୀ ଇକୋ ପାର୍କ, କାଳିଗାଡୁ ହିଲଟପ୍‌ର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ରବିବାର ସକାଳୁ ପର୍ଯ୍ୟଟକଙ୍କ ଭିଡ଼ ହୋଇଛି । ରବିବାର ସନ୍ଧ୍ୟାରେ ଫୁଲବାଣୀ ବିଧାୟକ ଉମାଚରଣ ମଲ୍ଲିକ, ଜ୍ଞାନରଞ୍ଜନ ପ୍ରଧାନ ଓ ଅନ୍ୟମାନେ ପାହାଡ଼ ଚଢ଼ି କାଳିଗାଡୁ ହିଲ ଟପ ଯାଇଥିଲେ। ସେଠାରେ ପ୍ରାକୃତିକ ସୌନ୍ଦର୍ଯ୍ୟ ଦେଖିବା ପରେ ଏହାର ଭିତ୍ତିଭୂମିର ବିକାଶକୁ ଗୁରୁତ୍ୱ ଦେବା ଓ ଯାତାୟତ ନିମନ୍ତେ ଜି.ଉଦୟଗିରି ଠାରୁ ପକ୍କା ସଡ଼କ ନିର୍ମାଣ ଆବଶ୍ୟକ ରହିଛି, ଏନେଇ ସ୍ଥାନୀୟ ବିଡିଓ ଏବଂ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ବିଧାୟକ କହିଛନ୍ତି। ସିଁକୀ ଇକୋ ପାର୍କ, କାଳିଗାଡୁ ହିଲଟପକୁ ଜିଲା ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। କିନ୍ତୁ ସେହି ସ୍ଥାନକୁ ଯିବା ପାଇଁ ରାସ୍ତାରେ ସୂଚନା ଫଳକ ଲଗାଇବା ପାଇଁ ପର୍ଯ୍ୟଟକ ନିବେଦନ କରିଛନ୍ତି। ଜିଲ୍ଲା ପ୍ରଶାସନ ତଥା ପର୍ଯ୍ୟଟନ ବିଭାଗ ଏହି ହିଲଟପ ଓ ସିଁକୀ ଇକୋ ପାର୍କ କୁ ଏକ ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରି ଏହାର ଉନ୍ନତି କଲେ ବର୍ଷ ତମାମ ପର୍ଯ୍ୟଟକଙ୍କ ଭିଡ଼ ଲାଗି ରହିବ । ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଅଭିବୃଦ୍ଧି ହେବ ବୋଲି ବୁଦ୍ଧିଜିବୀ ମହଲରେ ଆଲୋଚନା ହେଉଛି।

# 'ସଂଗ୍ରାମର ବାର୍ତ୍ତା'ର ବିଶେଷ ସଂଖ୍ୟା ଉନ୍ମୋଚିତ

ବ୍ରହ୍ମପୁର,୩୦ା୧୧ (ସ୍ମୃତି ରଞ୍ଜନ ମହାଲିକ)

ସରକାରୀ କର୍ମଚାରୀ ଓ ଅବସରପ୍ରାପ୍ତ କର୍ମଚାରୀଙ୍କ ମାସିକ ପତ୍ରିକା 'ସଂଗ୍ରାମର ବାର୍ତ୍ତା'ର ୪୭ତମ ଜନ୍ମ ବାର୍ଷିକୀ ରବିବାର ଗଞ୍ଜାମ କଳା ପରିଷଦଠାରେ ପାଳିତ ହୋଇଯାଇଛି। ପତ୍ରିକାର ପ୍ରତିଷ୍ଠାତା ଉଦୟନାଥ ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ। ବିଭିନ୍ନ ଜିଲାରୁ ୫୦୦ରୁ ଉର୍ଦ୍ଧ୍ୱ ପାଠିକା ପାଠକ,, ଲେଖିକା, ଲେଖକ ଓ ଶୁଭେଚ୍ଛୁ ଉପସ୍ଥିତ ଥିଲେ। ଏହି ଅବସରରେ ପତ୍ରିକାର ଅନ୍ୟତମ ପ୍ରତିଷ୍ଠାତା ସ୍ୱର୍ଗତ ରାଜେନ୍ଦ୍ର ରାଉତ ଓ ଜଗବନ୍ଧୁ ସାହୁଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଡି ମୋହନ ରାଓ ସମସ୍ତଙ୍କୁ ସ୍ୱାଗତ ଜଣାଇ ଥିଲେ। ସମ୍ପାଦକ ନଳିନୀ କାନ୍ତ ମିଶ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସଭାପତିଙ୍କ ଦ୍ୱାରା ସଂଗ୍ରାମର ବାର୍ତ୍ତାର ବିଶେଷ ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ଡି ଗୁରୁମୂର୍ତ୍ତି ପାତ୍ର, ମହର୍ଷି ସିଂ, ବି ଧର୍ମା ରାଓ, ଏ ସଦାନନ୍ଦ ଆଚାରି ଓ ଡି ଶ୍ରୀନିବାସଙ୍କୁ ଅଧିକ ସଭ୍ୟା ସଭ୍ୟ ସଂଗ୍ରହ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ନିର୍ମଳ ଚନ୍ଦ୍ର ଦାସ, କର୍ମଚାରୀ ଫୋରମର ସମ୍ପାଦକ ଦାରିକାନାଥ ମହାନ୍ତି, ମୁଦ୍ରଣ ଦାୟିତ୍ୱ ତୁଲାଉଥିବା ସଭ୍ୟ ଗୋକୁଳାନନ୍ଦ ବେହେରା, ମାନବର ସେତୁ ପତ୍ରିକାର ସମ୍ପାଦକ ଇ ରମେଶ ଚନ୍ଦ୍ର ମହାନ୍ତି, ସହଯୋଗୀ ସମ୍ପାଦକ ବିକାଶ ଚନ୍ଦ୍ର ମହାପାତ୍ର ଓ ଉପଦେଷ୍ଟା ପ୍ରଫୁଲ୍ଲ କୁମାର ମହାପାତ୍ର ଉପସ୍ଥିତ ରହି ସଂଗ୍ରାମର ବାର୍ତ୍ତାର ବହୁଳ ପ୍ରସାର ପାଇଁ ସଭିଏଁ ଉଦ୍ୟମ କରିବା ଆବଶ୍ୟକ ବୋଲି କହିଥିଲେ। ଆଗାମୀ ଦରମା ନିର୍ଦ୍ଧାରଣରେ କେନ୍ଦ୍ର ସରକାର ପୁରୁଣା ପେନସନର ଉପରେ ପ୍ରଚଣ୍ଡ ଆଘାତ ଦେବାକୁ ଯାଉଛନ୍ତି। ମାର୍ଚ୍ଚ ୨୦୨୫ରେ ଅର୍ଥ ଆଇନ ସଂଶୋଧନ କରାଯାଇ ଓପିଏସ ପାଉଥିବା ସୁବିଧାକୁ ସଙ୍କୁଚିତ କରିବାକୁ ଚେଷ୍ଟା କରୁଛନ୍ତି। ଏଥିପାଇଁ ଆସନ୍ତା ଡିସେମ୍ବର ୧୭ ତାରିଖରେ ପେନସନ ଦିବସ ଅବସରରେ ପେନସନରମାନଙ୍କ ଦାବି ଜଣାଇବାପାଇଁ ରାଜଭବନ ଚାଲ କାର୍ଯ୍ୟକ୍ରମ ରଖାଯାଇଥିବା ସଂଘ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପଦେଷ୍ଟା କେ ନନ୍ଦେଶ୍ୱ ସେନାପତି, ଭଗବାନ ନାହକ, ବି ଧର୍ମା ରାଓ, କେ କ୍ରିଷ୍ଣା ମୂର୍ତ୍ତି ରାଓ, ଶଶାଙ୍କ ପ୍ରଧାନ, ରାଜ୍ୟ ସଂଗଠନ ସମ୍ପାଦକ ଏ ସତ୍ୟନାରାୟଣ ଗୁପ୍ତା, କିଶୋର ଚନ୍ଦ୍ର ମିଶ୍ର, ଶିଶିର ନାୟକ ଏବଂ ଧରିତ୍ରୀ ସାହୁଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କର୍ମଚାରୀ ସଂଘର ସମ୍ପାଦକ ଶଙ୍କର୍ଷଣ ପାତ୍ର ଧନ୍ୟବାଦ ଦେଇଥିଲେ।

# ନିଜ ଭବିଷ୍ୟତ ନିଜେ ଗଢ଼ିବାକୁ ଶିଶୁଙ୍କ ମାର୍ଗଦର୍ଶନ



ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀ।

## କେ.ସି. ଟାଉନ ହାଇସ୍କୁଲରେ ଓଷ୍ଟାର ଶିଶୁ ଉତ୍ସବ

ବ୍ରହ୍ମପୁର,୩୦ା୧୧ (ସୁବାସ ଚନ୍ଦ୍ର ପାଢ଼ୀ)

ସ୍ଥାନୀୟ କେ.ସି. ଟାଉନ ହାଇସ୍କୁଲ ପରିସରରେ ଓଡିଶା ମାଧ୍ୟମିକ ବିଦ୍ୟାଳୟ ଶିକ୍ଷକ ସଂଘ(ଓଷ୍ଟା), ଗଂଜାମ ଜିଲା ଶାଖା ପକ୍ଷରୁ ମହାନଗର ନିଗମ ସ୍ତରୀୟ ୪୨ତମ ଶିଶୁ ଉତ୍ସବ ସଭାନେତ୍ରୀ ସନ୍ତୁ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ପ୍ରଧାନ ଶିକ୍ଷୟିତ୍ରୀ ରୀନା ପାଢୀ ସ୍ୱାଗତ ସୂଚନା ଓ ବ୍ଲକ ସଂପାଦକ ସନ୍ତୋଷ ରଥ ଶିଶୁ ଉତ୍ସବର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ପଣ୍ଡିତ ଗୌରୀ ମିଶ୍ର ବେଦପାଠ କରିଥିଲେ। ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକ ସଂଗୀତ ଗାନ କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ, କଣ୍ଠସଂଗୀତ, ଚିତ୍ରାଙ୍କନ, ଏକକ ଅଭିନୟ, ନୃତ୍ୟ ଆଦି ପ୍ରତିଯୋଗିତା ହୋଇଥିଲା। ଏଥିରେ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ସାମିଲ ଥିଲେ । ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ବ୍ରିଗେଡିୟର୍ ଡା. ଅରୁଣ ପ୍ରସାଦ ପାଢୀ ଛାତ୍ରୀଛାତ୍ରଙ୍କୁ ନିଜ ଭବିଷ୍ୟତ ନିଜେ କିପରି ଗଢିବେ ସେନେଇ ମାର୍ଗଦର୍ଶନ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ୍ ତ୍ରିନାଥ ମହାରଣା କହିଥିଲେ, ବହୁ ବର୍ଷ ଧରି ଓଷ୍ଟା ଶିଶୁ ଉତ୍ସବ ପାଳନ କରି ପୁରପଲ୍ଲୀର ଛାତ୍ରୀଛାତ୍ରଙ୍କ ଲୁକ୍କାୟିତ ପ୍ରତିଭାକୁ ପରିଚୟ ଦେଇଛି । ଅନ୍ୟତମ ଅତିଥି ଭାବେ ଜିଲା ଓଷ୍ଟା ସମ୍ପାଦକ ଶିକ୍ଷାବିତ ବିଜୟ ବେହେରା, ଶିକ୍ଷାବିତ ହିମାଂଶୁ ପଟ୍ଟନାୟକ, ସୁଶାନ୍ତ ପଟ୍ଟନାୟକ, କେଦାରନାଥ ଚୌଧୁରୀ, ରାଜେନ୍ଦ୍ର ପଟ୍ଟନାୟକ, ଭିକାରୀ ଚରଣ ଗୌଡ ଉପସ୍ଥିତ ଥିଲେ। ଶିକ୍ଷୟିତ୍ରୀ ଇନ୍ଦ୍ରାବତୀ ଦଳାଇ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ରେଡକ୍ରସ ସ୍ୱେଚ୍ଛାସେବୀ ଶିବିର

ଆସିକା,୩୦ା୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବ୍ଲକ କେନ୍ଦୁପଦରସ୍ଥିତ ନିମିନା ବୃନ୍ଦାବନ ଚନ୍ଦ୍ର ମହାବିଦ୍ୟାଳୟରେ ଶୁକ୍ରବାରଠାରୁ ୩ ଦିନିଆ ଜିଲାସ୍ତରୀୟ ରେଡକ୍ରସ ସ୍ୱେଚ୍ଛାସେବୀମାନଙ୍କ ଅଧ୍ୟୟନ ଏବଂ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି । କଲେଜ ଅଧ୍ୟକ୍ଷ ଅମର ପ୍ରସାଦ ବିଷୋୟୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଲୋକସେବା ମଣ୍ଡଳ, ନୂଆଦିଲ୍ଲୀର ସାଧାରଣ ସଂପାଦକ ରାଜେନ୍ଦ୍ର କୁମାର ଜେନା, ଗଞ୍ଜାମ ଯୁବ ରେଡକ୍ରସର ସଂଯୋଜକ ଜଗଦିଶ ଚନ୍ଦ୍ର ପାଲ ଏବଂ ଓଡିଶା ଯୁବ ରେଡକ୍ରସର ବରିଷ୍ଠ କାର୍ଯ୍ୟକର୍ତ୍ତା ତଥା ପୂର୍ବତନ ଅଧ୍ୟକ୍ଷ ଗୋବିନ୍ଦ ରାଓ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ଏହି ଅବସରରେ ଅତିଥିମାନେ ସ୍ୱେଚ୍ଛାସେବୀମାନଙ୍କୁ ସେମାନଙ୍କ ସେବାର ମହତ୍ୱ, ଉଦ୍ଦେଶ୍ୟ ଏବଂ ସଂଜ୍ଞା ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏଥିସହ ଯୁବ ରେଡକ୍ରସର ଇତିହାସ ସମ୍ପର୍କରେ ଆଲୋଚନା କରାଯାଇଥିଲା। ମହାବିଦ୍ୟାଳୟ ଯୁବ ରେଡକ୍ରସ ସଂଯୋଜକ ଡ. କୁନାସୁନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଶିବିରରେ ଜିଲାର ୪୩ଟି ଅନୁଷ୍ଠାନର ଯୁବ ରେଡକ୍ରସ ସଂଯୋଜକ ଏବଂ ୨୨୦ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ ।

# ଫୁଲବାଣୀ ଭେଷଜ ଡାକ୍ତରଙ୍କୁ ଯୁବ ପ୍ରତିଭା ସମ୍ମାନ



ଫୁଲବାଣୀ,୩୦ା୧୧ (ରାକେଶ କୁମାର ରାଉତ)

ଫୁଲବାଣୀ ସରକାରୀ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ କାର୍ଯ୍ୟରତ ଭେଷଜ ବିଭାଗ ଆସୋଶିଏଟ ପ୍ରଫେସର ତଥା କଣ୍ଠଶିଳ୍ପୀ ଡା.ଚନ୍ଦନ ଗନ୍ତାୟତଙ୍କୁ କବିଚନ୍ଦ୍ର କାଳିଚରଣ ଯୁବ ପ୍ରତିଭା ସମ୍ମାନ ମିଳିଛି। ଓଡ଼ିଶା ସଂଗୀତ ନାଟକ ଏକାଡେମୀ ସୁଗମ ସଂଗୀତ ବର୍ଗରେ ଭୁବନେଶ୍ୱରସ୍ଥିତ ଲୋକସଭା ଭବନ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି । ସଂସ୍କୃତି ମନ୍ତ୍ରୀ ସୁର୍ଯ୍ୟବଂଶୀ ସୁରଜ, ବିଧାୟକ ବାବୁ ସିଂ, ବିଧାୟକ ସିଦ୍ଧାନ୍ତ ମହାପାତ୍ର, ବିଧାୟକ ଆକାଶ ଦାସ, ସଂଗୀତ ନାଟକ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା ଉପସ୍ଥିତ ରହି ଡା.ଚନ୍ଦନଙ୍କୁ ମାନପତ୍ର, ଅଙ୍ଗବସ୍ତ୍ର, ପୁରସ୍କାର ଅର୍ଥରାଶି ପ୍ରଦାନ କରିଥିଲେ ।

# ପୁରୁଷ ବନ୍ଧୁଙ୍କ ଘର ବାରଣ୍ଡାରେ ମୃତଦେହ ରଖି ଧାରଣା

## ଯୁବତୀଙ୍କ ଆତ୍ମହତ୍ୟା

ଖଲ୍ଲିକୋଟ,୩୦ା୧୧ (ପ୍ରଶାନ୍ତ କୁମାର ମିଶ୍ର)

ଖଲ୍ଲିକୋଟ ବ୍ଲକ ତଥା ରମ୍ଭା ଥାନା ଅଧୀନସ୍ଥ ସାବୁଲିଆ ଗ୍ରାମରେ ଶନିବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ପୁରୁଷ ବନ୍ଧୁଙ୍କ ନିର୍ଯାତନା ସହି ନ ପାରି ଝିଅ ଘରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଯୁବତୀଙ୍କ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଛନ୍ତି। ମୃତ ଯୁବତୀ ଜଣଙ୍କ ହେଲେ ସାବୁଲିଆ ଗ୍ରାମ ବାଦଭୂମି ସାହିର ଝାନ୍ସି ବେହେରା।

ଅଭିଯୋଗ ଅନୁଯାୟୀ, ଝାନ୍ସି ତାଙ୍କ ଗାଁର ଜଣେ ଯୁବକଙ୍କୁ ଭଲ ପାଉଥିଲେ। ଉଭୟ କିଛି ମାସ ତଳେ ଘରୁ ଫେରାର ହୋଇ ଯାଇଥିଲେ। ଏ ସମ୍ପର୍କରେ ଝାନ୍ସିଙ୍କ ପରିବାର ଲୋକେ ରମ୍ଭା ଥାନାରେ ଅଭିଯୋଗ କରିଥିଲେ। ପ୍ରେମୀ ଯୁଗଳ ଫେରି ଆସିବା ପରେ ଗାଁରେ ଏକ ବୈଠକ ବସି ବର୍ଷକ ଭିତରେ ଉଭୟଙ୍କ ବିବାହ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଇତି ମଧ୍ୟରେ ୬ ମାସ ବିତି ଯାଇଥିବା ବେଳେ ଅଭିଯୁକ୍ତ ଯୁବକ ସମେତ ତାଙ୍କ ଘର ପକ୍ଷରୁ ଫୋନରେ ଝାନ୍ସିଙ୍କ ଚରିତ୍ରକୁ ଆପେକ୍ଷ କରି ବିଭିନ୍ନ ନିର୍ଯାତନା ଦିଆଯାଉଥିବାରୁ ଝାନ୍ସି ଆତ୍ମହତ୍ୟା କଲେ ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଖଲ୍ଲିକୋଟ ମେଡିକାଲରେ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ଥାନାରେ ମାମଲା (ନଂ.୯୨୪/୨୫) ରୁଜୁ କରିଥିଲା। ରବିବାର ବ୍ରହ୍ମପୁର ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହୋଇ ଗାଁରେ ପହଞ୍ଚିବା ପରେ ଝାନ୍ସିଙ୍କ ପରିବାର ଲୋକେ ମୃତଦେହ ତାଙ୍କ ପୁରୁଷ ବନ୍ଧୁଙ୍କ ଘର ବାରଣ୍ଡାରେ ପକାଇ ଧାରଣାରେ ବସି ରହିଥିଲେ। ସନ୍ଧ୍ୟାରେ ଗାଁରେ ବୈଠକ ବସିଥିବା ସୂଚନା ମିଳିଛି।

# ସଚେତନତା ବଢ଼ିଲେ ଦୁର୍ଘଟଣା ହାର କମିବ

ଭଞ୍ଜନଗର,୩୦ା୧୧ (ବାବୁଲା ପ୍ରଧାନ)

ଭଞ୍ଜନଗର ରୋଟାରୀ କ୍ଲବ ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଭଞ୍ଜନଗର ବେଲଗୁଣ୍ଠା ରୋଡ ନୂଆଗାଁ ସେତୁ ଉପରେ ଶୂନ୍ୟ ମୃତାହତ ପକ୍ଷ ଅବସରରେ ଏକ ସଭା ହୋଇଥିଲା। ଏହି ଅବସରରେ ସେଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଭଞ୍ଜନଗର ଆରଟିଓ ଭାଗିରଥି ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲୋକଙ୍କ ମଧ୍ୟରେ ସଚେତନତା ବଢ଼ିଲେ ଦୁର୍ଘଟଣା ହାର କମିପାରିବ ବୋଲି କହିଥିଲେ। ଏହି ଅବସରରେ ରୋଟାରୀ କ୍ଲବ ପକ୍ଷରୁ ଯେଉଁ ମାନେ ନିୟମ ଭାଙ୍ଗୁଛନ୍ତି ସେମାନଙ୍କୁ ନିୟମ ମାନି ଚଳିବା ପାଇଁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମକୁ ରୋଟାରୀ କ୍ଲବ ସଭାପତି ରଞ୍ଜିତ ବାରିକ, ରୋଟାରୀ ଇନରହ୍ୱିଲ କ୍ଲବ ସଭାନେତ୍ରୀ ସୁନିତା ବାରିକ, ଭଞ୍ଜନଗର ଏସଆଇ ଲିପିନା ବିଶ୍ୱାଳ,ଏମ୍‌ଭି ଆଇ କିଶୋର ଦେ, ବେଲଗୁଣ୍ଠା ଥାନା ଅଧିକାରୀ ଅଭୟ ପ୍ରଧାନ, ଏସ୍‌ଆଇ ଶରତ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଇନ୍ସପେକ୍ଟର ସେକ୍‌ଉଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲା ମୁଖ୍ୟ ଚିକିତ୍ସାଳୟରେ ମାରପିଟ୍ ନେଇ ଅଭିଯୋଗ

ପାରଳାଖେମୁଣ୍ଡି,୩୦ା୧୧ (ଗିରିଧାରୀ ପରିଚ୍ଛା)

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡିସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ମାରପିଟ ଘଟଣାକୁ ନେଇ ଥାନାରେ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ପାରଳାଖେମୁଣ୍ଡି ଆଦର୍ଶ ଥାନା ପୋଲିସ ତଦନ୍ତ ଆରମ୍ଭ କରିଛି। ଏଠାରେ କାର୍ଯ୍ୟରତ ସିକ୍ୟୁରିଟି ଗାର୍ଡ ଆକାଶ ଶବର ତାଙ୍କ ଅଭିଯୋଗରେ କହିଛନ୍ତି, ଏସ. କୁମାର ନାମକ ଜଣେ ବ୍ୟକ୍ତି ରବିବାର ମଧ୍ୟାହ୍ନ ସମୟରେ ଏକ କୁକୁର ଧରି ଡାକ୍ତରଖାନାରେ ପ୍ରବେଶ କରିଥିଲେ। କୁକୁରକୁ ଧରି ନ ଯିବାକୁ ସେ ବାରଣ କରିବାରୁ ତାଙ୍କ ସହ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ସମ୍ପୃକ୍ତ ବ୍ୟକ୍ତି ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଆକାଶ କହିଛନ୍ତି। ଏସମ୍ପର୍କରେ ସିକ୍ୟୁରିଟି ଗାର୍ଡ ଆକାଶ ଥାନାରେ ଅଭିଯୋଗ କରିଛନ୍ତି। ଏହା ସହରରେ ଚର୍ଚ୍ଚାର ବିଷୟ ହୋଇଥିବା ବେଳେ ଏ ସମ୍ପର୍କିତ ଏକ ଭିଡିଓ ଭାଇରାଲ ହୋଇଛି। ସେଥିରେ ଉଭୟେ ପରସ୍ପରକୁ ଧକ୍କା ମରାମରି ହେଉଥିବା ଦେଖିବାକୁ ମିଳୁଛି।

No.T-107

**ଓଡ଼ିଶା ସରକାର**

**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**

**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**

**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ପଞ୍ଚମ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.01.12.2025ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-09014/11/0205/2526

# ଚିଲ୍‌ଡ୍ରେନ୍‌ସ ପାର୍କକୁ ନଷ୍ଟ କଲେଣି ଦୁର୍ବୃତ୍ତ

ରାଇକିଆ,୩୦ା୧୧ (ପ୍ରଦୀପ ବେହେରା)




ରାଇକିଆ ତହସିଲ ଅଫିସ ନିକଟରେ ଥିବା ଚିଲ୍‌ଡ୍ରେନ୍‌ସ ପାର୍କର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ନିର୍ମାଣ କରାଯାଇଥିବା ପାର୍କ ନିୟମିତ ଖୋଲା ଯାଉ ନ ଥିବା ଯୋଗୁ ଏହା ଦିନକୁ ଦିନ ନଷ୍ଟ ହେବାକୁ ବସିଲାଣି। ୨୦୨୩ରେ ଏହି ପାର୍କକୁ ଉଦଘାଟନ କରାଯାଇଥିଲା। ଏହାର ପରିଚାଳନା ଦାୟିତ୍ୱ ଏକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଟେକି ଦେଇ ବ୍ଲକ୍ ପ୍ରଶାସନ ନୀରବ ଦ୍ରଷ୍ଟା ସାଜିଛି। ଏହାର ରକ୍ଷଣା ବେକ୍ଷଣ, ନିରୀକ୍ଷଣ କରା ନ ଯିବା ଫଳରେ ଦାମି ସରଞ୍ଜାମ ସବୁ ଖତ ଖାଉଛି। ପାର୍କ ଚାରିପାଖ ଲଟାବୁଦାରେ ପରିପୂର୍ଣ୍ଣ ହୋଇ ରହିଛି। ପାର୍କ ତାଲା ପଡ଼ି ରହୁଥିବା ଯୋଗୁ ଅସାମାଜିକ ଯୁବକଙ୍କ ଆଡ୍ଡାସ୍ଥଳି ପାଲଟିଛି। ଦୁର୍ବୃତ୍ତମାନେ ପାଚେରୀ ଗ୍ରିଲକୁ ଭାଙ୍ଗ ଦେଲେଣି। ରାତ୍ରରେ ଆଲୋକ ବ୍ୟବସ୍ଥା ନ ଥିବା ବେଳେ ପିଲାଙ୍କ ଖେଳ ସାମଗ୍ରୀ ମଧ୍ୟ ଭାଙ୍ଗି ଗଲାଣି। ଅନ୍ୟ ପକ୍ଷରେ ତତ୍କାଳୀନ ବିଡ଼ିଓ ପ୍ରବୀଣ କୁମାର ବାଣୁଆଙ୍କ ଉଦ୍ୟମ କ୍ରମେ ପାର୍କ ଶିଶୁଙ୍କ ପାଇଁ ବିଭିନ୍ନ କ୍ରୀଡା ସରଞ୍ଜାମ ଏବଂ ଓପନ ଜିମ ସରଞ୍ଜାମ ମଧ୍ୟ ଲଗା ଯାଇଥିଲା। କିଛି ଦିନ ପ୍ରାତଃ ଭ୍ରମଣ କରୁଥିବା ଲୋକେ ବ୍ୟାୟାମର ସୁବିଧା ପାଉଥିଲେ। ତାହା ମଧ୍ୟ ନଷ୍ଟ ହୋଇ ଗଲାଣି।

ଏନେଇ ରାଇକିଆ ବିଡ଼ିଓ ସବ୍ୟସାଚୀ ସାହୁଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନାହିଁ। ରାଇକିଆ ସହର ମଧ୍ୟରେରେ ଥିବା ଏହି ପାର୍କକୁ ଅଣଦେଖା କରାଯାଉଥିବା ନେଇ ବିଭିନ୍ନ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି।

No.A-1022

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**UPPER INDRAVATI LEFT CANAL DIVISION NO-II, DHARAMGARH, KALAHANDI, ODISHA**
Email : eeuilcdii@gmail.com

**Notice Invitation for Bids (NIFB)**
**e-Procurement Notice No : SE/UILCD-II-03/2025-26(01-03)**

1. Type/Nature of work : Civil Works
2. Total No. of works : 3 (Three) Nos.
3. Approx. value of works : Varies from 7.71 lakh(s) to 20.92 lakh(s) Excluding GST
4. Period of completion : 03 months and 04 months (As per DTCN)
5. Classification of bidders : D or C or B (As per DTCN)

**Other details as follows**

| Procurement Officer | e-Procurement Notice No | Availability & Submission of bids in online | | Date & time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | |
| Superintending Engineer, UI Left Canal Division No-II, Dharamgarh, Dist-Kalahandi | SE/UILCD-II-03/2025-26 (01-03) for 03 (Three) Nos. of works | 02.12.2025 At 10.00 A.M. | 11.12.2025 Up to 5.30 P.M. | 12.12.2025 At 11.30 A.M. |

N.B, : Further details can be seen from the e-procurement portal www.tendersodisha.gov.in. Any addendum/Corrigendum/Cancellation to the above notice will be published in the Govt. website **www.tendersodisha.gov.in**

OIPR-32483/11/0004/2526

Sd./- Superintending Engineer
U.I.L.C.D. No.II, Dharamgarh

# ଶିଶୁ ମନ୍ଦିରର ବାର୍ଷିକ କ୍ରୀଡ଼ା

ଆସିକା ୩୦।୧୧ (ସୁରେନ୍ଦ୍ର ନାଥ ସାହୁ)

ଆସିକା ସହର ଉପକଣ୍ଠ କାଳଷଣ୍ଡପୁରସ୍ଥିତ ମିନି ଷ୍ଟାଡିୟମ ଠାରେ ଶୁକ୍ରବାର ଠାରୁ ଚାଲିଥିବା ଆସିକା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୧ତମ ଉତ୍ସବ ଶନିବାର ଦିନ ଉଦ୍‌ଯାପିତ ହୋଇଛି। ଏଥିରେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ପଦ୍ମଚରଣ ବିଷୋୟୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କୃତି ପ୍ରତିଯୋଗିଙ୍କୁ ପୁରସ୍କୃତ କରିଥିଲେ । ୨ଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଦୌଡ, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା, ବର୍ଛା ଫିଙ୍ଗା, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ତ୍ରିକୁଦ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପରିଚାଳନାର ସଭାପତି ଡ. ବିନୋଦ ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ୍ କୃଷି ଅଧିକାରୀ ବାସୁଦେବ ସାହୁ, ଶିକ୍ଷା ବିକାଶ ସମିତି ସଦସ୍ୟ କିରଣ କୁମାର ପାଢୀ, ବିଦ୍ୟାଳୟର ସମ୍ପାଦକ ପ୍ରତାପ ମହାପାତ୍ର, ଉପସଭାପତି ଦୁର୍ଗାପ୍ରସାଦ ପଣ୍ଡା, ଯୁକ୍ତ୨ ବିଜ୍ଞାନ ଅଧ୍ୟକ୍ଷ ସୁରେନ୍ଦ୍ର ନାଥ ସାବତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ସୁନିଲ୍ କୁମାର ଗୌଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ସମସ୍ତ ପଞ୍ଜୀକୃତ ଚାଷୀଙ୍କଠାରୁ ଧାନକିଣାକୁ ଗୁରୁତ୍ୱ

ଛତ୍ରପୁର,୩୦।୧୧(ଦିଲୀପ ସାମଲ)

ଛତ୍ରପୁରସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦର ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ରବିବାର ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଭି. କୀର୍ତ୍ତିଭାସନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଗୋପାଳପୁର ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ଓ ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ରାଉତରାୟ ଯୋଗଦେଇ ଜିଲ୍ଲାର ଧାନ ସଂଗ୍ରହ ପ୍ରକ୍ରିୟାର ସମସ୍ତ ପ୍ରଣାଳୀ ଉପରେ ଆଲୋକପାତ କରିଥିଲେ।

ଜିଲାର ସମସ୍ତ ପଞ୍ଜୀକୃତ ଚାଷୀମାନଙ୍କ ଠାରୁ ସୁରୁଖୁରରେ ଧାନ ସଂଗ୍ରହ ପାଇଁ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଜେନା କହିଥିଲେ। ମିଲର, ଚାଷୀ ଓ ପ୍ୟାକ୍ସ ଉତ୍ତମ ସମନ୍ୱୟ ରଖି ଧାନ କିଣାଯିବ । ସମସ୍ତ ମଣ୍ଡିରେ ଚାଷୀଙ୍କ ନିମନ୍ତେ ସବୁ ପ୍ରକାର ସୁବିଧା ରହିବ । ରାଜ୍ୟ ସରକାର ଧାନର ମୂଲ୍ୟ ସହ ୮୦୦ ଟଙ୍କା ବୋନସ ଦେବା ପରେ ଜିଲ୍ଲାରେ ଗତବର୍ଷ ଚାଷୀଙ୍କ ମେରୁଦଣ୍ଡ ସଳଖ ହୋଇପାରିଛି । ଜିଲ୍ଲା ତଥା ରାଜ୍ୟରେ ଚାଷ କରିବା ପାଇଁ ଚାଷୀଙ୍କ ଉତ୍ସାହ ବଢ଼ିଛି। ଗଞ୍ଜାମ ଜିଲ୍ଲାରେ ଡିସେମ୍ବର ୨୩ରୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ହେବ। ଯଦି ଚାଷୀ ଆଗୁଆ ଧାନ ଅମଳ କରି ବିକ୍ରି ପାଇଁ ଉତ୍ସାହିତ ଅଛନ୍ତି ସେ ନେଇ ପଦକ୍ଷେପ ନିଆଯିବ। ବିଶେଷ କରି ଜିଲ୍ଲାରେ ଖଣିପକା ଧାନ ପାଇଁ ଯେଉଁ ସ୍ୱତନ୍ତ୍ର ପରିଚୟ ଥିଲା ତାହାକୁ ଫେରାଇବା ନିମନ୍ତେ ଚାଷୀ ଓ ମିଲରସ୍ତରରେ ଉଦ୍ୟମ କରାଗଲେ ଭଲ ହେବ। ଏଥିପାଇଁ ସରକାର ତଥା ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ। ଚଳିତବର୍ଷ ଧାନ ବିକିବା ପାଇଁ ୧ ଲକ୍ଷ ୫୬ ହଜାର ୭୧୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି । ସେମାନଙ୍କ ମଧ୍ୟରୁ ଯୋଗ୍ୟ ଚାଷୀଙ୍କ ତର୍ଜମା ପ୍ରକ୍ରିୟା ଚାଲୁ ରହିଛି । ଜିଲ୍ଲାରେ ଚଳିତବର୍ଷ ୩୬୬ଟି ପ୍ୟାକ୍ସ, ଗୋଟିଏ ପାଣି ପଂଚାୟତ ଏବଂ ୧୦୯ ଟି ଏସଏଚଜି ଗ୍ରୁପକୁ ଧାନ ସଂଗ୍ରହ କରିବାକୁ ଦାୟିତ୍ୱ ଦିଆଯାଇଛି । ଗତବର୍ଷ ୬୦ ଲକ୍ଷ ୫୮ ହଜାରରୁ ଉର୍ଦ୍ଧ୍ୱ କୁଇଣ୍ଟାଲ ଧାନ କିଣାଯାଇଥିବା ବେଳେ ଚଳିତବର୍ଷ ୬୪ ଲକ୍ଷ କୁଇଣ୍ଟାଲ ଧାନ କିଣିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରଥମ ପର୍ଯ୍ୟାୟରେ ପଞ୍ଜିକୃତ ଚାଷୀଙ୍କ ଠାରୁ ୩୬ ଲକ୍ଷ ୫୬ ହଜାର କୁଇଣ୍ଟାଲ ଧାନ ସଂଗ୍ରହ ପାଇଁ ଲକ୍ଷ୍ୟ ରହିଛି । ଏଥିସହିତ ମଣ୍ଡି ଗୁଡିକର ସୁପରିଚାଳନା ପାଇଁ ସୋସାଇଟି ସ୍ତରରେ ଧାନ ସଂଗ୍ରହ କମିଟି ଗଠନ କରାଯିବ ଓ ମଣ୍ଡି ନୋଡାଲ ଅଫିସର ଓ ସୁପରଭାଇଜର ନିୟୋଜିତ କରାଯିବ । ଧାନର ମୂଲ୍ୟ ୨୪ରୁ ୪୮ ଘଣ୍ଟା ମଧ୍ୟରେ ଚାଷୀମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପଠାଯିବ। ଏଫଏକ୍ୟୁ ମାନର ଧାନ ସମ୍ପର୍କରେ ସଚେତନତା ପାଇଁ ଚାଷୀମାନଙ୍କୁ ସୂଚନା-ଶିକ୍ଷା-ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯିବ। ଧାନ ସଂଗ୍ରହ ପ୍ରଣାଳିକୁ ତ୍ରୁଟିଶୂନ୍ୟ କରିବା ପାଇଁ ଇଲେକ୍ଟ୍ରୋନିକ ଓଜନ ଯନ୍ତ୍ର, ଆଡ଼ଭାନ୍ସ ମୋବାଇଲ ପ୍ୟାଡ଼ି କ୍ଲିନର, ଗ୍ରେନ ଆନାଲାଇଜର, ଆଦ୍ରତା ମାପ ଯନ୍ତ୍ର ଆଦି ବ୍ୟବହାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଚାଷୀ ନେତା, ମିଲରମାନେ ଏବଂ ବୈଠକରେ ଉପସ୍ଥିତ ଆସିକା ଏମ୍‌ପି ଅନିତା ଶୁଭଦର୍ଶିନୀ, ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନସାମନ୍ତରାୟ, ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ଆସିକା ବିଧାୟକ ସରୋଜ କୁମାର ପାଢ଼ୀ, କବିସୂର୍ଯ୍ୟନଗର ବିଧାୟକ ପ୍ରତାପ କୁମାର ନାୟକ, ଦିଗପହଣ୍ଡି ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର ମଧ୍ୟ ଜିଲାର ସମସ୍ତ ଚାଷୀଙ୍କ ଧାନ କିପରି ସୁରୁଖୁରୁରେ କିଣାଯାଇପାରିବ ମତାମତ ରଖିଥିଲେ ।



ଧାନ ସଂଗ୍ରହ କମିଟି ବୈଠକରେ ଜିଲାପାଳ ଭି. କୀର୍ତ୍ତିଭାସନ ଓ ଅନ୍ୟ ଅଧିକାରୀମାନେ।

- ଗଞ୍ଜାମ ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ
- ଡିସେମ୍ବର ୨୩ରୁ ଧାନକିଣା

# ୩୦ ଦିନିଆ ତାଲିମ ନେବାକୁ ବିଭିନ୍ନ ପଞ୍ଚାୟତରୁ ୨୦ ଗଲେ ହାଇଦ୍ରାବାଦ

ଛତ୍ରପୁର,୩୦।୧୧ (ଦିଲ୍ଲୀପ ସାମଲ)

ଲକ୍ଷପତି ଦିଦି ତାଲିମ ନେଇ ସ୍ୱାବଲମ୍ବୀ ହେବା ପାଇଁ ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ବିଭିନ୍ନ ପଞ୍ଚାୟତରୁ ୨୦ ଜଣ ରବିବାର ହାଇଦ୍ରାବାଦ ଗସ୍ତ କରିଛନ୍ତି। ଛତ୍ରପୁର ରେଳ ଷ୍ଟେଶନରେ ସେମାନଙ୍କୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ, ବ୍ଲକ ଅଧ୍ୟକ୍ଷା କିରଣ କୁମାରୀ ଦାସ, ଉପାଧ୍ୟକ୍ଷା ଏସ. ଶାରଦା ରେଡ୍ଡୀ ଓ ବିଡ଼ିଓ ସମ୍ବିତ ସଂଗ୍ରାମଜିତ ସାହୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଡ୍ରେସ ଡିଜାଇନିଂ ଓ ଲେଦର ବ୍ୟାଗ କାର୍ଯ୍ୟ ପାଇଁ ସେମାନେ ତାଲିମ ନେବେ। ଡିସେମ୍ବର ୧ରୁ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହି ପ୍ରଶିକ୍ଷଣ ହେବ । ପ୍ରଶିକ୍ଷଣ ନେଇ ଫେରିବା ପରେ ସେମାନଙ୍କୁ ନେଇ ପ୍ରଶାସନ ପକ୍ଷରୁ ଏକ ପ୍ରୋଜେକ୍ଟ କରାଯାଇ ସ୍ୱାବଲମ୍ବୀ କରାଯିବ। ଫଳରେ ସେମାନେ ପାଇଥିବା ତାଲିମ କାର୍ଯ୍ୟରେ ଲଗାଇ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଓଡିଶା ଜୀବିକା ମିଶନର ଛତ୍ରପୁର ବ୍ଲକ ପ୍ରକଳ୍ପ ସଂଯୋଜିକା ମାନିନୀ ଜେନା କହିଛନ୍ତି । ଏହି ଅବସର ରେଳ ଷ୍ଟେସନରେ ଓଡିଶା ଜୀବିକା ମିଶନ ଜିଲା ସଂଯୋଜକ ସନ୍ତୋଷ ରଥ, ମିଶନ ଶକ୍ତି ବ୍ଲକ ସଂଯୋଜିକା ସୀତା ବରାଳ ଓ ଓଡିଶା ଜୀବିକା ମିଶନର ବ୍ଲକ ସଂଯୋଜିକା ଜେନାଙ୍କ ସହ ଏସଏଚଜି ସଦସ୍ୟାମାନେ ଉପସ୍ଥିତ ଥିଲେ।

# ଏଆଇକେକେଏମ୍‌ଏସ୍‌ର ବିକ୍ଷୋଭ




ବିକ୍ଷୋଭରେ ଉପସ୍ଥିତ ସଂଘ ସଦସ୍ୟ ।

ବ୍ରହ୍ମପୁର,୩୦।୧୧(ସ୍ମୃତି ରଞ୍ଜନ ମହାଲିକ)

ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚର ନେତା ବେଣୁଧର ସର୍ଦ୍ଦାର ସମେତ ଅନ୍ୟ ୪ ଜଣଙ୍କୁ ଖଲାସ ଦାବିରେ ରବିବାର ଗଞ୍ଜାମ ଜିଲା ଏଆଇକେକେଏମଏସ ପକ୍ଷରୁ କମାପଲୀ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। କେନ୍ଦୁଝର ଜିଲାରେ ଲୋକଙ୍କ ଦୁଇ ଫସଲି ଚାଷ ଜମିକୁ କୌଣସି ଗ୍ରାମ ସଭା ନ କରି ଇସ୍ପାତ କାରଖାନା ପ୍ରତିଷ୍ଠା କରିବା ପାଇଁ ଜିନ୍ଦଲ ପୋସ୍କୋ କମ୍ପାନୀ ହାତରେ ଟେକି ଦେବା ଯୋଜନା ଦୀର୍ଘ ଦିନରୁ ଚାଲିଛି । ଏହା ବିରୋଧରେ ସେଠାକାର ସ୍ଥାନୀୟ ବାସିନ୍ଦା ଜମି ଜବରଦଖଲ ନୀତି ବିରୋଧରେ ଜିନ୍ଦଲ ପୋସ୍କୋ ପ୍ରତିରୋଧ ମଞ୍ଚ ଗଠନ କରି ଆନ୍ଦୋଳନ ଜାରି ରଖିଛନ୍ତି। ଗତ ୨୬ ତାରିଖ ରାତିରେ କେନ୍ଦୁଝର ଜିଲାର ଜମୁନାପୋଷି ଗ୍ରାମରେ ପଶି ପ୍ରତିରୋଧ ମଞ୍ଚର ନେତା ବେଣୁଧର ସର୍ଦ୍ଦାର ସହ ଅନ୍ୟ ୪ ଜଣଙ୍କୁ ପୋଲିସ ଗିରଫ କରିନେଇଛି। ଝ୍‌ସେମାନଙ୍କ ବିରୋଧରେ ମିଛ ମକଦ୍ଦମା କରି ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ଚେଷ୍ଟା କରାଯାଉଛି। ତେଣୁ ତୁରନ୍ତ ବେଣୁଧରଙ୍କ ସହ ଅନ୍ୟ ୪ଜଣଙ୍କୁ ଖଲାସ କରିବା ପାଇଁ ସଂଘ ଦୃଢ ଦାବି କରିଛି। ବିକ୍ଷୋଭରେ ସୋମନାଥ ବେହେରା ଓ ଉଦ୍ଧବ ମହାଙ୍କୁଡ ନେତୃତ୍ୱ ନେଇଥିଲେ।

# ଏସ୍‌ପି ଅଫିସରେ ୱେଟିଂ ଲାଉଞ୍ଜ ଲାଇବ୍ରେରୀ



ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଆରକ୍ଷୀ ଅଧୀକ୍ଷକଙ୍କ କାର୍ଯ୍ୟାଳୟରେ ୱେଟିଂ ଲାଉଞ୍ଜ ଲାଇବ୍ରେରୀ ଖୋଲାଯାଇଛି । ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ଅଭିଯୋଗ ପ୍ରକୋଷ୍ଠର ଅଭ୍ୟର୍ଥନା କକ୍ଷରେ ଏହି ଲାଇବ୍ରେରୀ ଖୋଲା ଯାଇଥିବା ବେଳେ କାନ୍ଥରେ ବିଭିନ୍ନ ପ୍ରକାରର ପୁସ୍ତକ ଉପଲବ୍ଧ କରାଯାଇଛି। ଅଭିଯୋଗପତ୍ର ଦେବାକୁ ତଥା ପୋଲିସ ସେବା ପାଇଁ କାର୍ଯ୍ୟାଳୟକୁ ଆସୁଥିବା ଜନସାଧାରଣ ଏହି ଲାଇବ୍ରେରୀରସ୍ୱହି ପଢିପାରିବେ ବୋଲି କୁହାଯାଉଛି ।

ଏହାଦ୍ୱାରା ଲୋକମାନେ ଅପେକ୍ଷା କରୁଥିବା ସମୟ ଅତିବାହିତ କରିବେ ବୋଲି ଆଶା କରାଯାଇଛି । ତେବେ ରାଜ୍ୟରେ ଅନ୍ୟ କୌଣସି ଏସପିଙ୍କ କାର୍ଯ୍ୟାଳୟରେ ଏଭଳି ୱେଟିଂ ଲାଉଞ୍ଜ ଲାଇବ୍ରେରୀ ନ ଥିବା ଜଣାପଡିଛି। ବ୍ରହ୍ମପୁର ଏସପିଙ୍କ କାର୍ଯ୍ୟାଳୟକୁ ବିଭିନ୍ନ ଅଞ୍ଚଳରୁ ଲୋକମାନେ ଅଭିଯୋଗପତ୍ର ନେଇଆସନ୍ତି। ଅଭିଯୋଗ ପ୍ରକୋଷ୍ଠରେ ଅପେକ୍ଷା କରିବା ପରେ ଅଧିକାରୀଙ୍କ ନିକଟକୁ ଯାଇ ନିଜ ସମସ୍ୟା ତଥା ଅଭିଯୋଗ ବିଷୟରେ କହୁଛନ୍ତି । ଏଭଳି ସ୍ଥିତିରେ ଅଭ୍ୟର୍ଥନା କକ୍ଷରେ ପ୍ରାୟ ସମୟରେ ଲୋକଙ୍କ ଗହଳି ଲାଗି ରହୁଛି । ତେବେ ସେଠାରେ ଅପେକ୍ଷା କରୁଥିବା ବେଳେ ଅନେକ ଲୋକ ନିଜ ମୋବାଇଲରେ ସମୟ ବିତାଉଥିବା ବେଳେ ଆଉ କିଛି ଲୋକ ଚୁପଚାପ ବସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଏସପିଙ୍କ କାର୍ଯ୍ୟାଳୟ ପରିସରରେ ଏକ ଲାଇବ୍ରେରୀ ଖୋଲିବାକୁ ଯୋଜନା ହୋଇଥିଲା। ଉତ୍କଳ କମ୍ୟୁନିଟି ଲାଇବ୍ରେରୀର ସଦସ୍ୟଙ୍କ ସହଯୋଗରେ କାର୍ଯ୍ୟାଳୟରେ କିଛିଦିନ ତଳେ ଏହି ଲାଇବ୍ରେରୀ ଖୋଲାଯାଇଥିଲା । ଏହି ଲାଇବ୍ରେରୀରେ ମହାପୁରୁଷଙ୍କ ଆତ୍ମଜୀବନୀ ଠାରୁ ଆରମ୍ଭ କରି ଦେଶର ପ୍ରମୁଖ ଜନନାୟକଙ୍କ ଆଦର୍ଶର କାହାଣୀ, କ୍ରୀଡା, ବିଜ୍ଞାନ ଠାରୁ ଆରମ୍ଭ କରି ୱାଇଲ୍ଡ ଲାଇଫ ଏବଂ ଅନେକ ଉପାଦେୟ ପୁସ୍ତକ ରହିଛି । ଏଥିସହିତ ଆଧ୍ୟାତ୍ମିକ ପୁସ୍ତକ ହନୁମାନ ଚାଳିସା ଠାରୁ ଆରମ୍ଭ କରି ରାମାୟଣ, ମହାଭାରତ ଆଦି ପୁସ୍ତକ ମଧ୍ୟ ରହିଛି।

# ରକ୍ତଦାନ ପରେ ସମ୍ବିଧାନକୁ ସାକ୍ଷୀ ରଖି ବିବାହ

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ପାରମ୍ପରିକ ହିନ୍ଦୁ ବିବାହ ରୀତିନୀତିକୁ ଛାଡ଼ି ଭାରତୀୟ ସମ୍ବିଧାନକୁ ସାକ୍ଷୀ ରଖି ବିବାହ ବନ୍ଧନରେ ବାନ୍ଧି ହୋଇଛନ୍ତି ବର ବି. ଭାନୁ ତେଜ (୪୩) ଓ କନ୍ୟା ପ୍ରୀତିପ୍ରଜ୍ଞା ମିଶ୍ର (୪୦)। ବିବାହ ପୂର୍ବରୁ ସେମାନେ ରକ୍ତଦାନ କରିଥିବା ବେଳେ ସମସ୍ତେ ଅତିଥିମାନଙ୍କୁ ମଧ୍ୟ ରକ୍ତଦାନ କରିବାକୁ ଅନୁରୋଧ କରିଥିଲେ। ଶୁକ୍ରବାର ବ୍ରହ୍ମପୁରରେ ଏହି ଅଭିନବ ବିବାହ ଅନୁଷ୍ଠିତ ହୋଇଛି। ବର ତଥା ଆନ୍ଧ୍ରପ୍ରଦେଶ କାକିନାଡ଼ାର ବାସିନ୍ଦା ଭାନୁ ତେଜ ବେଙ୍ଗାଲୁରୁର ଏକ ଘରୋଇ କମ୍ପାନୀରେ ସାଇଣ୍ଟିଷ୍ଟ କାର୍ଯ୍ୟ କରୁଛନ୍ତି। କନ୍ୟା ପ୍ରୀତିପ୍ରଜ୍ଞା ବ୍ରହ୍ମପୁର ବାସିନ୍ଦା। ସେ ହାଇଦ୍ରାବାଦରେ ଏକ ଘରୋଇ କମ୍ପାନୀରେ ସିଷ୍ଟମ ଆନାଲିଷ୍ଟ ଭାବେ କାମ କରୁଛନ୍ତି। ଉଭୟେ ହାଇଦ୍ରାବାଦରେ ଏକ ସେମିନାରରେ ଭେଟ ହୋଇ ପ୍ରେମରେ ପଡ଼ିଥିଲେ। ବିବାହ ପୂର୍ବରୁ ନବଦମ୍ପତି ରକ୍ତଦାନ କରିଥିଲେ। ସେମାନଙ୍କ ଆହ୍ୱାନକ୍ରମେ ଅତିଥିମାନେ ମଧ୍ୟ ରକ୍ତଦାନ କରିଥିଲେ। ସେଠାରେ ମୋଟ ୧୮ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ବିବାହ ନିରାଡମ୍ବର ଭାବେ ହୋଇଥିଲା। ଉଭୟ ପରିବାର ଏହାକୁ ସମର୍ଥନ କରିଥିଲେ। ପ୍ରୀତିପ୍ରଜ୍ଞାଙ୍କ ମା' ଅବସରପ୍ରାପ୍ତ ସରକାରୀ କର୍ମଚାରୀ ତଥା ଲେଖିକା ବିଦ୍ୟୁପ୍ରଭା ରଥ ୨୦୧୯ରେ ପୁଅର ବିବାହ ମଧ୍ୟ ସମ୍ବିଧାନକୁ ସାକ୍ଷୀ ରଖି କରାଇଥିଲି ବୋଲି କହିଛନ୍ତି। ଝିଅର ଏପରି ବିବାହ ପାଇଁ ବରପକ୍ଷଙ୍କୁ ପ୍ରସ୍ତାବ ଦେଇଥିଲେ। ସେମାନେ ରାଜି ହେଇଥିବାରୁ ଧନ୍ୟବାଦ ଜଣାଇଛନ୍ତି ବିଦ୍ୟୁପ୍ରଭା। ପ୍ରୀତିପ୍ରଜ୍ଞା କହିଛନ୍ତି, ଏପରି ବିବାହ ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବ ଏବଂ ଜାତି, କୁଳ, ଦାମ୍ପତ୍ୟ ଓ ଜ୍ୟୋତିଷ ଛାଡ଼ି ସମ୍ବିଧାନକୁ ସାକ୍ଷୀ ରଖି ଅନେକ ଯୁବତୀଯୁବକ ବିବାହ କରିବେ ବୋଲି ସେ ଆଶା ରଖିଛନ୍ତି। ଗଞ୍ଜାମ ଜିଲା ଏଚଆରଓର ସଚିବ କେ. ନନ୍ଦେଶ୍ୱ ସେନାପତି କହିଛନ୍ତି, ଗତ ୫ ବର୍ଷ ଭିତରେ ବ୍ରହ୍ମପୁରରେ ଏହିଭଳି ଅତି କମରେ ୫ଟି ସମ୍ବିଧାନମୂଳକ ବିବାହ ହୋଇସାରିଛି। ଆଗକୁ ଆହୁରି ଅନେକ ଦମ୍ପତି ଏହି ପଥରେ ଆଗେଇ ଆସିବେ ବୋଲି ସେ ଆଶା ରଖିଛନ୍ତି।


ଅତିଥି ନବଦମ୍ପତିଙ୍କୁ ସମ୍ବିଧାନ ପାଠ କରାଇ ବିବାହ କରାଉଛନ୍ତି।

# ନୂପୁର ପକ୍ଷରୁ ମାସିକ ନାଟ୍ୟ ଆସର

ବ୍ରହ୍ମପୁର,୩୦।୧୧(ସ୍ମୃତି ରଞ୍ଜନ ମହାଲିକ)

ନୂପୁର ସାଂସ୍କୃତିକ ପ୍ରତିଷ୍ଠାନ ପକ୍ଷରୁ ମାସିକ ନାଟ୍ୟ ଆସର ରବିବାର ଗଞ୍ଜାମ କଳା ପରିଷଦ ସ୍ଥିତ କବିସୂର୍ଯ୍ୟ ରଙ୍ଗମଞ୍ଚ ଠାରେ ଅନୁଷ୍ଠିତ ହୋଇଯାଇଛି। ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ସଭାପତି ଡା ତିରୁପତି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ବରିଷ୍ଠ ଲୋକ ନାଟକ ଗବେଷକ ଡ. ବାୟାମନୁ ଚର୍ଚ୍ଚି ଓ ବରିଷ୍ଠ ମଞ୍ଚ ମଣିଷ ନାଟ୍ୟକାର ବିପିନ ମହାପାତ୍ର ଅତିଥି ଭାବରେ ଯୋଗ ଦେଇଥିଲେ । ନୂପୁରର ମାସିକ ନାଟ୍ୟ ମଞ୍ଚ ଆନ୍ଦୋଳନର ଏକ ଅଭିନ୍ନ ଓ ସାର୍ଥକ ରୂପରେଖ ରୂପେ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ମଦନ ମିଶ୍ର ଏବଂ ଦକ୍ଷିଣ ଓଡ଼ିଶା ମଞ୍ଚ କଳାକାର ସମ୍ମିଳନୀ ସମ୍ପାଦକ ନାଟ୍ୟକାର ରମେଶ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୂପୁର ପରିଚାଳକ ସତ୍ୟ ମହାରଣା ସ୍ୱାଗତ ଭାଷଣ ଦେଇଥିଲେ।


# ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ୍ ପ୍ରତିଯୋଗିତା

ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଭି.ଭି.ଗିରି ସରକାରୀ ମହିଳା ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟଠାରେ ଜିଲାସ୍ତରୀୟ ଶକ୍ତି ସଂରକ୍ଷଣ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବେଶ ଅଧ୍ୟୟନ କେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପ୍ରଭାତୀ ମହାପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଶକ୍ତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ସୂଚନା ଦେଇଥିଲେ। ସମଗ୍ର ଜିଲାରୁ ୬୧ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ହୋଇଥିଲା। ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ଡ.ଶଙ୍କର ନାରାୟଣ ବେଜ, ପୁରୁଣା ପାଟଣା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୋକୁଳକୃଷ୍ଣ ପଣ୍ଡା, ଜିଲା ବିଜ୍ଞାନ ନିରୀକ୍ଷକ ରାମଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ପ୍ରତିଯୋଗିତାରେ ଆସିକା ଏନଏସି ହାଇସ୍କୁଲର ଛାତ୍ର ଆର୍ଯ୍ୟନ ସାବତ ପ୍ରଥମ, ଗଣ୍ଡାପଲ୍ଲୀ ଆଦର୍ଶ ବିଦ୍ୟାଳୟ ଛାତ୍ର ଆଦିତ୍ୟ କୁମାର ଦାଶ ଦ୍ୱିତୀୟ, ଗୋପୀନାଥ ହାଇସ୍କୁଲ ଛାତ୍ର ବିଭବ ସାହୁ ତୃତୀୟ ସ୍ଥାନ ହାସଲ କରି ମାନପତ୍ର ଓ ଅର୍ଥରାଶିରେ ପୁରସ୍କୃତ ହୋଇଛନ୍ତି। ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷୟିତ୍ରୀ ଉପାଲି ଅପରାଜିତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ବ୍ରହ୍ମପୁରରେ ଶକ୍ତି ସଂରକ୍ଷଣ ପ୍ରତିଯୋଗିତା ଅବସରରେ ବାହାରିଥିବା ସଚେତନତା ଶୋଭାଯାତ୍ରା।



# ଘରେ ୨୦ ଘଣ୍ଟା ପଡ଼ିଲା ମା'ଙ୍କ ମୃତଦେହ

## ଟଙ୍କା ହିସାବ ନେଇ ଝିଅ ବୋହୂଙ୍କ ମଧ୍ୟରେ କଳି

ଧରାକୋଟ,୩୦।୧୧ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)

ଟଙ୍କା ଓ ଧନ ସମ୍ପତ୍ତି ପାଇଁ ଏବେ ମଣିଷ ମନରୁ ମରିଗଲାଣି ମାନବିକତା। ଟଙ୍କା ସର୍ବସ୍ୱ ହୋଇ ମଣିଷ ତା'ର ବିବେକ ଓ ମଣିଷପଣିଆକୁ ବଳି ପକେଇ ଦେବାକୁ ମଧ୍ୟ ପଛାଉନାହିଁ। ଟଙ୍କା ପାଇଁ ଏକ ପରିବାରର ବୋହୂ ଏବଂ ଝିଅଙ୍କ ମଧ୍ୟରେ କଳିଲାଗି ଦୀର୍ଘ ୨୦ ଘଣ୍ଟା ମା'ଙ୍କ ମୃତଦେହ ଘରେ ପଡ଼ି ରହିବା ପରି ଘଟଣା ଦେଖିବାକୁ ମିଳିଛି ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ ଗୋଲା ଦାମୋଦରପଲ୍ଲୀ ପଞ୍ଚାୟତର କମାଶାସନ ଗ୍ରାମରେ। ଖବର ପାଇ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ମୃତଦେହ ସତ୍କାର କରାଯାଇଛି। ଏଥିଯୋଗୁ ଗ୍ରାମବାସୀ ନାହିଁନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି।



ଖବରରୁ ପ୍ରକାଶ, କମାଶାସନ ଗ୍ରାମରେ ରତ୍ନାଲୁ ରେଡ୍ଡୀ (୬୫)ଙ୍କ ପରିବାର ବସବାସ କରନ୍ତି। ଶନିବାର ରାତିରେ ରତ୍ନାଲୁଙ୍କ ମୃତ୍ୟୁ ହୋଇଥିଲା। ତାଙ୍କ ଦୁଇ ଝିଅ ଓ ଦୁଇପୁଅଙ୍କ ମଧ୍ୟରୁ ଦୁଇ ପୁଅଙ୍କ ମୃତ୍ୟୁ ପୂର୍ବରୁ ଘଟି ସାରିଥିବା ବେଳେ ଦୁଇ ବୋହୂ ଓ ଦୁଇ ଝିଅ ରହିଛନ୍ତି। ଦୁଇ ପୁଅଙ୍କ ମୃତ୍ୟୁ ପରେ ମା' ରତ୍ନାଲୁଙ୍କ ନାମରେ ଥିବା କିଛି ଟଙ୍କା ପାଇଁ ପରିବାରର ସଦସ୍ୟଙ୍କ ମଧ୍ୟରେ ଅନେକ ସମୟରେ କଳହ ଲାଗି ରହୁଥିଲା। ରତ୍ନାଲୁଙ୍କ ମୃତ୍ୟୁ ଦିନ ହିଁ ଏହି କଳହ ଉଗ୍ର ରୂପ ଧାରଣ କରିଥିଲା। ଶନିବାର ରାତିରେ ରତ୍ନାଲୁଙ୍କ ମୃତ୍ୟୁ ପରେ ଦୁଇ ଝିଅ ମା'ଙ୍କ ମୃତଦେହ ନିକଟରେ ଜଗି ରହିଥିଲେ। ପରିବାରର ବିଧବା ବୋହୂ କୁଳ ସମାଜ ଭାଇ ବନ୍ଧୁଙ୍କୁ ନେଇ ମୃତଦେହ ସତ୍କାର ପାଇଁ ବାହାରିଲା ବେଳେ ଦୁଇ ଝିଅ ମା'ଙ୍କ ଟଙ୍କା ପଇସା ହିସାବ ନ ତୁଟିଲେ ସତ୍କାର କରିବାକୁ ଆମେ ଛାଡ଼ିବୁ ନାହିଁ କହି ଦୀର୍ଘ ସମୟ ଧରି ମୃତଦେହ ଛାଡ଼ି ନ ଥିଲେ। ଫଳରେ ଗାଁର ପୂଜା ଉତ୍ସବ ପ୍ରଭାବିତ ହେବା ସହ ଗାଁ ଲୋକଙ୍କ କାହା ଘରେ ଚୁଲି ଲାଗି ନ ଥିଲା। ଏହି ଖବର ପ୍ରଚାର ହୋଇଯିବା ପରେ ଧରାକୋଟ ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ୨ ଝିଅଙ୍କୁ ବୁଝାଶୁଝା କରିଥିଲେ। ପରେ ରତ୍ନାଲୁଙ୍କ ମୃତଦେହ ସତ୍କାର ପାଇଁ ସେମାନେ ଛାଡ଼ିଥିଲେ। କୁଳ ସମାଜର ରୀତିନୀତି ଅନୁସାରେ ଗ୍ରାମ ଶ୍ମଶାନରେ ତାଙ୍କର ମୃତଦେହ ସତ୍କାର ହୋଇଥିଲା।

# ଉଦ୍ଧାର ହାତୀଛୁଆକୁ ଗ୍ରହଣ କରୁନି ମା'

## ଚିନ୍ତାରେ ବନ ବିଭାଗ



ଉଦ୍ଧାର ହୋଇଥିବା ହାତୀଛୁଆ।

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବନଖଣ୍ଡ ଅଧୀନ ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରୁ ଉଦ୍ଧାର ହାତୀଛୁଆକୁ ମା' ଗ୍ରହଣ କରୁନି। ହାତୀଛୁଆ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବେଳେ ପଲରେ ମିଶାଇବାକୁ ଉଦ୍ୟମ ଜାରି ରହିଛି। ମାତ୍ର ହାତୀପଲ ଓ ମା' ହାତୀଛୁଆକୁ ଗ୍ରହଣ କରୁ ନ ଥିବାରୁ ବନ ବିଭାଗ ଚିନ୍ତାରେ ପଡ଼ିଯାଇଛି।

ପ୍ରକାଶ ଯେ, ରେଞ୍ଜ ଅନ୍ତର୍ଗତ ସୁକଡୋଳା ଗ୍ରାମ ନିକଟ ଜଙ୍ଗଲରେ ଥିବା ଏକ ଗାତରେ ହାତୀଛୁଆଟି ପଡ଼ିଥିଲା। ମା' ହାତୀ ଗାତ ପାଖରେ ଭୋକ ଶୋଷରେ ଅପେକ୍ଷା କରୁଥିଲା। ଏହାକୁ ଦେଖି ଗ୍ରାମବାସୀ ବନ ବିଭାଗକୁ ଜଣାଇଥିଲେ। ଗତ ୨୮ ତାରିଖରେ ଖବର ପାଇ ବନ ବିଭାଗ ଗାତରୁ ମାଈ ହାତୀଛୁଆକୁ ଉଦ୍ଧାର କରିଥିଲା। ହାତୀପଲ ଗ୍ରାମଠାରୁ ୧୨ କିମି ଦୂରରେ ଥିବା ଦେଖି ବନ କର୍ମଚାରୀ ହାତୀଛୁଆକୁ ନେଇ ପଲ ନିକଟରେ ଛାଡ଼ିଥିଲେ। ତେବେ ହାତୀଛୁଆ ୪ କି.ମି ପଛରେ ଚାଲିବା ପରେ ହାତୀପଲ ଓ ମା' ଗ୍ରହଣ ନ କରିବାରୁ ସେ ଅଟକି ଯାଇଥିଲା। ଫଳରେ ହାତୀଛୁଆ ଉପରେ ନଜର ରଖିଥିବା ବନ କର୍ମଚାରୀ ତାକୁ ରେଞ୍ଜ କାର୍ଯ୍ୟାଳୟକୁ ନେଇ ଆସିଥିଲେ। ବନ କର୍ମଚାରୀ ହାତୀଛୁଆର ଠିକ୍ ଯତ୍ନ ନେଉଛନ୍ତି। ସେ ଖାଦ୍ୟ, କ୍ଷୀର ଖାଉଛି। ଶନିବାର ରାତିରେ ବନ ବିଭାଗର ବିଶେଷଜ୍ଞ ଟିମ୍ ବିଭିନ୍ନ ପଦ୍ଧତିରେ ପୁଣି ଦଳରେ ମିଶାଇବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ମଣିଷ ସଂସ୍ପର୍ଶରେ ଆସିବା କାରଣରୁ ମା' ହାତୀ ଓ ପଲ ହାତୀଛୁଆକୁ ଗ୍ରହଣ କରୁନାହିଁ ବୋଲି ମତ ପ୍ରକାଶ ପାଉଛି। ଡିଏଫଓ ଧନରାଜ ଏଚ୍‌ଡି କହିଛନ୍ତି, ସୋମବାର ସ୍ୱତନ୍ତ୍ର ଗାଡ଼ିରେ ହାତୀଛୁଆକୁ ନିଆଯାଇ ପଲରେ ମିଶାଇବାକୁ ଶେଷ ଉଦ୍ୟମ କରାଯିବ। ନଚେତ୍ ମୁଖ୍ୟ ପ୍ରାଣୀ ବନସଂରକ୍ଷକଙ୍କ ପରାମର୍ଶରେ ପଦ୍ମପୁର କିମ୍ବା ଚନ୍ଦକାକୁ ପଠାଇ ଦିଆଯିବ।

# କୁଳଡିହାରେ ପୁଣି ହାତୀର ଗଳିତ ମୃତଦେହ ଠାବ

ନୀଳଗିରି, ୩୦।୧୧ (ପ୍ରଶାନ୍ତ କୁମାର ବିଶ୍ୱାଳ)



ପଥରଖୋଲ ମଧ୍ୟରେ ପଡ଼ିଥିବା ହାତୀର ମୃତଦେହ।

ବାଲେଶ୍ୱର ଜିଲ୍ଲା ନୀଳଗିରି କୁଳଡିହା ଅଭୟାରଣ୍ୟରେ ହାତୀଙ୍କ ଜୀବନ ଏବେ ବିପଦରେ। ମାସକର ବ୍ୟବଧାନ ପରେ ପୁଣି ଏକ ହାତୀର ମୃତ୍ୟୁ ହୋଇଛି। ରବିବାର ପୂର୍ବାହ୍ନରେ ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ବେଳେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ବାବନ୍ଧ ବିଟ୍ ପାର୍ବତୀ କୁଣ୍ଡନାଳ ନିକଟରେ ଗଳିତ ମୃତଦେହ ପଡ଼ିଥିବା ଦେଖିଥିଲେ। କୁଳଡିହା ଅଭୟାରଣ୍ୟରେ ପାଖାପାଖି ୮୫ ରୁ ଊର୍ଦ୍ଧ୍ୱ ହାତୀ ରହୁଛନ୍ତି। ପ୍ରାଥମିକ ତଦନ୍ତରୁ ହାତୀଟି ୫ରୁ ୭ଦିନ ପୂର୍ବରୁ ମରିପଡ଼ିଥିବା ଅନୁମାନ କରାଯାଉଛି। ହାତୀର ବୟସ ୮ବର୍ଷରୁ ଊର୍ଦ୍ଧ୍ୱ ହେବ। ହାତୀଗୋଠ ମଧ୍ୟରେ ଲଢେଇ ପାଇଁ ସେ ପଥର ଉପରୁ ତଳକୁ ଖସି ମୃତ୍ୟୁବରଣ କରିଥିବା ବନବିଭାଗ ଅନୁମାନ କରୁଛି। ସୋମବାର ବ୍ୟବଚ୍ଛେଦ ପାଇଁ ବନବିଭାଗର ସ୍ୱତନ୍ତ୍ର ଟିମ ଓ ପ୍ରାଣୀ ଚିକିତ୍ସକ ପହଞ୍ଚିବେ। ପରେ ପ୍ରାଣୀ ଚିକିତ୍ସକଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡିବ ବୋଲି ବାଲେଶ୍ୱର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି। ଖବରପାଇ ବାଲେଶ୍ୱର ଜିଲ୍ଲା ବନଖଣ୍ଡ ଅଧିକାରୀ (ଡିଏଫଓ) ପ୍ରଫୁଲ୍ଲ କୁମାର ମଲ୍ଲିକ, ଏସିଏଫ ଚଟିନୀ ସେଠୀ, କୁଳଡିହା ରେଞ୍ଜର ସୁବ୍ରତ କୁମାର ବେହେରା, ପଞ୍ଚଲିଙ୍ଗେଶ୍ୱର ଫରେଷ୍ଟର ପାହାଡ଼ ଉପରକୁ ଯାଇ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିଲେ। ଅଭୟାରଣ୍ୟରେ ଗୋଟିଏ ପରେ ଗୋଟିଏ ହାତୀ ମୃତ୍ୟୁ ଘଟଣା ପ୍ରକୃତିପ୍ରେମୀ ଓ ବନାଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। କେତେବେଳେ ଅସୁସ୍ଥତା କାରଣରୁ ତ କେତେବେଳେ ଶିକାରୀଙ୍କ ଦ୍ୱାରା ହାତୀଙ୍କ ଜୀବନ ଯାଉଛି। ସ୍ଥାନୀୟ ଲୋକେ ବନବିଭାଗର ଅପାରଗତାକୁ ଦାୟୀ କରିଛନ୍ତି।


## DHARANIDHAR UNIVERSITY KEONJHAR-758001

No.3576/Date: 29.11.2025

**Corrigendum to the Advertisement No.3117 Dt.18/10/2025**

No. CAD-2535:- The last date of submission of application for Guest faculty recruitment is hereby extended 07th December, 2025 by 05 P.M. For further detail and other information visit our University website http://dduniversity.ac.in.

Sd./- Registrar
Dharanidhar University, Keonjhar
OIPR-11126/11/0025/2526

## ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER
LIFT IRRIGATION DIVISION, BALASORE
E-mail: eelidvnbls@yahoo.com

No. CAD-2481

**e-Procurement Notice**
Bid Identification No. 04/2025-26 / Dt.20.11.2025

1. Name of the Tender inviting Officer-Executive Engineer, L.I. Division, Balasore representing Odisha Lift Irrigation Corporation Ltd., Bhubaneswar.
2. Name of the Work : Installation, Energisation of 155 Nos. (New BKVY - 155 Nos.) CLIP in Sadar, Remuna, Nilagiri, Oupada, Bahanaga, Soro, Khaira & Simulia Block of Balasore District.
3. No. of Package : 155 Nos. (BKVY - 2025-26)
4. Cost of Tender Amount : Varies from Rs.27,36,173/- to Rs.33,50,122/-
5. Date and time of availability of bid document in portal for online bidding : From 01.12.2025 at 11.00 hrs. to dated 11.12.2025 at 17.00 hrs.
6. Last date and time of receipt of bid in the portal : Dated 11.12.2025 upto 17.00 hrs.
7. Last date & time to seek clarification : Dated 10.12.2025 upto 17.00 hrs.
8. Date of opening of Technical bid (Cover-1) : Dated 12.12.2025 at 11.00 hrs.
9. Date of opening of Financial bid will be informed after evaluation of Technical bid
10. Further details can be seen from the e-procurement portal of Govt. of Odisha i.e. www.tenderodisha.gov.in.
11. Subsequent Corrigendum/Addendum/Cancellation if required shall be available in above portal.

Sd./- Er. S.C. Munda
Executive Engineer, L.I. Division, Balasore
OIPR-32150/11/0005/2526

## GOVERNMENT OF ODISHA
## OFFICE OF THE EXECUTIVE ENGINEER RURAL WORKS DIVISION, BALLIGUDA

No. 4432//RWDBLG Date: 28.11.2025

**1st Corrigendum to the Bid Identification No. Online tender/14/EERWD BLG/2025-26**

No. O-1631: The tender invited vide Bid Identification No. Online tender/14/EERWD BLG/2025-26 vide T.O. Office Letter No. 4281 Dt.20.11.2025. Due to unavoidable circumstances, the availability of tender online for bidding is from 01.12.2025 at 10.00 A.M. to 08.12.2025 upto 5.00 P.M. instead of 25.11.2025 at 10.00 A.M. to 02.12.2025 upto 5.00 P.M. Opening Dt.09.12.2025.
The other terms and conditions are remained unchanged.
Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in".

Sd./- Executive Engineer, R.W. Division, Balliguda
OIPR-25164/11/0019/2526

## ODISHA TOURISM DEVELOPMENT CORPORATION LIMITED
(A GOVT. OF ODISHA UNDERTAKING)
PANTHANIVAS (OLD BLOCK) : LEWIS ROAD : BHUBANESWAR-14
INVITATIONS FOR BIDS (IFB)

Letter No.2877 Date : 27.11.2024

NOTICE INVITATION FOR BIDS (NIFB)

No.CAD-2499 E-Procurement Notice No. BP-I/22/2025-26 Dt.27.11.2025

1. Nature of Work : Civil Construction Works, 2. Total No. of Works : 4 Nos., 3. Bid Security : As per NIT, 4. Class of Contractor : As per NIT, 5. Period of Completion : 6 months to 15 months, 6. Other details as follows :

| Procurement Officer | Bid Identification No. | Availability of Bid online | | Date, Time & Place of Opening of Tender |
|---|---|---|---|---|
| Superintending Engineer, O.T.D.C., Ltd., Bhubaneswar | BP-II/01/2024-25 Dt.10.07.2025 | From 08.12.2025 | To 17.12.2025 | 11.30 Hours of dt.18.12.2025 in the office of the Superintending Engineer, OTDC Ltd, Bhubaneswar |

Further details can be seen from the Govt. Website www.tenderodisha.gov.in

Sd./- Superintending Engineer
O.T.D.C. Ltd., BBSR
OIPR-37002/11/0125/2526

## GOVERNMENT OF ODISHA
## OFFICE OF THE SUPERINTENDING ENGINEER, MARKONA CANAL DIVISION, MARKONA
(E-Mail Id: eemcd@gmail.com)

No. A-1002

E-Procurement Notice No. SE-MCD-08 of 2025-26
REQUEST FOR PROPOSAL

| E-Procurement Officer | Name of the Work | Bid Id No. | Tender Cost in Lakh (Appx.) | EMD (Online) | Cost of Bid Document (Online) | Period of Completion | Availability of tender online for bidding From | To | Date of Opening |
|---|---|---|---|---|---|---|---|---|---|
| Superintending Engineer, Markona Canal Division, Markona | Procurement of Computers and Accessories for official use in the office of the Superintending Engineer, Markona Canal Division, Markona and three no. of Sub-division office of the year 2025-26 | SE-MCD-08/1 of 2025-26 | 2.95 | 3000/- | 2000/- | 1 (One) Calendar Month | 01.12.2025 11.30 A.M. | 09.12.2025 5.00 P.M. | 10.12.2025 11.30 A.M. |

Further details can be seen from the Govt. website www.tendersorissa.gov.in/www.dowrodisha.gov.in. Addendum/Corrigendum/Cancellation if any requirement arises, it will be published in Govt. website only.

Sd./- Superintending Engineer
Markona Canal Division, Markona
OIPR-32397/11/0013/2526

## Government of Odisha
## "e" Procurement Notice

No.O-1582

Bid Identification No. : 09 of 2025-26

| | | |
|---|---|---|
| 1. | Number of Works | 2 No. of Buildings Work |
| 2. | Estimated Cost (Aprox.) | ₹ 61.58 lakh & ₹ 70.49 lakh |
| 3. | Period of Completion | 6 (Six) Calendar months |
| 4. | Date & Time of availability of Bid documents in the Portal | 27/11/2025 at 11:00 hrs. |
| 5. | Last date & time for receipt of Bids in the Portal | 06/12/2025 at 17:00 hrs. |
| 6. | Date of Opening of Tender | 08/12/2025 at 11:00 hrs. |
| 7. | Name and address of the Officer Inviting Bid | O/o the Superintending Engineer, Rural Works Division, Jagatsinghpur |

Further details can be seen from the Government website www.tendersorissa.gov.in

Sd./- Executive Engineer
Rural Works Division, Jagatsinghpur
OIPR-25056/11/0026/2526

## GOVT. OF ODISHA
## Government of Odisha "e" Tender Notice

No.O-1581

Bid Identification No. 15 RWS&S/KJR 2025-26
No.2975 Dt.24.11.2025
e-mail : eerwss22keonjhar@gmail.com

1. No. of the work : 01 No. of Pipe Line Work
2. Estimated Cost : **Rs.15.28 Lakh**
3. Period of completion : 03 (Three) Calendar Months
4. date and Time of availability of Bid document in the portal : **From 10.00 Hr 01.12.2025 to 17.00 HR of 10.12.2025**
5. Last date / Time for receipt of bids in the portal : **17.00 Hr of 10.12.2025**
6. Date of opening of Bid from Portal : 10.30 Hr of 11.12.2025
7. Name & Address of the officer inviting Bid : Executive Engineer RWS&S Division, Keonjhar

Further details can be seen from the e-procurement portal "http://tendersodisha.gov.in"

Sd./- Executive Engineer
RWS&S Division, Keonjhar
OIPR-25023/11/0001/2526

## GOVERNMENT OF ODISHA
## SUPERINTENDING ENGINEER, BOUDH (R&B) DIVISION, BOUDH

No.B-780

E-mail : eeboudhrb@gmail.com
INVITATIONS FOR BIDS (IFB)

No.5599 Date.21.11.2025

1st corrigendum to Tender Call Notice No.SE BDH-13/2025-26 dated 15.11.2025

The following changes are made in respect of the bid identification No.BDH.13/2025-26

1. Date & time of availability of Bid documents in the portal : From 01.12.2025, 10.00 A.M. to 10.12.2025, 5.00 P.M.
2. Last date/time for seeking of Tender Clarification : 10.12.2025 up to 1.00 P.M.
3. Last date/time for receipt of bids in the portal : up to 5.00 P.M. of dated 10.12.2025
4. Date & time of opening of tender / Bid : 11.12.2025 at 11.30 A.M.
5. Tender Call Notice No. may be read as 14/2025-26 in place of 13/2025-26
6. Approx. Value of works (Rs.) for Sl. No. 01, 02 & 03 in Column No. 03 may be read as 85,07,140.00, 55,81,564.00 & 43,85,107.00 respectively.

Sd./- Superintending Engineer,
Boudh (R&B) Division, Boudh
OIPR-34134/11/0028/2526

## OFFICE OF THE SUPERINTENDING ENGINEER P.H. DIVISION, KORAPUT
GOVERNMENT OF ODISHA
"e" procurement Notice

No.C-1564

e-procurement Notice for 2025-26
Bid Identification No.SE, P.H.KPT-8 of 2025-26 Dt.17.11.2025

1. No. of the work : 10 nos.
2. Estimated Cost : From Rs.16.00 lakh to Rs.43.00 lakh (Approx.)
3. Period of completion : 3 months
4. Date & time of availability of bid document in the portal : From 11.00 A.M. of 28.11.2025 to 05.00 P.M. of 10.12.2025
5. Last date / time of receipt of bids in the portal : 05.00 P.M. of 10.12.2025
6. Date & time of opening of bids : 11.00 A.M. of 11.12.2025
7. Name and address of the Officer Inviting Bid : Superintending Engineer, P.H. Division, Koraput

Further details can be seen from the e-Procurement portal "https://www.tendersodisha.gov.in"

Sd./- (Er. Chiranjibi Mahali)
Superintending Engineer,
P.H. Division, Koraput
OIPR-13008/11/0022/2526

## OFFICE OF THE NOTIFIED AREA COUNCIL, PIPLI, DIST.: PURI
Ph.: 06758-241442, E-mail ID: piplinac@gmail.com

No. C-1571

INVITATION FOR BID
e-PROCUREMENT NOTICE

No. 2026 Dt.24.11.2025

Bid Reference No.: PIPILI-NAC-5(71)/2025-26
Bid Identification No.: 2025_ORULB_121427

1. Type of Works : Civil works as mentioned in DTCN
2. Total No. of Work : 71
3. Bid Value : As per DTCN
4. Period of Completion : As per DTCN
5. Date and time Schedule :
   Submission Start : From 12 hours of 27.11.2025
   Submission End : 17 Hrs. of 08.12.2025
6. Opening of Bid in Online : From 11.00 A.M. of 09.12.2025 onwards

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in.

OIPR-13107/11/0009/2526 Sd./- Executive Officer, Pipli NAC

## ODISHA HYDRO POWER CORPORATION LIMITED
OHPC
OFFICE OF THE SENIOR GENERAL MANAGER (ELECTRICAL), BHEP
AT/POST: BALIMELA, DIST.: MALKANGIRI (ODISHA), PIN - 764051
Phones: 06861-232581(O)/232641(R), Fax: 06861-232541
E-Mail: unit.head_balimela@yahoo.com/bhep.balimela@gmail.com

TENDER CALL NOTICE

NOTICE INVITING TENDER No.: BHEP/45/2025-26, DATED: 26.11.2025

No. CAD-2486: The sealed tenders are invited in Single part bid basis (i.e. Techno-commercial bid) from the Reputed Suppliers Agencies for **"Supply of Electrical Consumable Materials for maintenance of internal wiring of residential and non-residential buildings of BHEP, Balimela"** fulfilling the eligibility criteria as per the tender specification as mentioned below.

| Sl. No. | Name of the Supply | E.M.D. (Refunded) | Cost of bid Documents to Rs. |
|---|---|---|---|
| 1 | "Supply of Electrical Consumable Materials for maintenance of internal wiring of residential and non-residential buildings of BHEP, Balimela" | 1% of the Quoted Value Exclusive of GST | Rs.4,000.00 + (GST @ 18%) Rs.720.00 = Rs.4,720.00 |

Availability of bid Document : From 10.00 Hrs. of 01.12.2025 to 12.00 Hrs. of 15.12.2025
Last date & time of submission of bid: Upto 12.00 Hrs. of 15.12.2025
The date & time of opening of the bid: 12.30 Hrs. onwards of 15.12.2025
For details of the tender documents, Terms and Conditions, please visit our website www.ohpcltd.com.

OIPR-04019/11/0117/2526 Sd./- C&P Head, BHEP, Balimela

## ODISHA HYDRO POWER CORPORATION LTD
OHPC
CIN: U40101OR1995SGC003963
(GOVERNMENT OF ODISHA UNDERTAKING)
OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No. CAD-2498

No.-CHEP/TW-156 (Vol.-VIII)/4638 Date: 27.11.2025

TENDER CALL NOTICE NO.-CHEP-45/2025-26

Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Authorized Dealers / Authorized Distributors / Reputed Suppliers meeting eligibility criteria only for supply of the following materials;

| Description | Cost of Tender Paper (Non-Refundable) | EMD in Rs. (Refundable) |
|---|---|---|
| Supply of Filter Elements & other Spares for TRCM of CHEP, Chiplima | Rs.708/- (Rs.600/- + GST @18%) | 1,050/- |

For details of Schedule of Dates, Tender Documents, Terms & Conditions and Corrigendum, please visit our website www.ohpcltd.com **from dtd.01.12.2025 up to 12:30 PM of dtd.10.12.2025.**

OIPR: 04006/11/0111/2526 Sd/- C & P Head, CHEP, Chiplima

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର – ୭୫୧୦୦୧
ଫୋନ୍: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: https://oshb.org

ପତ୍ର ସଂଖ୍ୟା: ୨୬୧ ତା:୨୧।୧୧।୨୫

**ବିଜ୍ଞାପନ**

No. CAD-2516: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଗୃହ ନଂ.– ଏମ୍.ଆଇ.ଜି.–୦୧ (MIG–01) ବରମୁଣ୍ଡା, ୧ମ ପର୍ଯ୍ୟାୟ, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ସାହାନାଜ ସୁଲତାନା ପାରବିନ, ସ୍ୱାମୀ– ଶେଖ୍ ସୋରାବ୍ ତରଫଦାର, ସା/ପୋ– କଡବା, ଥାନା– ବେଗୁନିଆ, ଜିଲ୍ଲା– ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଉକ୍ତ ଆବଣ୍ଟ ଗ୍ରହୀତା ଶାନାଜ ସୁଲତାନ ପରବିନ୍ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ସୁନନ୍ଦିନୀ ମହାନ୍ତି, ପିତା– ଅନିଲ କୁମାର ମହାନ୍ତି, ସା– ପ୍ଲଟ୍ ନଂ.– ୧୨୮୬/୬୦୭୬, ଲେନ୍–୧୨, ମଲ୍ଲିକ କମ୍ପ୍ଲେକ୍ସ, ଜାଗମରା, ପୋ/ଥାନା– ଖଣ୍ଡଗିରି, ଭୁବନେଶ୍ୱର, ଜିଲ୍ଲା– ଖୋର୍ଦ୍ଧା ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ ତା'ହେଲେ ଏହି ନୋଟିସ୍ ପ୍ରକାଶନର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି/ଅଭିଯୋଗ ଗ୍ରହଣ କରାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ ।

ସ୍ୱା./– ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0922/2526

## GOVERNMENT OF ODISHA, DEPARTMENT OF WATER RESOURCES
Office of the Engineer-In-Chief,
Water Resources, Secha Sadan, Bhubaneswar
Email Address : cemech.eicwr.od@gmail.com

No.A-1009

e-Procurement Notice-
Bid Identification No. - CEM/MDC-21/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/NSIC/MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 21/2025-26
5. Estimated Cost : Rs.40,48,251.00
6. Period of Completion : 02 (Two) calendar months
7. Date & time of availability of bid documents in the Portal : From dt.02.12.2025 (10.00 A.M.) to dt. 12.12.2025 (5.30 P.M.)
8. Last date / time for receipt of bid in the portal : Dt. 12.12.2025 (up to 5.30 P.M.)
9. Date and Place of opening of Technical Bid : Dt.15.12.2025 (12.00 Noon onwards in the O/o the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid
11. Name of the Officer inviting bid : Chief Engineer, Mechanical, O/o the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/Cancellation Notice shall be uploaded in the aforesaid website only.

Sd./- Chief Engineer, Mechanical
O/o - Engineer-In-Chief, Secha Sadan, Bhubaneswar
OIPR-32520/11/0089/2526

## DIRECTORATE OF MEDICAL EDUCATION AND TRAINING, ODISHA
Heads of Department Building, Bhubaneswar, 751001,
Tel No.0674-2393847, 2394255

E-Mail : dmetbbsr4@gmail.com www.dmetodisha.gov.in
MET-I-AMS-001-2024-25198 Dt.29.11.2025

**NOTIFICATION**

No.E-552 : Online applications are invited from the existing Government approved institutions for the Academic Session 2026-27 with reference to the Government Notification No.26601/H dated 22.10.2019 for the followings.

| Sl. No. | Courses | Application invited for |
|---|---|---|
| 1 | Nursing | Renewal of NOC / Final Recognition / Renewal of Recognition / Increase of Intake / Change of Address |
| 2 | Pharmacy | Renewal of NOC / Final Recognition / Renewal of Recognition / Increase of Intake / Change of Address |
| 3 | Physiotherapy & Occupational Therapy | Renewal of NOC / Final Recognition / Renewal of Recognition / Change of Address |
| 4 | DMLT/DMRT | Renewal of NOC / Final Recognition / Renewal of Recognition / Change of Address |
| 5 | Allied Medical Sciences | Renewal of NOC / Final Recognition / Renewal of Recognition / Change of Address |

The online application link, detail guidelines and instruction manual are available in the website of DMET, Odisha i.e. www.dmetodisha.gov.in under the section of different councils of respective courses.

The online applications portal remains open from **Dt.01.12.2025** and closes on **15.01.2026**. No manual application after the last date of submission will be entertained.

Sd./- Director, Medical Education & Training, Odisha
OIPR-10016/11/0034/2526

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ENGINEER-IN-CHIEF, WATER RESOURCES

No. A-1008

SECHA SADAN, BHUBANESWAR
Email Address: cemech.eicwr.od@gmail.com

e-Procurement Notice - Bid Identification No. - CEM/MDC-23/2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/NSIC/MSME for Irrigation Shutters/Hydro Mechanical Gates
4. Bid Identification No. : CEM/MDC - 23/2025-26
5. Estimated Cost : Rs.1,12,82,924.00
6. Period of Completion : 02 (Two) Calendar Months
7. Date & time of availability of bid documents in the portal : From Dt.02.12.2025 (10.00 A.M.) to Dt.12.12.2025 (5.30 P.M.)
8. Last date/time for receipt of bid in the portal : Dt.12.12.2025 (upto 5.30 P.M.)
9. Date and place of opening of Technical Bid : Dt.15.12.2025 (12.00 Noon onwards in the O/o. the undersigned)
10. Date and place of opening of Financial Bid : To be intimated to the qualified bidders after evaluation of Technical Bid
11. Name of the Officer Inviting Bid : Chief Engineer, Mechanical, O/o. the E.I.C., Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/Corrigenda/cancellation notice shall be uploaded in the aforesaid website only.

Sd./- Chief Engineer, Mechanical
O/o. Engineer-in-Chief, Secha Sadan, Bhubaneswar
OIPR-32520/11/0085/2526

## OFFICE OF THE ENGINEER-IN-CHIEF (CIVIL), ODISHA
## NIRMAN SOUDHA, UNIT-V, BHUBANESWAR
E-mail ID: cebuildings_orissa@yahoo.co.in, cebuildings@rediffmail.com, Tel.: (0674) 2391523

INVITATIONS FOR BIDS (IFB)

File No. B-III-Sports-07/2025 Lr. No. 43646 Bhubaneswar, the 20th Nov., 2025

No. B-741

INVITATION FOR BIDS
Bid Identification No. C.E. (B) - 32/2025-26

| | | |
|---|---|---|
| 1. | The Chief Engineer (Buildings-I), Odisha, Bhubaneswar, on behalf of Governor of Odisha, invites percentage rate bids in double cover system in ONLINE MODE only, for the work, **"Development of Vyasanagar Stadium, Jajpur"**, as detailed below. | |
| 2. | Nature of Work | Building Work |
| 3. | No. of Work | 01 No. |
| 4. | Bid Cost | Rs.10,000/- |
| 5. | Class of Contractor | 'A'/Special |
| 6. | Availability of Bid Documents in the website | From Dt.04.12.2025 to 17.00 hours of Dt.19.12.2025 |
| 7. | Date of Opening of Bid | Dt.20.12.2025 at 11.30 A.M. |
| 8. | The bidders have to participate in ONLINE bidding only. Further details can be seen from the website: https://tendersodisha.gov.in. Any addendum/corrigendum/cancellation of tender can also be seen in the said website only. | |

Sd./- Chief Engineer (Buildings-I), Odisha
OIPR-34117/11/0144/2526

See Career Appointment on every Wednesday & Saturday

# ନିଶା କାରବାରର ଚରାଭୂଇଁ ପାଲଟିଛି ଓଡ଼ିଶା

ଭୁବନେଶ୍ୱର, ୩୦।୧୧ (ତ୍ରିନାଥ ମହାନ୍ତି)

- ୩ ବର୍ଷରେ ଜବତ ହେଲାଣି ୧୯୭ କୋଟିର ନିଶାଦ୍ରବ୍ୟ
- ୨୬ ସରକାରୀ ଅଧିକାରୀଙ୍କ ବିରୋଧରେ ହେଲାଣି କାର୍ଯ୍ୟାନୁଷ୍ଠାନ
- କର୍ମଚାରୀ ଅଭାବ ଥିବା କହି ଖସିଯାଉଛି ଅବକାରୀ ବିଭାଗ

ନିଶା କାରବାରର ଚରାଭୂଇଁ ପାଲଟିଛି ଓଡ଼ିଶା। ନିଶା ମାଫିଆମାନେ ସରକାରୀ ବାବୁମାନଙ୍କୁ ଧରି ନିଶା କାରବାର କରୁଛନ୍ତି। ଏବେ ନିଶାରେ ପଞ୍ଜାବକୁ ପଛରେ ପକାଇ ଦେଇଛି ଓଡ଼ିଶା। ପ୍ରତିଦିନ ଏଠାରେ ବହୁ କୋଟି ଟଙ୍କାର ନିଶାଦ୍ରବ୍ୟ ରାଜ୍ୟ ବାହାରକୁ ଚାଲାଣ କରାଯାଉଛି। ବିଧାନସଭାରେ ମନ୍ତ୍ରୀ ରଖିଥିବା ଉତ୍ତର ଏବେ ଚିନ୍ତାର କାରଣ ପାଲଟିଛି। ଗତ ୩ ବର୍ଷରେ ରାଜ୍ୟରୁ ପ୍ରାୟ ୧୯୭ କୋଟି ଟଙ୍କାର ନିଶା ଦ୍ରବ୍ୟ ଜବତ ହେଲାଣି। ଏପରିକି ରାଜ୍ୟରେ ଚାଲୁଥିବା ଡ୍ରଗ୍ସ କାରବାରରେ ଖୋଦ ସରକାରୀ ଅଧିକାରୀ ସମ୍ପୃକ୍ତ ଅଛନ୍ତି। ସେମାନଙ୍କ ମଧ୍ୟରୁ ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇଥିବା ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ତଥ୍ୟ ରଖିଛନ୍ତି।

ରାଜ୍ୟରେ ସରକାରୀ ଅଧିକାରୀଙ୍କ ସହ ମିଶି ଚାଲିଛି ଡ୍ରଗ୍ସ କାରବାର। ୨୬ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଲେଣି ସରକାର। ସେମାନଙ୍କ ମଧ୍ୟରୁ ୫ ଅଧିକାରୀଙ୍କୁ ବହିଷ୍କାର କରାଯିବା ସହ ଅନ୍ୟ ୨୧ ଜଣ ଅଧିକାରୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ହେଲେ ରାଜ୍ୟରେ ଡ୍ରଗ୍ସ କାରବାର କମୁନାହିଁ। ନିଶା କାରବାର କରୁଥିବା ଲୋକମାନେ ଓଡ଼ିଶାକୁ ଟାର୍ଗେଟ କରି ପଶ୍ଚିମବଙ୍ଗ, ବାଂଲାଦେଶୀ ଏବଂ ନେପାଳରୁ ଡ୍ରଗ୍ସ ଆସୁଛି, ଯାହାକୁ ସେବନ କରି ଯୁବପିଢ଼ି ନିଶା କବଳରେ ଆସି ଅପରାଧ ଘଟାଉଛନ୍ତି। ଗତ ୩ ବର୍ଷର ତଥ୍ୟ ଅନୁସାରେ ୨୦୨୩ରୁ ଅକ୍ଟୋବର ୨୦୨୫ ଭିତରେ ରାଜ୍ୟରେ ୧୯୭ କୋଟି ୫ ଲକ୍ଷ ଟଙ୍କାର ନିଶା ଦ୍ରବ୍ୟ ଜବତ ହେଲାଣି। ସେଥିମଧ୍ୟରେ ସବୁଠୁ ଅଧିକ ୮୯,୭୨୩ କେଜିର ଗଞ୍ଜେଇ, ୮୭,୮୨୯ ଗ୍ରାମର ବ୍ରାଉନ୍ ସୁଗାର ଓ ୪,୦୩୬ ଲିଟର କଫ୍ ସିରପ୍ ରହିଛି। ଅନ୍ୟପଟେ ଚୋରା ନିଶା କାରବାର ରୋକିବାକୁ ଚଢ଼ାଉ ଜୋର୍‌ଦାର କରାଯାଉଥିଲେ ମଧ୍ୟ କର୍ମଚାରୀ ଅଭାବ ଥିବା ସଫେଇ ଦେଉଛି ଅବକାରୀ ବିଭାଗ। ଏବେ ରାଜ୍ୟରେ ୬ ଡିଏସ୍‌ପି, ୧୫ ଅବକାରୀ ଏସ୍‌ଆଇ ଏବଂ ୬୬୬ କନଷ୍ଟେବଲ ପଦବୀ ଖାଲି ପଡ଼ିଛି। ଖୁବ୍‌ଶୀଘ୍ର ଏହି ପଦବୀ ପୂରଣ କରିବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଥିବା ମନ୍ତ୍ରୀ ଲିଖିତ ଉତ୍ତରରେ କହିଛନ୍ତି। ଅପରପକ୍ଷରେ ନିଶାଦ୍ରବ୍ୟ ଚୋରା ଚାଲାଣକୁ ନେଇ ପୋଲିସ ଏବଂ ଅବକାରୀ ବିଭାଗ ଉପରେ ବିରୋଧୀ ଦୋଷ ଲଦିଛନ୍ତି।

## ବଲାଣିରେ ଫୁଟିଲା ଗୁଳି

ବଡ଼ବିଲ, ୩୦।୧୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଲାଣି ଥାନାଞ୍ଚଳରେ ରବିବାର ଅପରାହ୍ନରେ ସର୍ବସାଧାରଣରେ ଫାଙ୍କା ଗୁଳି ଚାଳନା ହୋଇଛି। ଏକ ଖଣିରେ ଠିକା କାର୍ଯ୍ୟକୁ ନେଇ ୨ କଣ୍ଟ୍ରାକ୍ଟରଙ୍କ ମଧ୍ୟରେ ମତଭେଦ ଲାଗିଥିଲା। ଜଣେ କଣ୍ଟ୍ରାକ୍ଟର ନିଜ ବନ୍ଧୁକଧାରୀ ସୁରକ୍ଷାକର୍ମୀଙ୍କ ସହ ଥିବାବେଳେ ଅନ୍ୟ ଠିକାଦାର ଓ ତାଙ୍କ ସମର୍ଥକମାନେ ସେମାନଙ୍କୁ ଘେରିଥିଲେ। ସୁରକ୍ଷା କର୍ମୀମାନେ ଏହାର ପ୍ରତିବାଦ କରୁଥିବାବେଳେ ବନ୍ଧୁକ ଛଡ଼ାଇବାକୁ ଚେଷ୍ଟା କରିବାରୁ ଅନ୍ୟ ଜଣେ ସୁରକ୍ଷା କର୍ମୀ ଫାଙ୍କା ଗୁଳି ଚାଳନା କରିଥିଲେ। ଏ ନେଇ ଉଭୟ କଣ୍ଟ୍ରାକ୍ଟର ବଲାଣି ଥାନାରେ ଅଭିଯୋଗ ନେଇ ପହଞ୍ଚିଥିଲେ। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ଗୁଳି ଚାଳନା କାହାରିକୁ ଲକ୍ଷ କରି ହୋଇନାହିଁ। ଗୁଳି ଚାଳନା କରିଥିବା ସୁରକ୍ଷାକର୍ମୀଙ୍କ ବନ୍ଧୁକ ଓ ନିଜର ଲାଇସେନ୍ସ ରହିଛି। ସୁରକ୍ଷାକର୍ମୀ ଜଣକ ସୁରକ୍ଷା ଦୃଷ୍ଟିକୋଣରୁ ଉପରକୁ ଫାଙ୍କା ଗୁଳି ଚାଳନା କରିଥିଲେ। ତେବେ ଉଭୟ ପକ୍ଷଙ୍କୁ ନେଇ ପଚରାଉଚରା ଜାରି ରହିଛି। ଅଭିଯୋଗ ଅନୁଯାୟୀ ମାମଲା ରୁଜୁ ହେବ।

## ହତ୍ୟା ମାମଲା: ୧୮ ମାସ ସୁଧାର ଗୃହରେ ରହିବେ ନାବାଳକ

ପାରଳାଖେମୁଣ୍ଡି, ୩୦।୧୧ (ଗିରିଧାରୀ ପରିଛା)

ଗଜପତି ଜିଲା ପାରଳାଖେମୁଣ୍ଡିସ୍ଥିତ ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରା ଏକ ହତ୍ୟା ମାମଲାର ବିଚାର କରି ଜଣେ ନାବାଳକ(୧୪)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ୧ ବର୍ଷ ୬ମାସ ବ୍ରହ୍ମପୁରସ୍ଥିତ ସୁଧାର ଗୃହରେ ରହିବାକୁ ବିଚାରପତି ରାୟରେ ପ୍ରକାଶ କରିଛନ୍ତି।

ମାମଲାର ବିବରଣୀରୁ ପ୍ରକାଶ, ୧୫।୦୭।୨୪ରେ ନାବାଳକ ଜଣକ ଅଭିଯୋଗକାରିଣୀ ରୋଷେଇ କରୁଥିବା ବେଳେ ଏକ ଟେକା ପକାଇଥିଲେ। ପରେ ସେ ଘର ଭିତରକୁ ପଶିଯାଇ ଅଭିଯୋଗକାରିଣୀଙ୍କୁ ଅସଦାଚରଣ କରିଥିଲେ। ଏହି ସମୟରେ ଅଭିଯୋଗକାରିଣୀ ଖସି ଯାଇଥିଲେ ମଧ୍ୟ ତାଙ୍କ ପଛରେ ନାବାଳକ ଏକ କାଠଫାଳିଆ ଧରି ଗୋଡ଼ାଇଥିଲେ। ପରେ ଭଉଣୀଙ୍କୁ ରକ୍ଷା କରିବାକୁ ଯାଇ ତାଙ୍କ ଭାଇ ନାବାଳକଙ୍କ ଆକ୍ରୋଶର ଶିକାର ହୋଇଥିଲେ। ତାଙ୍କ ମୁଣ୍ଡକୁ ନାବାଳକ ଜଣଙ୍କ କାଠଫାଳିଆରେ ଶକ୍ତ ପ୍ରହାର କରିଥିଲେ। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଯାଇଥିଲା। ମାମଲା ବିଚାରାଧୀନ ସମୟରେ ଅଭିଯୋଗକାରିଣୀଙ୍କ ଭାଇଙ୍କ ମୃତ୍ୟୁ ହୋଇଥିଲା। ଫଳରେ ଏହି ମାମଲା ହତ୍ୟା ମାମଲାକୁ ପରିବର୍ତ୍ତିତ ହୋଇଥିଲା। ଏନେଇ ଆର୍. ଉଦୟଗିରି ଥାନାରେ ଭଉଣୀଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ତଦନ୍ତ କରି ନାବାଳକଙ୍କୁ ଧରିଥିଲା। ସେବେଠାରୁ ଏହି ମାମଲା ପାରଳାଖେମୁଣ୍ଡି ଜୁଭେନାଇଲ ଜଷ୍ଟିସ ବୋର୍ଡର ରେଜିଷ୍ଟ୍ରାର ତଥା ମୁଖ୍ୟ ମାଜିଷ୍ଟ୍ରେଟ ପ୍ରସନ୍ନ କୁମାର ବେହେରାଙ୍କ ଅଦାଲତରେ ବିଚାରାଧୀନ ଥିଲା। ବିଚାରପତି ୧୯ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ନାବାଳକଙ୍କୁ ଦୋଷୀ ସାବ୍ୟସ୍ତ କରି ୧୮ ମାସ ବ୍ରହ୍ମପୁରସ୍ଥିତ ସୁଧାର ଗୃହରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଆସୋସିଏଟ ପବ୍ଲିକ ପ୍ରସିକ୍ୟୁଟର ପି. ପ୍ରସାଦ ରାଓ ଏହି ମାମଲା ପରିଚାଳନା କରୁଥିଲେ ବୋଲି ଭାରପ୍ରାପ୍ତ କ୍ୟାଡର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ର କହିଛନ୍ତି।

## ନାବାଳିକାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର

ଅଭିଯୁକ୍ତଙ୍କୁ ନୟାଗଡ଼ରୁ ଗିରଫ କଲା ପୋଲିସ

ଭୁବନେଶ୍ୱର, ୩୦।୧୧ (ତ୍ରିନାଥ ମହାନ୍ତି)

ଜଣେ ନାବାଳିକାଙ୍କୁ ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଅଭିଯୋଗରେ ମହିଳା ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ଜଣଙ୍କ ହେଲେ ବିଭୂତି ଭୂଷଣ ସେଠୀ। ତାଙ୍କୁ ପୋଲିସ ନୟାଗଡ଼ସ୍ଥିତ ଘରୁ ଗିରଫ କରିଛି।

ସୂଚନା ଅନୁସାରେ, ରାଜଧାନୀର ଏକ କଲେଜରେ ପାଠ ପଢୁଥିବା ଜଣେ ନାବାଳିକାଙ୍କ ସହ ବିଭୂତିଙ୍କ ପରିଚୟ ହୋଇଥିଲା। ଅଭିଯୁକ୍ତ ତାଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର କରିଥିଲେ। ଏପରିକି ନାବାଳିକା ଗର୍ଭବତୀ ହେବାପରେ ତାଙ୍କୁ ଔଷଧ ଦେଇ ଗର୍ଭ ନଷ୍ଟ କରିଥିଲେ। କିନ୍ତୁ ନାବାଳିକା ବିବାହ କଥା କହିବାରୁ ଅଭିଯୁକ୍ତ ଏହାକୁ ଏଡ଼ାଇ ଚାଲିଥିଲେ। ଶେଷରେ ନାବାଳିକା ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଯୁବକଙ୍କୁ ଗଳା କାଟି ହତ୍ୟା

ମାଲକାନଗିରି/ଚିତ୍ରକୋଣ୍ଡା, ୩୦।୧୧ (ଦୁର୍ଯ୍ୟୋଧନ ପାତ୍ର/ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ସଦର ମହକୁମା ଦୈନିକ ବଜାର ନିକଟରେ ଜଣେ ବ୍ୟକ୍ତିଙ୍କ ଆକ୍ରମଣରେ ଯୁବକଙ୍କ ରବିବାର ମୃତ୍ୟୁ ହୋଇଛି। ମୃତକ ହେଲେ ଚିତ୍ରକୋଣ୍ଡା ଦୈନିକ ବଜାରର ସନିଆ ଟାକ୍ରି।

ସୂଚନାନୁଯାୟୀ, ରବିବାର ସନିଆ ଘରେ ଶୋଇଥିବା ବେଳେ ରବି ସଗରିଆ ନାମକ ଜଣେ ବ୍ୟକ୍ତି ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଏହା ପରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। କିଛି ସମୟ ପରେ ସନିଆଙ୍କ ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଚିତ୍ରକୋଣ୍ଡା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅଭିଯୁକ୍ତ ରବିଙ୍କୁ ଥାନାରେ ପୋଲିସ ଅଟକ ରଖିଛି। ଏ ନେଇ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରିବା ସହ ତଦନ୍ତ ଜାରି ରଖିଛି। ଏ ନେଇ ସନ୍ନ୍ୟାସୀଙ୍କ ସ୍ତ୍ରୀ ନୀଳାବତି ଚିତ୍ରକୋଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। କେସ୍ ନଂ.୨୭୬/୨୫ରେ ମାମଲା ରୁଜୁ କରାଯାଇଥିବା ଚିତ୍ରକୋଣ୍ଡା ଆଇଆଇସି ଜୟନାରାୟଣ ଖଣ୍ଡେଇ କହିଛନ୍ତି। ଅଭିଯୋଗ ଅନୁଯାୟୀ, ରବି ନିଶାସକ୍ତ ଅବସ୍ଥାରେ କୌଣସି କଥାକୁ ନେଇ ସନ୍ନ୍ୟାସୀଙ୍କ ସହ ପାଟିତୁଣ୍ଡ କରିଥିଲେ। ଏହା ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିବା ସନ୍ନ୍ୟାସୀଙ୍କ ସ୍ତ୍ରୀ ନୀଳାବତି କହିଛନ୍ତି। ମୋ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ ବୋଲି ସେ ଅନୁରୋଧ କରିଛନ୍ତି।

# କେନ୍ଦ୍ରୀୟ ବିଦ୍ୟାଳୟ ସମ୍ମୁଖରେ ବୋମାମାଡ଼ ଘଟଣାରେ ୫ ଅଟକ

ଭୁବନେଶ୍ୱର, ୩୦।୧୧ (ସତ୍ୟଜିତ ରାଉତ)

ଭୁବନେଶ୍ୱରର ଗାଡ଼କଣସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ ନଂ.୩ ସମ୍ମୁଖରେ ବୋମା ବିସ୍ଫୋରଣ ଘଟଣାରେ କମିଶନରେଟ୍ ପୋଲିସ ତଦନ୍ତ ଜାରି ରଖିଛି। ପ୍ରାଥମିକ ତଦନ୍ତରୁ ଏହା ସୁତୁଲି ବୋମା ବୋଲି କୁହାଯାଉଛି। ତେବେ ଏଥିରେ କିଛି କ୍ଷୟକ୍ଷତି ଘଟି ନ ଥିଲେ ମଧ୍ୟ ରାଷ୍ଟ୍ରପତିଙ୍କ ଗସ୍ତ ଓ ବିଧାନସଭା ଚାଲୁଥିବା ସମୟରେ ଏହି ଘଟଣା ଆତଙ୍କ ଖେଳାଇଦେଇଛି। ଇତିମଧ୍ୟରେ ମଞ୍ଚେଶ୍ୱର ଥାନା ପୋଲିସ ଅନେକ ଲୋକଙ୍କୁ ଥାନାକୁ ଡାକି ପଚରାଉଚରା କରି ତଥ୍ୟ ହାସଲ କରୁଛି। ଏମାନଙ୍କ ମଧ୍ୟରୁ ୫ଜଣଙ୍କ ଉପରେ ସନ୍ଦେହ ବଢୁଥିବାରୁ ରବିବାର ସେମାନଙ୍କୁ ଥାନାରେ ଅଟକ ରଖାଯାଇ ଅଧିକ ଛାନ୍‌ଭିନ୍ ଚାଲିଛି। ଘଟଣାସ୍ଥଳର ଆଖପାଖରେ ଲାଗିଥିବା ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ଲୋକଙ୍କ ବୟାନ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରାଯାଇଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଖୁବ୍‌ଶୀଘ୍ର ଏହି ଘଟଣାରେ ରହସ୍ୟ ଉନ୍ମୋଚନ କରାଯିବ ବୋଲି ଜଣେ ଅଧିକାରୀ କହିଛନ୍ତି।

ସୂଚନା ଅନୁଯାୟୀ, କେନ୍ଦ୍ରୀୟ ବିଦ୍ୟାଳୟରେ କ୍ଲାସ୍ ଚାଲୁଥିଲା ବେଳେ ଶୁକ୍ରବାର ସକାଳ ପ୍ରାୟ ୭ଟା ୪୫ରୁ ୮ଟା ମଧ୍ୟରେ ହଠାତ୍ ସଂଲଗ୍ନ ରାସ୍ତାରେ ବୋମା ବିସ୍ଫୋରଣ ହୋଇଥିଲା। ଫଳରେ ସ୍ଥାନୀୟ ଅଞ୍ଚଳ ଧୂଆଁମୟ ହୋଇଯାଇଥିଲା। ଲୋକଙ୍କ ସହ ସ୍କୁଲ ପିଲା ଓ କର୍ମଚାରୀ ଆତଙ୍କିତ ହୋଇପଡିଥିଲେ। କେତେଜଣ ଲୋକ ଘଟଣାସ୍ଥଳକୁ ଯିବା ସମୟରେ ଦୁଇଟି ବାଇକରେ ୩ଜଣ ଦ୍ରୁତ ଗତିରେ ଫେରାର ହୋଇଯାଇଥିବା ଦେଖିଥିଲେ। ପୋଲିସ ଟିମ୍ ସହ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) ପହଞ୍ଚି ଯାଞ୍ଚ ଆରମ୍ଭ କରିଥିଲା। ଫୋରେନସିକ୍ ଟିମ୍ ରାସ୍ତା ଓ ସ୍କୁଲ ଗେଟ୍‌ରେ ପଡିଥିବା ବୋମାର ଅଂଶକୁ ସଂଗ୍ରହ କରି ପରୀକ୍ଷା ପାଇଁ ନେଇଥିଲା।

# ଶାଶୁ, ଶ୍ୱଶୁର, ସ୍ୱାମୀଙ୍କୁ ୮ ବର୍ଷ ଜେଲଦଣ୍ଡ

ଭୁବନେଶ୍ୱର, ୩୦।୧୧ (ସତ୍ୟଜିତ ରାଉତ)

ପ୍ରତାରଣା କରି ମହିଳା ଡାକ୍ତରଙ୍କୁ ବିବାହ

ପ୍ରତାରଣା କରି ଜଣେ ମହିଳା ଡାକ୍ତରଙ୍କୁ ବିବାହ କରିବା ମାମଲାରେ ଭୁବନେଶ୍ୱରସ୍ଥିତ ତୃତୀୟ ଅତିରିକ୍ତ ଜିଲା ଓ ଦୌରାଜଜ୍ ହିମାଂଶୁ ଶେଖର ମଲ୍ଲିକ ଶନିବାର ରାୟ ପ୍ରକାଶ କରିଛନ୍ତି। ପୀଡିତାଙ୍କ ସ୍ୱାମୀ ଶୈଳେନ୍ଦୁ ବିଶ୍ୱାଳ, ଶ୍ୱଶୁର କୁଳମଣି ବିଶ୍ୱାଳ ଓ ଶାଶୁ ଜ୍ୟୋତ୍ସ୍ନା ମହାପାତ୍ରଙ୍କୁ ୮ବର୍ଷ ଲେଖାଏ ଜେଲଦଣ୍ଡ ହୋଇଛି। ଏଥିସହ ସଭିଙ୍କୁ ୭୦ ହଜାର ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦାୟେ ଅଧିକ ବର୍ଷେ ଜେଲଦଣ୍ଡ ଭୋଗିବାକୁ ହେବ ବୋଲି କୋର୍ଟ କହିଛନ୍ତି।

ସୂଚନା ଅନୁଯାୟୀ, କୁଳମଣି ବିଶ୍ୱାଳ ହେଉଛନ୍ତି ଜଳସମ୍ପଦ ବିଭାଗର ଅବସରପ୍ରାପ୍ତ ଇଞ୍ଜିନିୟର୍ ଇନ୍ ଚିଫ୍ (ଇଆଇସି)। ୨୦୧୯ ମେ’୭ରେ ଜଣେ ମହିଳା ଡାକ୍ତରଙ୍କୁ ଶୈଳେନ୍ଦୁ ମିଛ କହି ବିବାହ କରିଥିଲେ। ଶୈଳେନ୍ଦୁ ଜଣେ ଡାକ୍ତର ବୋଲି ପରିଚୟ ଦେଇଥିଲେ। ବିବାହ ସମୟରେ ପରିବାର ଲୋକଙ୍କ ଦାବି ଅନୁଯାୟୀ ପୀଡିତାଙ୍କ ପରିବାର ତରଫରୁ ବହୁ ସମ୍ପତ୍ତି ଯୌତୁକ ଦିଆଯାଇଥିଲା। ତେବେ ପରବର୍ତ୍ତୀ ସମୟରେ ଶାଶୁଘର ଲୋକେ ପୀଡିତାଙ୍କୁ ନିର୍ଯାତନା ଦେଇଥିଲେ। ଏପରିକି କି ପରେ ଶୈଳେନ୍ଦୁ ଡାକ୍ତର ନୁହେଁ ବୋଲି ପୀଡିତା ଜାଣିପାରିଥିଲେ। ଏନେଇ ଏତଲାକ୍ରମେ ମହିଳା ଥାନା ୨୦୨୦ ଜାନୁଆରୀ ୧୧ରେ ମାମଲା (ନଂ.୩/୨୦୨୦) ରୁଜୁକରି ତଦନ୍ତ କରିଥିଲା। ପରେ ପୋଲିସ ଅଭିଯୁକ୍ତମାନଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କୋର୍ଟ ୮ଜଣଙ୍କ ସାକ୍ଷ୍ୟ ଓ ୧୩ଟି ଦସ୍ତାବିଜକୁ ଆଧାରକରି ରାୟ ଶୁଣାଇଥିଲେ। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ପ୍ରଦୀପ କୁମାର ମିଶ୍ର ଓ ଶୁଭଶ୍ରୀ ଜେନା ମାମଲା ପରିଚାଳନା କରୁଥିଲେ।

## Business

# ୮.୩ ନିୟୁତ ଟନ୍‌କୁ ବୃଦ୍ଧି ପାଇବ ଆଲୁମିନିୟମ୍ ଚାହିଦା

ଭୁବନେଶ୍ୱର, ୩୦।୧୧

ସିୟୁଟିଏସ୍ ଇଣ୍ଟରନ୍ୟାଶନାଲ୍ ପକ୍ଷରୁ ଜାରି କରାଯାଇଥିବା ଏକ ପଲିସି ପେପର୍‌ରେ ଭାରତର ମାଧ୍ୟମିକ ଆଲୁମିନିୟମ କ୍ଷେତ୍ର ସମ୍ମୁଖୀନ ହେଉଥିବା ଗୁରୁତ୍ୱପୂର୍ଣ୍ଣ ଆହ୍ୱାନ ଉପରେ ଆଲୋକପାତ କରାଯାଇଛି। ଭାରତର ଆଲୁମିନିୟମ ଚାହିଦା ବର୍ତ୍ତମାନର ୫.୩ ନିୟୁତ ଟନ୍‌ରୁ ବୃଦ୍ଧି ପାଇ ୨୦୩୦ ସୁଦ୍ଧା ୮.୩ ନିୟୁତ ଟନକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଥିବା ବେଳେ ଉତ୍ପାଦନ ଖର୍ଚ୍ଚରେ ବୃଦ୍ଧି ଦେଶର ବିନିର୍ମାଣ ଆକାଂକ୍ଷାକୁ ଲାଇନଚ୍ୟୁତ କରିବାର ଆଶଙ୍କା ସୃଷ୍ଟି କରିଛି। ଭାରତର ଶିଳ୍ପ ଅଭିବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଏହି ସର୍ବେକ୍ଷଣ ରିପୋର୍ଟ ଜାରି ହୋଇଛି ଯେଉଁଥିରେ ଭାରତର ବିନିର୍ମାଣ ମୂଲ୍ୟ ଶୃଙ୍ଖଳାକୁ ଆଗକୁ ବଢ଼ାଉଥିବା ଏବଂ

**ବର୍ଦ୍ଧିତ ଆମଦାନୀ ଶୁଳ୍କ ବଡ଼ ଆହ୍ୱାନ**

ବିକଶିତ ଭାରତ ୨୦୪୭ ଲକ୍ଷ୍ୟ ହାସଲ କରିବା ଲାଗି ଗୁରୁତ୍ୱପୂର୍ଣ୍ଣ ଏମଏସଏମଇ କ୍ଷେତ୍ରକୁ ବର୍ତ୍ତମାନର ଆମଦାନୀ ଶୁଳ୍କ ଢ଼ାଞ୍ଚା କିଭଳି ପ୍ରଭାବିତ କରୁଛି ତାହା ଉପରେ ଆଲୋକପାତ କରାଯାଇଛି। ଶିଳ୍ପ ରୂପାନ୍ତରଣର ଏକ କ୍ଷେତ୍ର ଏହି ଆହ୍ୱାନର ମୂଳରେ ରହିଛି ଓଡ଼ିଶା। ଏହା ଭାରତର ପ୍ରମୁଖ ଆଲୁମିନିୟମ ଉତ୍ପାଦନକାରୀ ରାଜ୍ୟ ହୋଇଥିବା ବେଳେ ପ୍ରମୁଖ ସ୍ମେଲଟର ଓ ବିଶୋଧନାଗାରଗୁଡ଼ିକ ଅନୁଗୁଳ, ଝାରସୁଗୁଡ଼ା, କୋରାପୁଟ ଓ ରାୟଗଡ଼ାରେ ରହିଛି। ଏହି ବଡ଼ ଶିଳ୍ପଗୁଡ଼ିକ ବ୍ୟତୀତ ହଜାର ହଜାର ଏମଏସଏମଇ କାଷ୍ଟିଂ, ଫେବ୍ରିକେସନ ଓ ଆନୁଷଙ୍ଗିକ ଉତ୍ପାଦନରେ ନିୟୋଜିତ ହୋଇ ଏକ ବ୍ୟାପକ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳା ସୃଷ୍ଟି କରିବା ସହ ଉଭୟ ନିଯୁକ୍ତି ଓ ନବସୃଜନକୁ ବଢ଼ାଉଛନ୍ତି। ମାତ୍ର ଏହି ଦୃଢ଼ ବ୍ୟବସ୍ଥା ଉପରେ ଏବେ ଚାପ ସୃଷ୍ଟି ହୋଇଛି। ପୂର୍ବରୁ ଥିବା ୭.୫ ପ୍ରତିଶତ ଆମଦାନୀ ଶୁଳ୍କ ପ୍ରଭାବରେ ପ୍ରାଥମିକ ଆଲୁମିନିୟମ ମୂଲ୍ୟ ବଢ଼ିବା ସହ ବ୍ୟବସାୟରେ ତିଷ୍ଠି ରହିବା ଲାଗି ସ୍ଥିର ଓ ପ୍ରତିଯୋଗିତାମୂଳକ ମୂଲ୍ୟ କଞ୍ଚାମାଲ ଉପରେ ନିର୍ଭରଶୀଳ ଥିବା ଏମଏସଏମଇଗୁଡ଼ିକ ପ୍ରଭାବିତ ହୋଇଛନ୍ତି। ବହୁତ କମ ମାର୍ଜିନରେ କାରବାର କରୁଥିବା ମାଧ୍ୟମିକ ଉତ୍ପାଦନକାରୀ ଓ ଫେବ୍ରିକେଟରଗୁଡ଼ିକ ଦରଦାମରେ ସାମାନ୍ୟ ଅସ୍ଥିରତା ସେମାନଙ୍କ ବଞ୍ଚିରହିବା କିମ୍ବା ବନ୍ଦ ହେବା ପଥ ନିର୍ଦ୍ଧାରଣ କରୁଥିବା ରିପୋର୍ଟରେ ଦର୍ଶାଯାଇଛି। ଆଲୁମିନିୟମ ମାଧ୍ୟମିକ ନିର୍ମାତା ସଂଘ (ଏଏସଏମଏ)ର ନବେନ୍ଦୁ କେ ଭରଦ୍ୱାଜ କହିଛନ୍ତି, ପ୍ରାଥମିକ ଆଲୁମିନିୟମ ଉପରେ ଶୁଳ୍କ ହ୍ରାସ ହେଲେ ତାହା ଆନୁଷଙ୍ଗିକ ରପ୍ତାନିକାରୀମାନଙ୍କୁ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ହାସଲ ପାଇଁ ବିକାଶମୂଳକ ପଦକ୍ଷେପ ଲାଗି ଆବଶ୍ୟକ ଆଲୁମିନିୟମ ଚାହିଦା ପୂରଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ନିର୍ମାଣ, ଭିତିଭୂମି, ଅଟୋମୋବାଇଲ୍ ଓ ଇଲେକ୍ଟ୍ରୋନିକ୍ସ ଭଳି କ୍ଷେତ୍ର ପାଇଁ ଆଲୁମିନିୟମ ମୂଲ୍ୟଯୁକ୍ତ ଉତ୍ପାଦ ହେଉଛି ପ୍ରମୁଖ ଉପକରଣ।

# ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ‘ଗ୍ରାଣ୍ଡ ଡିସ୍‌କାଉଣ୍ଟ ସେଲ୍’

ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)

**ଗଢ଼ା ମଜୁରି ଉପରେ ୧୦୦% ରିହାତି**

MADHUKUNJ Gold & Diamonds

ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସ ପକ୍ଷରୁ ବିବାହ ଋତୁକୁ ଦୃଷ୍ଟିରେ ରଖି ‘ଗ୍ରାଣ୍ଡ ଡିସ୍‌କାଉଣ୍ଟ ସେଲ୍’ ଜାରି ରହିଛି। ନଭେମ୍ବର ୨୧ରୁ ଆରମ୍ଭ ହୋଇଥିବା ଏହି ସେଲ୍ ଗ୍ରାହକଙ୍କୁ ସୁନା, ହୀରା ଓ ରୁପା ଗହଣାର ଗଢ଼ା ମଜୁରି ଉପରେ ଶତ ପ୍ରତିଶତ ରିହାତି ପ୍ରଦାନ କରୁଛି। ଭୁବନେଶ୍ୱର ଜନପଥ, ଜଟଣୀ ସୀତାରାମ ଛକ ଏବଂ କଟକ କ୍ୟାଣ୍ଟନମେଣ୍ଟ ରୋଡ୍‌ସ୍ଥିତ ଷ୍ଟୋରରେ ଗ୍ରାହକମାନେ ଏହି ସେଲର ଲାଭ ଉଠାଇପାରୁଛନ୍ତି। ଜାତୀୟ, ଅନ୍ତର୍ଜାତୀୟ ସ୍ତରର ଡିଜାଇନର ଗହଣା କଲେକ୍ସନ ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ମଧୁକୁଞ୍ଜ ଗୋଲ୍ଡ ଆଣ୍ଡ ଡାଇମଣ୍ଡସର ନିର୍ଦ୍ଦେଶକ ପ୍ରବୀଣ ଅଗ୍ରୱାଲ କହିଛନ୍ତି, ସୁନାଗହଣା ଏକ୍ସଚେଞ୍ଜ ଉପରେ ଗ୍ରାହକ ପୂର୍ଣ୍ଣ ମୂଲ୍ୟ ପାଇପାରୁଛନ୍ତି ଅର୍ଥାତ୍ ଷ୍ଟୋର ପକ୍ଷରୁ କୌଣସି କାଟ କରାଯାଉନାହିଁ। ୯୧୬ ଶୁଦ୍ଧତା ସହ ଶତ ପ୍ରତିଶତ ବିଆଇଏସ୍ ହଲମାର୍କ ସୁନା ଏବଂ ଶତପ୍ରତିଶତ ଆଇଜିଆଇ ସ୍ୱୀକୃତିପ୍ରାପ୍ତ ହୀରା ଗହଣା ମିଳୁଛି। ଏହାସହ ଲାଇଫ୍ ଟାଇମ୍ ବାଏ ବ୍ୟାକ୍ ଗ୍ୟାରେଣ୍ଟି ମଧ୍ୟ ଦିଆଯାଉଛି। ଗ୍ରାହକଙ୍କ ଚାହିଦାକୁ ପୂରଣ ସହ ସେମାନଙ୍କ ବିଶ୍ୱସନୀୟତା ରକ୍ଷା କରିବା ଅନୁଷ୍ଠାନର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି। ଡିସେମ୍ବର ୭ ତାରିଖ ପର୍ଯ୍ୟନ୍ତ ଏହି ସେଲ୍ ଚାଲିବ ବୋଲି ଷ୍ଟୋର ପକ୍ଷରୁ ସୂଚନା ଦିଆଯାଇଛି।

## ର‍୍ୟାମ୍ପରେ ଚାଲିଲେ ଓଡ଼ିଶାର ଖଦି କାରିଗର

ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)

ନୂଆଦିଲ୍ଲୀର ପ୍ରଗତି ମଇଦାନସ୍ଥିତ ଜାତୀୟ ହସ୍ତଶିଳ୍ପ ସଂଗ୍ରହାଳୟରେ ଅନୁଷ୍ଠିତ ନବଯୁଗ ଖଦି ଫ୍ୟାଶନ ଶୋ’ରେ ଓଡ଼ିଶାର ଇକତ୍ ଖଦି ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଛି। ପାରମ୍ପରିକ ଇକତ୍ ଖଦି ଶାଢ଼ୀ ଓ ଆଧୁନିକ ପୋଷାକ ପରିଧାନ କରି ଓଡ଼ିଶାର ଖଦି ସଂସ୍ଥା ଓ କାରିଗରମାନେ ର‍୍ୟାମ୍ପରେ ଚାଲି ନିଜର ଉତ୍ପାଦ ପ୍ରଦର୍ଶନ କରିଛନ୍ତି। ଅନ୍ୟ ଖଦୀ ମଧ୍ୟରେ ଆସାମର ଏରି ସିଲ୍କ, ଗୁଜରାଟର ଟାଙ୍ଗାଲିଆ, କର୍ଣ୍ଣାଟକର ସିଲ୍କ, ବଙ୍ଗର କଟନ ଓ ତେଲେଙ୍ଗାନା-ବିହାରର ପାରମ୍ପରିକ ବୟନ ପ୍ରଦର୍ଶିତ ହୋଇଥିଲା। ଖଦି ଓ ଗ୍ରାମୋଦ୍ୟୋଗ ଆୟୋଗ (କେଭିଆଇସି) ଅଧ୍ୟକ୍ଷ ମନୋଜ କୁମାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଛନ୍ତି, ଖଦିର ପ୍ରକୃତ ଶକ୍ତି ତା’ର କାରିଗରଙ୍କ ହାତରେ ରହିଛି। ଆଜିର ନବଯୁଗ ଖଦି ଗାନ୍ଧିଜୀଙ୍କ ସ୍ୱପ୍ନକୁ ଆଧୁନିକ ଫ୍ୟାଶନ ସହ ଯୋଡ଼ି ଦେଶର ଯୁବପିଢ଼ିର ପସନ୍ଦ ହୋଇପାରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଖଦି ଫର ନେସନ, ଖଦି ଫର ଫ୍ୟାଶନ, ଖଦି ଫର ଟ୍ରାନ୍ସଫର୍ମେସନ ମନ୍ତ୍ରକୁ ଉଲ୍ଲେଖ କରି ସେ କହିଛନ୍ତି, ଖଦି ଗ୍ରାମରୁ ଗ୍ଲାମରକୁ ପହଞ୍ଚିଛି।

# କ୍ୟାରେଟଲେନର ୫ମ ଷ୍ଟୋର ଉଦ୍‌ଘାଟିତ



ମୁଖ୍ୟଅତିଥି ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ କୋଲ ବ୍ରେକିଂ ସହ ନୂଆ ଷ୍ଟୋରର ଶୁଭାରମ୍ଭ କରିଛନ୍ତି। (ଫଟୋ- ବିକାଶ ନାୟକ)

ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)


ଭାରତର ଅଗ୍ରଣୀ ଓମ୍ନି-ଚ୍ୟାନେଲ ଗହଣା ବ୍ରାଣ୍ଡ କ୍ୟାରେଟଲେନ (ଟାଟା ଗ୍ରୁପର କମ୍ପାନୀ) ଭୁବନେଶ୍ୱରର ଆଇଗିଣିଆ ଅଞ୍ଚଳରେ ନିଜର ୩୫୧ତମ ଷ୍ଟୋର୍ ଉଦ୍‌ଘାଟନ କରିଛି। ଓଡ଼ିଶାରେ ଏହା ହେଉଛି ବ୍ରାଣ୍ଡର ପଞ୍ଚମ ଷ୍ଟୋର। ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ମୁଖ୍ୟଶାସନ ସଚିବ ଅସିତ୍ ତ୍ରିପାଠୀ ଯୋଗ ଦେଇଥିବାବେଳେ ପ୍ରାଞ୍ଚାଇଜି ଓନର ନବପ୍ରୀତ ସିଂହ ଏବଂ ଓଡ଼ିଶା ରିଜିଓନାଲ ମ୍ୟାନେଜର ଅର୍ପିତା ଦତ୍ତଙ୍କ ଉପସ୍ଥିତିରେ କୋଲ ବ୍ରେକିଂ ସହ ନୂଆ କଲେକ୍ସନର ଶୁଭାରମ୍ଭ କରାଯାଇଥିଲା। ବ୍ରାଣ୍ଡର ବହୁ ବର୍ଷର ବିଶ୍ୱସ୍ତ ଗ୍ରାହକମାନେ ଏହି ଉତ୍ସବରେ ଯୋଗ ଦେଇଥିଲେ। ସୂଚନା ଥାଉକି, ଦେଶରେ ୩୫୦ରୁ ଊର୍ଦ୍ଧ୍ୱ ଷ୍ଟୋର୍ ସହ କ୍ୟାରେଟଲେନ ସୁନ୍ଦର ଡାଏମଣ୍ଡ ଗହଣାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବାର ଲକ୍ଷ୍ୟ ନେଇ ଆଗେଇ ଚାଲିଛି। ନୂଆ ଷ୍ଟୋର ଗ୍ରାହକମାନେ ବଟରଫ୍ଲାଇ, ଅରଣ୍ୟ, ଓମ୍ରେ ଭଳି ଲୋକପ୍ରିୟ କଲେକଶନ ପାଇପାରିବେ। ଏହା ବ୍ୟତୀତ ଡ୍ରେସ୍, ଡିଜନି, ହ୍ୟାରି ପୋଟର୍, ପେପ୍ପା ପିଗ୍ ଆଦି କିଡ୍ସ କଲେକ୍ସନ ରହିଛି। କ୍ୟାରେଟଲେନର ମ୍ୟାନେଜିଂ ଡାଇରେକ୍ଟର ସୌମେନ ଭୌମିକ କହିଛନ୍ତି, ଭୁବନେଶ୍ୱର ଷ୍ଟୋରକୁ ଏପରି ଭାବେ ଡିଜାଇନ କରାଯାଇଛି ଯେ ଗ୍ରାହକ ଗହଣା ଦେଖିବା ସହ ପରିଧାନ ଓ ଅନୁଭବ କରି ନିଜର ପସନ୍ଦ ବାଛିପାରିବେ। ଅନ୍‌ଲାଇନ ସହ ଅଫ୍‌ଲାଇନରେ ବୁକିଂ ତଥା କ୍ରୟ କରିପାରିବେ। ନୂଆ ଷ୍ଟୋର ଉପଲକ୍ଷେ ନବପ୍ରୀତ ସିଂହ ସ୍ୱତନ୍ତ୍ର ଅଫର ଘୋଷଣା କରିଥିଲେ।

## ସବୁଜ ଅର୍ଥନୀତିରେ ହେବ ୪.୧ ଟ୍ରିଲିୟନ ଡଲାର ନିବେଶ: ସିଇଇଡବ୍ଲ୍ୟୁ

ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)

ଭାରତର ସବୁଜ ଅର୍ଥନୀତି ୨୦୪୭ ସୁଦ୍ଧା ୪.୧ ଟ୍ରିଲିୟନ ଡଲାର (୩୬୦ ଲକ୍ଷ କୋଟି ଟଙ୍କା) ନିବେଶ ଆକର୍ଷଣ କରି ୪.୮ କୋଟି ନୂଆ ପୂର୍ଣ୍ଣକାଳୀନ ଚାକିରି ସୃଷ୍ଟି କରିପାରିବ ଏବଂ ପ୍ରତିବର୍ଷ ୯୭ ଲକ୍ଷ କୋଟି ଟଙ୍କାର ସବୁଜ ବଜାର ଖୋଲିପାରିବ ବୋଲି କାଉନସିଲ ଅଫ୍ ଏନର୍ଜି, ଏନଭାଇରନମେଣ୍ଟ ଆଣ୍ଡ ୱାଟର (ସିଇଇଡବ୍ଲ୍ୟୁ)ର ଅଧ୍ୟୟନରେ କୁହାଯାଇଛି। ଏହି ସବୁଜ ସୁଯୋଗ ସୌର ପ୍ୟାନେଲ ଓ ଇଲେକ୍ଟ୍ରିକ ଗାଡ଼ି ସହ ଜୈବ-ଉପାଦାନ, ଆଗ୍ରୋଫରେଷ୍ଟ୍ରି, ସର୍କୁଲାର ଉତ୍ପାଦନ, ବର୍ଜ୍ୟରୁ ମୂଲ୍ୟ ସୃଷ୍ଟି ଓ ପରିବେଶ-ଆଧାରିତ ଜୀବିକା ଭଳି ୩୬ଟି ମୂଲ୍ୟଶୃଙ୍ଖଳା ଏହାର ଅଂଶ। ଓଡ଼ିଶା ପାଇଁ ଏହା ବିରାଟ ସୁଯୋଗ ବୋଲି କୁହାଯାଉଛି। ୨୦୩୦ ସୁଦ୍ଧା ୧୦ ଲକ୍ଷ ନୂଆ ନିଯୁକ୍ତି ସୃଷ୍ଟି ସହ ରାଜ୍ୟ ଜିଡିପିରେ ୨ ଲକ୍ଷ କୋଟି ଟଙ୍କା ଯୋଗ ଏବଂ ୩.୫ ଲକ୍ଷ କୋଟି ଟଙ୍କା ନିବେଶ ଆସିପାରିବ। ଏହା ରାଜ୍ୟ ଜିଡିପିରେ ୨୩% ଓ ନିବେଶରେ ୨୦% ବୃଦ୍ଧି ଆଣିପାରିବ। ଓଡ଼ିଶା ଏବେଠାରୁ ଆଗେଇ ନିଜର ଷ୍ଟେଟ ଲେଭଲ ଗ୍ରୀନ ଇକୋନୋମି କାଉନସିଲ ଓ ୧୬ ଜଣ ବରିଷ୍ଠ ସଚିବଙ୍କ କମିଟି ଗଠନ କରି ସବୁଜ ଅର୍ଥନୀତିକୁ ରାଜ୍ୟ ଯୋଜନାରେ ସାମିଲ କରିସାରିଛି।

## ଟାଟା ଷ୍ଟିଲ୍ ମାଙ୍ଗାନିଜ ଖଣିକୁ ସ୍ୱର୍ଣ୍ଣ ପୁରସ୍କାର




ଭୁବନେଶ୍ୱର, ୩୦।୧୧ (ଅନୁରାଧା ମହାରଣା)


ସୁରକ୍ଷା ବ୍ୟବସ୍ଥାରେ ଉତ୍କର୍ଷ ପାଇଁ ୧୧ତମ ଫେଡେରେଶନ୍ ଅଫ୍ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଫିକି) ଆୱାର୍ଡସ୍‌ରେ ଟାଟା ଷ୍ଟିଲ୍‌ର ମାଙ୍ଗାନିଜ ଗ୍ରୁପ୍ ଅଫ୍ ମାଇନ୍ସ (ଏମ୍‌ଜିଏମ୍)କୁ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲାର ଯୋଡ଼ା ଅଞ୍ଚଳରେ ଫେରୋ ଆଲଏଜ୍ ଆଣ୍ଡ ମିନେରାଲ୍ ଡିଭିଜନ (ଏଫ୍‌ଏଏମ୍‌ଡି) ଅଧୀନରେ ଏହି ଖଣିଗୁଡ଼ିକ ପରିଚାଳିତ ହେଉଛି। ଖଣି କ୍ଷେତ୍ରରେ ଉନ୍ନତ ସୁରକ୍ଷା ପ୍ରବନ୍ଧନ ପାଇଁ ଏହି ଖଣିଗୁଡ଼ିକୁ ପୁରସ୍କୃତ କରାଯାଇଛି। ଭାରତ ସରକାରଙ୍କ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଅଧୀନ ପ୍ରମୋଶନ ଅଫ୍ ଇଣ୍ଡଷ୍ଟ୍ରି ଆଣ୍ଡ ଇଣ୍ଟରନାଲ୍ ଟ୍ରେଡ ବିଭାଗ ସେଣ୍ଟ୍ରାଲ ବଏଲର୍ ବୋର୍ଡର ବୈଷୟିକ ଉପଦେଷ୍ଟା (ବଏଲର) ଓ ସଚିବ ସନ୍ଦୀପ ସଦାନନ୍ଦ କୁମ୍ଭାର ପୁରସ୍କାର ପ୍ରଦାନ କରିଥିଲେ। ଏହି ଅବସରରେ ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଯୁଗ୍ମ ସଚିବ ତଥା ଫ୍ୟାକ୍ଟ୍ରି ଆଡଭାଇସ ସର୍ଭିସ ଆଣ୍ଡ ଲେବର ଇନଷ୍ଟିଚ୍ୟୁଟ୍‌ର ମହାନିର୍ଦ୍ଦେଶକ ଆଲୋକ ମିଶ୍ର ଉପସ୍ଥିତ ଥିଲେ। କମ୍ପାନୀ ପକ୍ଷରୁ ଟାଟା ଷ୍ଟିଲ୍‌ର ଖଣି ମୁଖ୍ୟ(ଏଫ୍‌ଏଏମ୍‌ଡି) ଶମ୍ଭୁନାଥ ଝା ଓ ଏଫ୍‌ଏଏମ୍‌ଡିର ବରିଷ୍ଠ ଏରିଆ ପ୍ରବନ୍ଧକ (ସୁରକ୍ଷା-ଖଣି) ସନ୍ତୋଷ କୁମାର ରାଉତ ପୁରସ୍କାର ଗ୍ରହଣ କରିଥିଲେ। ଦୀର୍ଘ ବର୍ଷର ପରିଚାଳନା ମଧ୍ୟରେ ଖଣିକ୍ଷେତ୍ରରେ ସ୍ଥାୟିତ୍ୱ ପ୍ରତି ଟାଟା ଷ୍ଟିଲ୍‌ର ପ୍ରତିବଦ୍ଧତାକୁ ଏମ୍‌ଜିଏମ୍ ଜାରି ରଖିଥିବା ବେଳେ ପ୍ରତି କର୍ମଚାରୀ ଓ ଅଂଶୀଦାରଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇଛି। ଏହି ଗ୍ରୁପ୍ ଅଧୀନରେ ଯୋଡ଼ା ୱେଷ୍ଟ, ଖଣ୍ଡବନ୍ଧ, ବାମେବାରି ଓ ତିରିଙ୍ଗପାହାଡ଼ ମାଙ୍ଗାନିଜ ଖଣି ରହିଛି, ଯାହା ସମ୍ପୂର୍ଣ୍ଣ ଭାବେ ଯାନ୍ତ୍ରିକୀକରଣ ଓପନକାଷ୍ଟ ଅପରେଶନ୍ସ ଦ୍ୱାରା ପରିଚାଳିତ। ଏହି ଖଣି ଟାଟା ଷ୍ଟିଲର ଫେରୋ ଆଲଏଜ କାରଖାନା ଓ ଅନ୍ୟାନ୍ୟ ଗ୍ରାହକଙ୍କୁ ମାଙ୍ଗାନିଜ ଯୋଗାଉଛି।


### ଆଜି ବିଶ୍ୱ ଏଡ୍ସ ଦିବସ । ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...


# ବ୍ୟାଘାତ ଅତିକ୍ରମ କରି ଏଡ୍ସ ମୁକାବିଲା କରିବା


ଡା. ରାମଚନ୍ଦ୍ର ରାଉତ

''ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ରକ୍ତ ଯାଞ୍ଚ। ଆମ ରାଜ୍ୟରେ ଏହା 'ନାଟ୍ ପିସିଆର' ପରି ଅତ୍ୟନ୍ତ ସମ୍ବେଦନଶୀଳ ପରୀକ୍ଷା ଦ୍ୱାରା ସଂକ୍ରମଣ ମାତ୍ର କେଇଦିନ ମଧରେ ନିର୍ଣ୍ଣୟ କରାଯାଇପାରୁଛି। ଏଡ୍ସ ରୋଗ ଥରେ ନିର୍ଣ୍ଣୟ ହୋଇଗଲେ ସଙ୍ଗେ ସଙ୍ଗେ ଏଆରଟି କେନ୍ଦ୍ରରୁ ବିନାମୂଲ୍ୟରେ ନିୟମିତ ଔଷଧ ସେବନ କରିବା ଉଚିତ। ଏହାଦ୍ୱାରା ରୋଗୀର ସାଧାରଣ ଜୀବନଯାପନରେ କୌଣସି ଅସୁବିଧା ହୋଇ ନ ଥାଏ। ତା'ସହ ସଂକ୍ରମଣ ଆଗକୁ ବ୍ୟାପିବାକୁ ଦେଇ ନ ଥାଏ।''





ଏବେ ପ୍ରାୟ ସମସ୍ତେ ଏଚ୍.ଆଇ.ଭି. ଏଡ୍ସ ବିଷୟରେ ଅଳ୍ପ ବହୁତେ ଅବଗତ ଅଛନ୍ତି ଓ ଦିନକୁ ଦିନ ଏଥିଲାଗି ସଂକ୍ରମଣ ସତର୍କତା ବୃଦ୍ଧି ପାଉଛି। ଯୌନ ବ୍ୟବହାରରେ ପରିବର୍ତ୍ତନ ଓ ନିଜର ରକ୍ତ ପରୀକ୍ଷା ଏଥିଲାଗି ହେଉଛି ଦୁଇଟି ମୁଖ୍ୟ ସାଧନ। ୨୦୨୪ ମସିହା ପ୍ରାରମ୍ଭରେ ପ୍ରାୟ ଚାରିକୋଟି ଦଶ ଲକ୍ଷ ଲୋକ ଏଡ୍ସ ଦ୍ୱାରା ସଂକ୍ରମିତ ହୋଇ ଜୀବନଧାରଣ କରୁଥିଲେ। ଏଡ୍ସ ରୋଗୀଙ୍କଠାରୁ ପ୍ରତ୍ୟକ୍ଷ ହେଉ କି ପରୋକ୍ଷରେ ଅନ୍ୟମାନେ ସଂକ୍ରମିତ ହେବାର ଆଶଙ୍କା ରହିଛି।

ପ୍ରତିବର୍ଷ ପ୍ରାୟ ୧୩–୧୫ ଲକ୍ଷ ନୂଆ ସଂକ୍ରମଣ ହେଉଥିବା ଜଣାପଡୁଛି ଓ ସବୁଠାରୁ ଉଦ୍‌ବେଗର କଥା ପ୍ରାୟ ଏକ କୋଟି ଲୋକ ଚିକିତ୍ସା ପରିସରକୁ ଆସିପାରିନାହାନ୍ତି। ଏମାନେ ସଂକ୍ରମଣର ମୁଖ୍ୟ ଉତ୍ସ ରୂପେ ରୋଗ ନ ବ୍ୟାପିବା ପାଇଁ ତତ୍‌କ୍ଷଣାତ ଚିକିତ୍ସା ପରିସରକୁ ଆସିଯିବା ଉଚିତ। ସାଧାରଣତଃ ମୁଖ୍ୟ ରୂପେ ଅସୁରକ୍ଷିତ ଅପ୍ରାକୃତିକ ଓ ପ୍ରାକୃତିକ ଯୌନ ସମ୍ପର୍କ ଦ୍ୱାରା ଏହା ବ୍ୟାପିଥାଏ। କଣ୍ଡୋମ ବ୍ୟବହାର ନ କରିବା ଦ୍ୱାରା, ଏକାଧିକ ବ୍ୟକ୍ତିଙ୍କ ସହିତ ଯୌନ ସମ୍ପର୍କ ଓ ନିୟମିତ ରକ୍ତ ଯାଞ୍ଚ ନ କରିବା ଏହାର ମୁଖ୍ୟ କାରଣ।

ଅନ୍ୟପକ୍ଷରେ ଅଶୋଧିତ ଇଞ୍ଜେକଶନ ଛୁଞ୍ଚି ବ୍ୟବହାର ଦ୍ୱାରା ଏହା ବ୍ୟାପିଥାଏ। ଏଣୁ ବିଶୋଧିତ ଛୁଞ୍ଚି କିମ୍ବା ଉତ୍ତମମାନର ସିରିଞ୍ଜ, ନିଡିଲର ବ୍ୟବହାର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହାବ୍ୟତୀତ ନିୟମିତ ରକ୍ତ ଯାଞ୍ଚ ଅନ୍ୟ ଦେହକୁ ନ ବ୍ୟାପିବାରେ ସାହାଯ୍ୟ କରିଥାଏ। ମା'ଠାରୁ ଗର୍ଭସ୍ଥ ଶିଶୁକୁ ଏହା ସଂକ୍ରମିତ ହେବାର ଆଶଙ୍କା ଥିବାରୁ ଗର୍ଭବତୀ ମା'ମାନେ 'ଏଆର୍‌ଟି' ସେବନ କରିବା ଉଚିତ। ଏହା ଗର୍ଭ ସମୟରେ, ପ୍ରସବ ସମୟରେ ଓ ସ୍ତନ୍ୟପାନ ସମୟରେ ହେବା ଉଚିତ।

ନିରାପଦ ରକ୍ତ ସଞ୍ଚାରଣ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ଏହା ଖୁସିର କଥା ଯେ ଆମ ଦେଶରେ ପ୍ରଥମ ଥର ପାଇଁ 'ରକ୍ତ ନିରାପତ୍ତା ନିର୍ଦ୍ଦେଶାଳୟ' ଖୋଲାଯାଇଛି। ଆମ ରାଜ୍ୟରେ ଏହା ମଧ୍ୟ ରହିଛି। ରକ୍ତ ନିରାପତ୍ତା ବିଷୟରେ ଅନେକ ପ୍ରାବଧାନ କରାଯାଇଛି, ଯାହାଫଳରେ ରକ୍ତ ସଞ୍ଚାରଣଜନିତ ସଂକ୍ରମଣ ଆମ ରାଜ୍ୟରେ ପ୍ରାୟ ନାହିଁ ବୋଲି କହିହେବ।

ଏତଦ୍‌ବ୍ୟତୀତ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ରକ୍ତ ଯାଞ୍ଚ। ଆମ ରାଜ୍ୟରେ ଏହା 'ନାଟ୍ ପିସିଆର୍' ପରି ଅତ୍ୟନ୍ତ ସମ୍ବେଦନଶୀଳ ପରୀକ୍ଷା ଦ୍ୱାରା ସଂକ୍ରମଣ ମାତ୍ର କେଇଦିନ ମଧ୍ୟରେ ନିର୍ଣ୍ଣୟ କରାଯାଇପାରୁଛି। ଏଡ୍ସ ରୋଗ ଥରେ ନିର୍ଣ୍ଣୟ ହୋଇଗଲେ ସଙ୍ଗେ ସଙ୍ଗେ ଏଆର୍‌ଟି କେନ୍ଦ୍ରରୁ ବିନାମୂଲ୍ୟରେ ନିୟମିତ ଔଷଧ ସେବନ କରିବା ଉଚିତ। ଏହାଦ୍ୱାରା ରୋଗୀର ସାଧାରଣ ଜୀବନଯାପନରେ କୌଣସି ଅସୁବିଧା ହୋଇ ନ ଥାଏ। ତା' ସହ ସଂକ୍ରମଣ ଆଗକୁ ବ୍ୟାପିବାକୁ ଦେଇ ନ ଥାଏ।

ଏହାସହିତ ଏଡ୍ସ ହେବା ସମୟରେ ଅନ୍ୟ ସୁଯୋଗପ୍ରାପ୍ତ ସଂକ୍ରମଣମାନଙ୍କର ଯଥାବିଧି ନିର୍ଣ୍ଣୟ ଓ ଚିକିତ୍ସା ମଧ୍ୟ ଗୁରୁତ୍ୱପୂର୍ଣ୍ଣ। ଏଡ୍ସର ଅନେକ ସାମାଜିକ ଦିଗ ଥିବାରୁ ଏଥିଲାଗି ଦୁଇଟି ଗୁରୁତ୍ୱପୂର୍ଣ୍ଣ ମଡେଲର ଅବତାରଣା କରାଯାଇଛି। ପ୍ରଥମଟି ହେଲା– 'ହେଲ୍ଥ ସିକିଙ୍ଗ ବିହେଭିୟର'। ଅର୍ଥାତ୍, ଲୋକଟିର କୌଣସି ରୋଗ ହେଲେ ଚିକିତ୍ସା ପାଇଁ କାହା ପାଖକୁ ଯିବ ବୋଲି କିପରି ନିର୍ଣ୍ଣୟ ନେଇଥାଏ ? ସେ କାହାକୁ ପଚାରି ପାରେ, ଇଣ୍ଟରନେଟ୍‌ରୁ ଖୋଜି ଔଷଧ ଆଣିପାରେ, ଦୋକାନୀଠାରୁ ଔଷଧ ନେଇପାରେ, ଘରୋଇ ଡାକ୍ତରଙ୍କୁ ଫିସ୍ ଦେଇ ଦେଖାଇପାରେ କିମ୍ବା ସରକାରୀ ଡାକ୍ତରଖାନାକୁ ଯାଇପାରେ। ମାତ୍ର ଏଡ୍ସରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଲେ ସେ ସେପରି କରିପାରେ ନାହିଁ। ଏପରିକି ତାକୁ ଏଡ୍ସ କେନ୍ଦ୍ରକୁ ଯାଇ ଔଷଧ ଆଣିବାକୁ ଲାଜ ଲାଗିଥାଏ। ଫଳରେ ଏଥିଲାଗି ପରାମର୍ଶକାରୀ ବା କାଉନସେଲରମାନଙ୍କୁ ନିଯୁକ୍ତି ଦିଆଯାଇଛି ଏବଂ ସେମାନଙ୍କର ସହାୟତା ଗୁରୁତ୍ୱପୂର୍ଣ୍ଣ ଅଟେ।

ଦ୍ୱିତୀୟ ମଡେଲଟି ହେଉଛି– 'ହେଲ୍ଥ ବଲିଙ୍ଗ୍' ମଡେଲ। ଏଥିରେ ବ୍ୟକ୍ତିଜଣକ ଅନ୍ୟଜଣଙ୍କର ସମାନ ପ୍ରକାର ଲକ୍ଷଣ ଓ ରୋଗ ପାଇଁ ନିଜେ ସଚେତନ ହୋଇ ଭାବେ ତା'ର ଏହା ହୋଇଛି କି ନାହିଁ। ତା'ପରେ ସେ ନିଜର ପରୀକ୍ଷା କରାଏ ଓ ରୋଗ ନ ଥିଲେ ଏଭଳି ଆଶଙ୍କା ଦୂରୀଭୂତ ହୁଏ। ଯଦି ରୋଗ ନିର୍ଣ୍ଣୟ ହେଲା ତେବେ ନିଜେ ସମ୍ପୂର୍ଣ୍ଣ ଚିକିତ୍ସିତ ହୋଇ ଅନ୍ୟମାନଙ୍କୁ ଏହା କୁହେ ଓ ରୋଗ ନ ହେବାର ବ୍ୟବସ୍ଥା କରେ। ଏହାଦ୍ୱାରା ସମାଜକୁ ଏକ ଉତ୍ତମ ବାର୍ତ୍ତା ଯାଇଥାଏ।

ଏଡ୍ସ ସମ୍ପର୍କରେ ଅଧିକ ଜନସଚେତନତା ସୃଷ୍ଟି କରିବା ଲାଗି ପ୍ରତିବର୍ଷ ଡିସେମ୍ବର ୧ ତାରିଖକୁ 'ବିଶ୍ୱ ଏଡ୍ସ ଦିବସ' ଭାବରେ ପାଳନ କରାଯାଇଥାଏ। ଏହି ଦିବସ ଅବସରରେ ଚଳିତବର୍ଷର ବାର୍ତ୍ତା ରହିଛି– 'ବ୍ୟାଘାତ ଅତିକ୍ରମ କରିବା ଓ ଏଡ୍ସକୁ ମୂଳପୋଛ କରିବା ଉଦ୍ୟମକୁ ଆଗେଇ ନେବା।' ଏଥିଲାଗି ଆମେ ଦୁଇ ପ୍ରକାର ମଡେଲ ଉପଯୋଗ କରିପାରିବା। ସୁସ୍ଥ ବ୍ୟବହାର ଓ ରକ୍ତ ପରୀକ୍ଷଣ ଓ ପରବର୍ତ୍ତୀ ସମୟରେ ରକ୍ତରେ ରୋଗ ନିର୍ଣ୍ଣୟ ହେଲେ ଏହାର ନିଶ୍ଚିତୀକରଣ ଓ ଲଗାତର ବ୍ୟାଘାତବିହୀନ ଚିକିତ୍ସା ହେଉଛି ଏଡ୍ସ ସମୂଳ ବିନାଶର ମୂଳଭିତ୍ତି। ଏହାଦ୍ୱାରା ଆମେ ୨୦୩୦ ମସିହା ସୁଦ୍ଧା ଏକ ଏଡ୍ସମୁକ୍ତ ବିଶ୍ୱର କଳ୍ପନା କରିପାରିବା।


ଅତ୍ୟନ୍ତ ଆନନ୍ଦର କଥା ଯେ, ଜାତୀୟ ଏଡ୍ସ ନିୟନ୍ତ୍ରଣ ସଂସ୍ଥା (NACO) ଅବଦାନରେ ଆମ ରାଜ୍ୟରେ ଓସାକ୍ସ(OSACS) ଅର୍ଥାତ୍ ଓଡ଼ିଶା ରାଜ୍ୟ ଏଡ୍ସ ନିୟନ୍ତ୍ରଣ ସମିତି ଅନେକ ବର୍ଷ ଧରି ଏହି ରୋଗ ନିୟନ୍ତ୍ରଣ ଓ ଚିକିତ୍ସା ତଥା ସାମାଜିକ ସଚେତନତା ଉପରେ କାର୍ଯ୍ୟ କରିଆସୁଅଛି। ଏବେ ଏହାର ପ୍ରକଳ୍ପ ନିର୍ଦ୍ଦେଶକ ଡାକ୍ତରମାନେ ରହୁଛନ୍ତି (ସ୍ୱତନ୍ତ୍ର ଶାସନ ସଚିବ ସ୍ତରର) ଏବଂ ଏହି କାର୍ଯ୍ୟକ୍ରମକୁ ଆଗେଇ ନେଉଛନ୍ତି। ପ୍ରଶାସକମାନଙ୍କ ସହିତ ଡାକ୍ତରମାନଙ୍କର ଏଥିରେ ଅଧିକ ଭୂମିକା ଥିବାରୁ ସରକାର ଏପରି ପଦକ୍ଷେପ ନେଇଛନ୍ତି। ପ୍ରଥମରୁ ଏହା ଏଡ୍ସ ନିୟନ୍ତ୍ରଣ ସେଲ୍ ରୂପେ କାର୍ଯ୍ୟାରମ୍ଭ କରିଥିଲା।

ଜଣକୁ ଏଡ୍ସ ହେଲେ ତାକୁ ସହଜରେ ଟିବି ବା ଯକ୍ଷ୍ମା ହୋଇଥାଏ ଏବଂ ଏଥିପାଇଁ 'ରାଜ୍ୟ ଟିବି ସେଲ୍' ଜଣେ ଅତିରିକ୍ତ ନିର୍ଦ୍ଦେଶକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରେ କାର୍ଯ୍ୟ କରୁଛି। ମାତ୍ର ଓସାକ୍ସ ଓ ଟିବି ସେଲ୍‌କୁ ମିଶାଇ ଗୋଟିଏ ସ୍ୱୟଂ ସମ୍ପୂର୍ଣ୍ଣ ନିର୍ଦ୍ଦେଶାଳୟ 'ଟିବି ଆଣ୍ଡ ଏଚଆଇଭି/ଏଡ୍ସ ଡିରେକ୍ଟୋରେଟ' କରାଗଲେ ଏହି କାର୍ଯ୍ୟଦ୍ୱୟ ସୁରୁଖୁରୁରେ ଓ ବିନାବାଧାରେ ଚାଲିପାରନ୍ତା। ରୋଗୀ ଓ କର୍ମଚାରୀମାନେ ଗୋଟିଏ ସ୍ଥାନରେ ପରୀକ୍ଷା, ରୋଗ ଚିହ୍ନଟ, ଚିକିତ୍ସା ଓ ପରବର୍ତ୍ତୀ ଯତ୍ନ ନେଇପାରନ୍ତେ ଓ ଏହା ସାରା ଦେଶରେ ତଥା ପ୍ରଥମ ଥର ପାଇଁ ଆମ ରାଜ୍ୟରେ ହୋଇପାରନ୍ତା। ଏ ବିଷୟରେ ସରକାରୀ ସ୍ତରରେ ପଦକ୍ଷେପ ନେବା ଜରୁରୀ ହୋଇପଡ଼ିଛି।

ଜନସାଧାରଣ, ରୋଗୀ, ସ୍ୱାସ୍ଥ୍ୟକର୍ମୀ, ପରାମର୍ଶଦାତା, ଡାକ୍ତର ଓ ସ୍ୱାସ୍ଥ୍ୟ ପ୍ରଶାସକ ତଥା ପ୍ରଶାସକ ଏବଂ ରାଜ୍ୟ ସରକାରଙ୍କ ଉଦ୍ୟମ, କାର୍ଯ୍ୟ ଓ ପ୍ରତିବଦ୍ଧତା ଦ୍ୱାରା ଏଡ୍ସକୁ ସମୂଳ ବିନାଶ କରାଯାଇପାରିବ ଏଥିରେ ସନ୍ଦେହ ନାହିଁ।

–ପୂର୍ବତନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ଓ ପ୍ରକଳ୍ପ ନିର୍ଦ୍ଦେଶକ, ଓସାକ୍ସ, ଓଡ଼ିଶା
ମୋ : ୮୨୪୯୦୮୭୯୯୫

## ଅତ୍ୟଧିକ ମୃଦୁ ପାନୀୟ ଓ ମସ୍ତିଷ୍କର କାର୍ଯ୍ୟଧାରା



ମୃଦୁପାନୀୟ ପିଇବା ଅନେକଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ତେବେ ଏହାକୁ ସବୁବେଳେ ପିଇଲେ ତାହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ଏ ବିଷୟରେ ଟୋକିଓ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ନୂଆ କଥା ଜାଣିବାକୁ ପାଇଛନ୍ତି। ଆବଶ୍ୟକତାଠାରୁ ଅଧିକ ମୃଦୁପାନୀୟ ପିଇଲେ ତାହା ମସ୍ତିଷ୍କର କାର୍ଯ୍ୟଧାରାକୁ ପ୍ରଭାବିତ କରିବାର ଆଶଙ୍କା ରହିଛି। ଏଭଳି ଅଭ୍ୟାସ ସହ ଜଡ଼ିତ କେତେକ ବ୍ୟକ୍ତିଙ୍କ ମସ୍ତିଷ୍କ ଏହାଦ୍ୱାରା କିଭଳି ପ୍ରଭାବିତ ହେଉଛି ତାହାକୁ ବିଶେଷଜ୍ଞମାନେ ତର୍ଜମା କରି ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ମେଦବହୁଳତା ବୃଦ୍ଧି କରିବାର ଏହା ଅନ୍ୟତମ କାରଣ ସାଜିଥାଏ। ଏପରି କି ଅତ୍ୟଧିକ ମୃଦୁ ପାନୀୟ ପିଇଲେ ତାହାର ପ୍ରଭାବ ହାର୍ଟ ଉପରେ ପଡିବାର ମଧ୍ୟ ଆଶଙ୍କା ରହିଛି। ଏହାଦ୍ୱାରା ଦାନ୍ତଜନିତ ସମସ୍ୟା ଦେଖାଯାଇପାରେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏଭଳି ଅଭ୍ୟାସ ପାଚନ କ୍ରିୟାକୁ ପ୍ରଭାବିତ କରିପାରେ। ପୁଣି ଏହି ବିଶ୍ୱବିଦ୍ୟାଳୟର ବିଶେଷଜ୍ଞଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଅତ୍ୟଧିକ ମୃଦୁପାନୀୟ ପିଇଲେ ଭବିଷ୍ୟତରେ ଆଣ୍ଠୁଗଣ୍ଠି ସମସ୍ୟା ଦେଖାଯିବାର ଆଶଙ୍କା ରହିଛି।

## ସକାରାତ୍ମକ ଚିନ୍ତାଧାରା ଅନ୍ତରାଳେ...



ନିଜର ଚିନ୍ତାଧାରାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିବ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ଚିନ୍ତାଧାରାକୁ କେତେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ଚିନ୍ତାଧାରା ଏବଂ ଯୋଗ' ବିଷୟକୁ ନେଇ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ଚିନ୍ତାଧାରା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।

## ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ଜୀବନ



ଶରୀର ପୋଷଣ ପାଇଁ ଖାଦ୍ୟ ଆବଶ୍ୟକ। ଖାଦ୍ୟ ମଧ୍ୟ ସାତ୍ତ୍ୱିକ ହେବା ଉଚିତ। ଖାଦ୍ୟର ମାନ, ମାତ୍ରା ଓ ସମୟ ମଧ୍ୟ ଠିକ୍ ନିର୍ଦ୍ଧାରଣ ହେବା ଉଚିତ। ଆହାର ଗ୍ରହଣ ପୂର୍ବରୁ ଭଗବାନଙ୍କୁ ଅର୍ପଣ କଲେ ଭଲ। ଖାଇବା ସମୟରେ କଥାବାର୍ତ୍ତା କରନ୍ତୁ ନାହିଁ ଏବଂ ଶାନ୍ତ ମନରେ ଭୋଜନ କରନ୍ତୁ। ଖାଇବା ପରେ ପରେ କୋଲ୍ଡ ଡ୍ରିଙ୍କ୍ସ ପିଅନ୍ତୁ ନାହିଁ କିମ୍ବା ଆଇସକ୍ରିମ ଖାଆନ୍ତୁ ନାହିଁ। ଖାଇବାର ଠିକ୍ ପୂର୍ବରୁ ଏବଂ ପରେ ପାଣି ପିଅନ୍ତୁ ନାହିଁ। ଏହାର ଅଧ ଘଣ୍ଟାଏ ପରେ ପାଣି ପିଅନ୍ତୁ। ବାରମ୍ବାର ଖାଇବା, ଅତ୍ୟଧିକ ପରିମାଣରେ ଖାଇବା, ତେଲ, ମାଛ, ମାଂସ ଓ ଅଣ୍ଡାଦି ଗରିଷ୍ଠ ଭୋଜନ ନିୟମିତ ବା ଅତ୍ୟଧିକ ସେବନ ଶରୀର ପାଇଁ କ୍ଷତିକାରକ। ଖାଦ୍ୟ ଖାଇବା ପରେ ତା'ର ପରିପାକ କ୍ରିୟା ସୁଚାରୁ ରୂପେ ହେବା ଆବଶ୍ୟକ। ଯଦି ଏହାର ପରିପାକ ଠିକ୍ ରୂପେ ନ ହୁଏ, ତେବେ ଏହାକୁ ଅପକ୍ୱ ଖାଦ୍ୟ କୁହାଯାଏ। ଏହାଦ୍ୱାରା ଖାଦ୍ୟ ପେଟରେ ଶଢ଼େ ଏବଂ ଟକ୍ସିକ୍ ବା ବିଷ ସୃଷ୍ଟି ହୋଇଥାଏ। ଏହାଦ୍ୱାରା ପ୍ରଥମେ ଗ୍ୟାସ୍ ତା'ପରେ ଏସିଡିଟି (ଅମ୍ଳ), ଅଲ୍‌ସର, ନାଳଖାଡ଼ା, ଆଣ୍ଠୁଗଣ୍ଠିବାତ, କୋଲେଷ୍ଟ୍ରଲ୍ ବଢ଼ିବା, ହୃଦ୍‌ରୋଗ, ଉଚ୍ଚ ରକ୍ତଚାପ, ମଧୁମେହ ଆଦି ରୋଗ ଆମ ଶରୀରରେ ସୃଷ୍ଟି ହୋଇଥାଏ।

## ଟାଇପ୍-୧ ଡାଇବେଟିସ୍ ଆଶଙ୍କା ବଢ଼ାଏ ଇନ୍‌ଫେକ୍‌ଶନ



ଆମ ଶରୀରରେ ଇନଫେକ୍‌ଶନ ହେଲେ ସେଥିରୁ କିପରି ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କରିବା ସେ ନେଇ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଚିକିତ୍ସିତ ହେବା ନିହାତି ଦରକାର। ନ ହେଲେ ତାହା ପରବର୍ତ୍ତୀ ସମୟରେ ଆଉ କେତେକ ରୋଗକୁ ପରୋକ୍ଷରେ ଆମନ୍ତ୍ରଣ କରିଥାଏ। ନିକଟରେ ଏକ ସର୍ଭେରୁ ଜଣାପଡ଼ିଛି ଯେ ଯଦି ଜଣଙ୍କ ଶରୀରରେ ଇନ୍‌ଫେକ୍‌ଶନ ଅଧିକ ଦିନ ଲାଗି ରହେ, ତେବେ ତାହା ଟାଇପ–୧ ଡାଇବେଟିସ୍‌ର କାରଣ ସାଜିବାର ଆଶଙ୍କା ରହିଛି। ସିଓଲ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏହା ଉପରେ ଏକ ସର୍ଭେ କରି ଏକଥା ଜାଣିପାରିଛନ୍ତି। ଦୀର୍ଘ ଦିନ ଧରି ଇନ୍‌ଫେକ୍‌ଶନ ସହ ଜଡିତ କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ପରିଶେଷରେ ଏମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତ ବ୍ୟକ୍ତିଙ୍କଠାରେ ଟାଇପ–୧ ଡାଇବେଟିସ୍‌ର ଲକ୍ଷଣ ଦେଖିବାକୁ ମିଳିଥିଲା। ଏଥିପାଇଁ ଦୀର୍ଘଦିନ ଧରି ଲାଗି ରହିଥିବା ଇନଫେକ୍‌ଶନ ଦାୟୀ ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତେବେ ଇନ୍‌ଫେକ୍‌ଶନଜନିତ କୌଣସି ଲକ୍ଷଣ ଦେଖାଦେଲେ ତାହାର ତୁରନ୍ତ ଚିକିତ୍ସା କରାଇ ନେବାକୁ ଉକ୍ତ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି।

## ଜାଣିରଖନ୍ତୁ

ରକ୍ତଦାନ ଦ୍ୱାରା ଆମେ ଜଣେ ବ୍ୟକ୍ତିଙ୍କର ଜୀବନ ବଞ୍ଚାଇବାରେ ଅନେକାଂଶରେ ସହାୟତା କରିପାରିବା–ଏକଥା ସମସ୍ତେ ହୃଦୟଙ୍ଗମ କରିବା ଦରକାର। ବିଶ୍ୱରେ କୋଟି କୋଟି ରକ୍ତଦାତା ଅଛନ୍ତି। ସେମାନେ ନିଜ ପଟରୁ ଏଭଳି ମହତ କାମ ପାଇଁ ହାତ ବଢ଼ାଇ ଥାଆନ୍ତି। ସେମାନଙ୍କ ଏଭଳି ମହତ କାମକୁ ଆମେ ଅନୁସରଣ କରିବା ଦରକାର। ରକ୍ତଦାନ କରିବା ପୂର୍ବରୁ ସଂପୃକ୍ତ ବ୍ୟକ୍ତିଙ୍କର ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଦରକାର। ତେଣୁ ପୂର୍ବଦିନ ପ୍ରଚୁର ପାଣି ପିଅନ୍ତୁ। ରକ୍ତଦାନକୁ ନେଇ ମନରେ କୌଣସି ଆଶଙ୍କା ଥିଲେ ଅଭିଜ୍ଞ ରକ୍ତରୋଗ ବିଶେଷଜ୍ଞଙ୍କ ସହ ଆଲୋଚନା କରନ୍ତୁ। କାରଣ ଏହାପୂର୍ବରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନଗୁଡ଼ିକର ସମାଧାନ ହୋଇଯିବା ଆବଶ୍ୟକ। ରକ୍ତଦାନ କରୁଥିବା ମନରେ ମନକୁ ହାଲୁକା ରଖନ୍ତୁ। ଆପଣ ଯଦି କୌଣସି ରୋଗରେ ଆକ୍ରାନ୍ତ ତେବେ ରକ୍ତଦାନ କରିବା କେତେ ସମୀଚୀନ ତାହା ବୁଝିନିଅନ୍ତୁ। ରକ୍ତଦାନ ପୂର୍ବରୁ ରକ୍ତଦାନ କେନ୍ଦ୍ରରେ ନିଜ ସମ୍ପର୍କିତ ସମସ୍ତ ସୂଚନାଗୁଡ଼ିକୁ ପଞ୍ଜୀକରଣ କରିବାକୁ ଭୁଲନ୍ତୁ ନାହିଁ।

## ସ୍ୱାସ୍ଥ୍ୟ ସୂଚନା

➤ଯଦି ଆପଣ ଦୀର୍ଘକାଳୀନ ରୋଗରେ ପୀଡ଼ିତ ତେବେ ନିର୍ଦ୍ଦିଷ୍ଟ ସମୟ ବ୍ୟବଧାନରେ ଶରୀର ଚେକ୍‌ଅପ୍ କରାଇ ନିଅନ୍ତୁ। ବେଳେବେଳେ ଏଭଳି ସମସ୍ୟାରୁ ଉପଶମ ଲାଭ କରିବାକୁ ଡାକ୍ତର ହୁଏତ ଔଷଧ ପରିବର୍ତ୍ତନ କରିପାରନ୍ତି।


➤ଯଦି ଆପଣ ଅସୁସ୍ଥ ଅନୁଭବ କରୁଛନ୍ତି ତେବେ ସୁସ୍ଥ ନ ହେବା ଯାଏ ବ୍ୟାୟାମରୁ ବିରତ ନିଅନ୍ତୁ। ଅସୁସ୍ଥତା ଭିତରେ ବ୍ୟାୟାମ କଲେ ତାହାର ଖରାପ ପ୍ରଭାବ ଶରୀର ଉପରେ ପଡ଼ିଥାଏ।

➤ବିଶେଷଭାବରେ ବ୍ଲଡପ୍ରେସର ଏବଂ ଡାଇବେଟିସ୍‌କୁ ହାଲୁକା ଭାବରେ ନିଅନ୍ତୁ ନାହିଁ। କାରଣ ଏହି ଦୁଇଟି ସମସ୍ୟା ନୀରବ ଘାତକ ଭାବରେ କାମ କରେ। ବାହାରକୁ ଜଣା ନ ପଡିଲେ ମଧ୍ୟ ତାହାର ଖରାପ ପ୍ରଭାବ ଶରୀର ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇଥାଏ।

➤ରକ୍ତହୀନତା ଭୋଗୁଥିବା ରୋଗୀମାନଙ୍କ ପାଇଁ ମହୁ ବେଶ୍ ହିତକର। ଏହାକୁ ସେମାନେ ପ୍ରତିଦିନ ନିଜ ଦୈନନ୍ଦିନ ଖାଦ୍ୟରେ ଖାଇପାରିବେ।

➤ଘରେ ଫାଷ୍ଟ–ଏଡ୍ ବକ୍ସ ଥିଲେ ତାହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିଲା ମାତ୍ରେ ସଙ୍ଗେ ସଙ୍ଗେ ପାଇଯିବେ। ତା'ସହ ଏହା ଭିତରେ ଥିବା ଜିନିଷଗୁଡିକୁ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ।

➤ନିଜର ସ୍ୱାସ୍ଥ୍ୟ ସମସ୍ୟାକୁ ନେଇ ବିଚଳିତ ହୁଅନ୍ତୁ ନାହିଁ। ଏହାର ଲକ୍ଷଣ ଜାଣିବା ମାତ୍ରେ ହିଁ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହୁଅନ୍ତୁ।



## ମାନସିକ ରୋଗ: କିଛି କଥା

ମାନସିକ ରୋଗଗୁଡ଼ିକ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ଅନେକ ଭୁଲ୍ ଧାରଣା ରହିଛି। ଲୋକମାନେ ଭାବନ୍ତି ମାନସିକ ରୋଗର ଚିକିତ୍ସା ସମ୍ଭବ ନୁହେଁ ଏବଂ ଏହା କେବେ ଭଲ ହୋଇପାରିବ ନାହିଁ। ଔଷଧ ସାରା ଜୀବନ ଖାଇବାକୁ ପଡ଼େ ଏବଂ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ଉପରେ ଖରାପ ପ୍ରଭାବ ପଡ଼ିଥାଏ। ମାତ୍ର ଏ ସବୁ ଭୁଲ୍ ଧାରଣା। ସମସ୍ତ ମାନସିକ ରୋଗର ଚିକିତ୍ସା ସମ୍ପୂର୍ଣ୍ଣ ସମ୍ଭବ। ଏଥି ନିମନ୍ତେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶକରି ଚିକିତ୍ସା କରିବା ଜରୁରୀ। କେତେକ ନିର୍ଦ୍ଦିଷ୍ଟ ମାନସିକ ରୋଗ ଛଡ଼ା ଅନ୍ୟ କୌଣସି ରୋଗରେ ସାରା ଜୀବନ ଔଷଧ ଖାଇବାକୁ ପଡ଼େ ନାହିଁ। ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡ଼ିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ଲୋକ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ଆମ ସମାଜରେ ପ୍ରଚଳିତ ଅନ୍ଧବିଶ୍ୱାସ ଯୋଗୁ ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରାଯାଇଥାଏ। ଏସବୁ ଦ୍ୱାରା ରୋଗର ପ୍ରକୋପ ବଢ଼େ ଓ ଡେରିରେ ଚିକିତ୍ସା ଆରମ୍ଭ କଲେ ବେଶି ଦିନ ଔଷଧ ସେବନ କରିବାକୁ ପଡ଼ିଥାଏ କୋର୍ସ ଅନୁସାରେ ଔଷଧ ଖାଇଲେ ଆଉ ରୋଗର ଲକ୍ଷଣ ଦେଖାଯାଇ ନ ଥାଏ। ରୋଗର ତୀବ୍ରତା କମିଲେ ଔଷଧଗୁଡ଼ିକର ମାତ୍ରା ମଧ୍ୟ ଧୀରେ ଧୀରେ କମାଇ ଦିଆଯାଏ। ମାନସିକ ରୋଗ ବିଶେଷଜ୍ଞଙ୍କ ବିନା ପରାମର୍ଶରେ ଔଷଧ ବନ୍ଦ କରିଦେଲେ ରୋଗ ପୁନର୍ବାର ଦେଖାଯିବା ଆଶଙ୍କା ରହିଥାଏ। ବର୍ତ୍ତମାନର ଆଧୁନିକ ଚିକିତ୍ସା ଯୁଗରେ ମାନସିକ ରୋଗଗୁଡ଼ିକର ଚିକିତ୍ସା ପାଇଁ ବ୍ୟବହାର କରାଯାଉଥିବା ଔଷଧଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ସୁରକ୍ଷିତ ଓ ଏଗୁଡ଼ିକର କୌଣସି ବଡ଼ ପାର୍ଶ୍ୱ ପ୍ରତିକ୍ରିୟା ନାହିଁ। ଆମ ସମାଜରେ ଲୋକମାନଙ୍କ ମଧ୍ୟରେ ଧାରଣା ଅଛି ଯେ ବିବାହ ଦ୍ୱାରା ବିଭିନ୍ନ ମାନସିକ ରୋଗ ଠିକ୍ ହୋଇଯାଏ। ମାତ୍ର ଏହି ଧାରଣା ସମ୍ପୂର୍ଣ୍ଣ ଭୁଲ୍। ବିବାହ ପୂର୍ବରୁ ରୋଗର ଅବସ୍ଥା ତଥା ଔଷଧ ପ୍ରକ୍ରିୟା ସମ୍ପର୍କରେ ରୋଗୀ ଓ ତା'ର ଜୀବନସାଥୀ ଡାକ୍ତରଙ୍କଠାରୁ ପରାମର୍ଶ ନେବା ଉଚିତ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ପ୍ରିଶା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଆଜିଠୁ ଅନ୍‌ଲାଇନ ଟିକେଟ ବିକ୍ରି

**କଟକ,୩୦।୧୧(ଶିଳ୍ପା ପ୍ରିୟଦର୍ଶିନୀ)**

ଆସନ୍ତା ୯ ତାରିଖରେ ବାରବାଟୀ ଷ୍ଟାଡିୟମରେ ଭାରତ-ଦକ୍ଷିଣ ଆଫ୍ରିକା ମଧ୍ୟରେ ଟି-୨୦ କ୍ରିକେଟ ସିରିଜର ପ୍ରଥମ ମ୍ୟାଚ୍ ଖେଳାଯିବ।

ଏହି ମ୍ୟାଚ୍ ପାଇଁ ସୋମବାରଠାରୁ ପ୍ରଥମ ପର୍ଯ୍ୟାୟରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଅପରାହ୍ନ ୨ଟାରୁ ଅନ୍‌ଲାଇନ୍ ଟିକେଟ ବୁକିଂ ଆରମ୍ଭ ହେବ। ଡିଷ୍ଟ୍ରିକ୍ଟ ବାଏ ଜୋମାଟୋ ଆପ୍ଲିକେଶନ ଏବଂ ୱେବ୍‌ସାଇଟ୍‌ରେ ଟିକେଟ ବୁକ୍ କରିପାରିବେ। ମାତ୍ର ୨ହଜାର ଟିକେଟ୍ ଅନ୍‌ଲାଇନରେ ଉପଲବ୍ଧ ହେବ ବୋଲି ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)ର ସମ୍ପାଦକ ସଞ୍ଜୟ ବେହେରା ରବିବାର ଏଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।

ଓସିଏ ସମ୍ପାଦକ ବେହେରା ଅଧିକ ସୂଚନା ଦେଇ କହିଛନ୍ତି ଯେ, ଅନ୍‌ଲାଇନ ଟିକେଟ କିଣିଥିବା ବ୍ୟକ୍ତିମାନେ ଡିସେମ୍ବର ୮ ଓ ୯ ତାରିଖରେ କେମ୍ବ୍ରିଜ ସ୍କୁଲରେ ସ୍ୱତନ୍ତ୍ର କାଉଣ୍ଟରରୁ ଟିକେଟ୍‌ର ହାର୍ଡକପି ସଂଗ୍ରହ କରିପାରିବେ। ତେବେ ଗ୍ୟାଲେରୀ ନଂ-୨, ୪, ୭ ସହିତ ନ୍ୟୁ ପ୍ୟାଭିଲିୟନ, ସ୍ପେଶାଲ ଏନ୍‌କ୍ଲୋଜର ଏବଂ ଏସି ଗ୍ୟାଲେରି ବକ୍ସର ଟିକେଟ କେବଳ ଅନ୍‌ଲାଇନରେ ବୁକିଂ ହୋଇପାରିବ। ଜଣେ ବ୍ୟକ୍ତି ୨ଟି ଟିକେଟ ଅନ୍‌ଲାଇନରେ କିଣିପାରିବେ। ଡିସେମ୍ବର ୩ ଓ ୪ ତାରିଖରେ ଓସିଏ ସହ ଅନୁବନ୍ଧିତ ୟୁନିଟ୍‌ଗୁଡ଼ିକୁ ଟିକେଟ ବିକ୍ରି କରାଯିବ। ମୋଟ୍ ୪୨ହଜାର ଟିକେଟ ମଧ୍ୟରୁ ୧୧ ହଜାର ଟିକେଟ ଅନୁବନ୍ଧିତ ୟୁନିଟ କିଣିବେ। ଏଥିସହ ୧୦ ହଜାର ଟିକେଟ କାଉଣ୍ଟରକୁ ପଠାଯିବ ଏବଂ ଡିସେମ୍ବର ୫ରେ ବାରବାଟୀ ଷ୍ଟାଡିୟମ ନିକଟରେ ଟିକେଟ କାଉଣ୍ଟର ଖୋଲାଯିବ। ମ୍ୟାଚ୍ ନିମନ୍ତେ ମୋଟ୍ ୫୦ କୋଟି ଟଙ୍କାର ବୀମା ହୋଇଛି। ଏକଦିବସୀୟ ସିରିଜ୍ ଶେଷ ହେବା ପରେ ଡିସେମ୍ବର ୭ରେ ଉଭୟ ଭାରତ ଏବଂ ଦକ୍ଷିଣଆଫ୍ରିକା ଦଳ ଭୁବନେଶ୍ୱରରେ ପହଞ୍ଚିବେ। ୮ତାରିଖରେ ଉଭୟ ଦଳ ଅଭ୍ୟାସ ପାଇଁ କଟକ ବାରବାଟୀ ଷ୍ଟାଡିୟମକୁ ଆସିବେ। ଦିନରେ ଭାରତ ଓ ସନ୍ଧ୍ୟା ସମୟରେ ଦକ୍ଷିଣଆଫ୍ରିକା ଖେଳାଳିମାନେ ଅଭ୍ୟାସ କରିବେ। ଖେଳାଳିମାନଙ୍କ ଏହି ଅଭ୍ୟାସ ଦେଖିବା ନିମନ୍ତେ ଦର୍ଶକଙ୍କ ପାଇଁ ଗ୍ୟାଲେରୀ ନଂ. ୬ ଓ ୭ର ଫାଟକ ଖୋଲାଯିବ। ଆବଶ୍ୟକ ପଡ଼ିଲେ ଗ୍ୟାଲେରି ନଂ. ୧ ଓ ୨ ମଧ୍ୟ ଖୋଲାଯିବାକୁ ଯୋଜନା କରାଯାଇଛି ବୋଲି ବେହେରା ପ୍ରକାଶ କରିଛନ୍ତି। ଖବରଦାତା ସମ୍ମିଳନୀରେ ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି, କୋଷାଧ୍ୟକ୍ଷ ବିକାଶ ପ୍ରଧାନ ଏବଂ ସିଇଓ ସୁବ୍ରତ ବେହେରା ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଆଉ ମାତ୍ର ୮ ଦିନ ପରେ ବାରବାଟୀ ଷ୍ଟାଡିୟମରେ ୪ର୍ଥ ଥର ଟି-୨୦ ମ୍ୟାଚ୍ ଖେଳାଯିବ। ଭାରତ ଗସ୍ତରେ ଆସିଥିବା ଦକ୍ଷିଣଆଫ୍ରିକା ଦଳ ଟି-୨୦ ସିରିଜ୍‌ର ପ୍ରଥମ ମ୍ୟାଚ୍ ଏଠାରେ ଖେଳିବ।



ଖବରଦାତା ସମ୍ମିଳନୀରେ ଓସିଏ ସମ୍ପାଦକ ସଞ୍ଜୟ ବେହେରା ଟିକେଟ୍ ସମ୍ପର୍କରେ ସୂଚନା ଦେଉଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)

### ବାରବାଟୀରେ ଟି-୨୦ ମ୍ୟାଚ୍ ପ୍ରସ୍ତୁତି

**ଟିକେଟ ମୂଲ୍ୟ**

ଗ୍ୟାଲେରି ନଂ ୧ ଓ ୩- ୧୧୦୦ ଟଙ୍କା
ଗ୍ୟାଲେରି ନଂ ୨ ଓ ୪- ୯୦୦ ଟଙ୍କା
ଗ୍ୟାଲେରି ନଂ ୫- ୧୨୦୦ ଟଙ୍କା
ଗ୍ୟାଲେରି ନଂ ୭- ୭୦୦ ଟଙ୍କା
ସ୍ପେଶାଲ ଏନ୍‌କ୍ଲୋଜର- ୬୦୦୦ ଟଙ୍କା
ଏସି ବକ୍ସ- ୮୦୦୦ ଟଙ୍କା
ନ୍ୟୁ ପାଭିଲିୟନ- ୧୦,୦୦୦ ଟଙ୍କା
କର୍ପୋରେଟ ବକ୍ସ- ୨୦,୦୦୦ ଟଙ୍କା

# ସମ୍ମାନିତ ହେବେ ୧୬ ଆଇକନ୍


ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

### ଡିସେମ୍ବର ୬ରେ ଏସ୍‌ଏସ୍‌ଆଇ କ୍ରୀଡ଼ା ପୁରସ୍କାର

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ)**

ସ୍ପୋର୍ଟ୍ସ ସାଇନ୍ସ ଇଣ୍ଡିଆ (ଏସ୍‌ଏସ୍‌ଆଇ)ର ପୁରସ୍କାର ବିତରଣ ଉତ୍ସବ ଓ ସ୍ପୋର୍ଟ୍ସ ସାଇନ୍ସ କନ୍‌କ୍ଲେଭ ଡିସେମ୍ବର ୬ ଓ ୭ ତାରିଖରେ ଏଠାରେ ଅନୁଷ୍ଠିତ ହେବ। ସାର୍ଥକ ପଟ୍ଟନାୟକ ଓ ସୌମ୍ୟ ପଟ୍ଟନାୟକଙ୍କ ଦ୍ୱାରା ସ୍ଥାପିତ ଏସ୍‌ଏସ୍‌ଆଇର ପୁରସ୍କାର ବିତରଣୀ ଉତ୍ସବରେ ଏଥର ଭାରତର ୧୬ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ସମ୍ମାନିତ ହେବେ। ଯେଉଁମାନଙ୍କ ମଧ୍ୟରୁ ଅନେକେ ଅର୍ଜୁନ ଓ ଦ୍ରୋଣାଚାର୍ଯ୍ୟ ପୁରସ୍କାର ଲାଭ କରିସାରିଛନ୍ତି। ସମ୍ମାନିତ ହେବାକୁ ଥିବା ପ୍ରମୁଖ କ୍ରୀଡ଼ା ବ୍ୟକ୍ତିତ୍ୱଙ୍କ ମଧ୍ୟରେ ଭାରତୀୟ ଆଇସ୍ ହକି ଟିମ୍, ବ୍ୟାଡ୍‌ମିଣ୍ଟନ ପ୍ରତିଭା ଆୟୁଷ ଶେଟ୍ଟି, ଆଇକନିକ୍ ସଟ୍-ପୁଟର୍, ଟ୍ରିପଲ ଅଲିମ୍ପିଆନ୍, ଦ୍ରୋଣାଚାର୍ଯ୍ୟ ପୁରସ୍କାର ବିଜେତା ଶକ୍ତି ସିଂ, ଅଲିମ୍ପିଆନ୍ ସନ୍ତରଣକାରୀ ଏବଂ ଏକାଧିକ ଜାତୀୟ ରେକର୍ଡଧାରୀ ସଜନ ପ୍ରକାଶ, ଭାରତର ଚର୍ଚ୍ଚିତ ଟେବୁଲ ଟେନିସ୍ ତାରକା ଅଚନ୍ତ ଶରଥ କମଲ ଏବଂ ଜାତୀୟ ରେକର୍ଡଧାରୀ ହର୍ଡଲର ତଥା ଭାରତର ଅନ୍ୟତମ ଦ୍ରୁତତମ ଉଦୀୟମାନ ଟ୍ରାକ୍ ତାରକା ଜ୍ୟୋତି ୟାରାଜୀ ଅନ୍ତର୍ଭୁକ୍ତ ବୋଲି ରବିବାରଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସାର୍ଥକ ପଟ୍ଟନାୟକ ପ୍ରକାଶ କରିଛନ୍ତି। ବିଭିନ୍ନ ଇଭେଣ୍ଟ ପାଇଁ କ୍ରୀଡ଼ାବିତ୍‌ଙ୍କୁ କର୍ଣ୍ଣ ପୁରସ୍କାର, ମିଲ୍‌ଖା ସିଂ ସ୍ପ୍ରିଣ୍ଟ ଆୱାର୍ଡ ଏବଂ ଦିଲୀପ ତିର୍କୀ ଓ ଶକ୍ତି ସିଂଙ୍କ ନାମରେ ନାମିତ ପୁରସ୍କାର ଯଥାକ୍ରମେ ହକି ଓ ଥ୍ରୋଇଂ ଇଭେଣ୍ଟରେ କ୍ରୀଡ଼ା ବ୍ୟକ୍ତିତ୍ୱମାନଙ୍କୁ ପ୍ରଦାନ କରାଯିବ। ଏଥିସହିତ ତୃଣମୂଳ ସ୍ତରର କାର୍ଯ୍ୟ, କୋଚିଂ କ୍ଷେତ୍ରରେ ଅବଦାନ, କ୍ରୀଡ଼ା ବିଜ୍ଞାନରେ ନବସୃଜନ ଏବଂ ଜୀବନବ୍ୟାପୀ ସେବା ଆଦିରେ ଅନେକ ସମ୍ମାନ ଏହି ଅବସରରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଅବସରରେ ଏସ୍‌ଏନ୍‌ଏମ୍ ଗ୍ରୁପ୍ ଏମ୍‌ଡି ପ୍ରବୋଧ ମହାନ୍ତି ଓ ଲିପିକା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଆଗାମୀ କାର୍ଯ୍ୟକ୍ରମର ଗୁରୁତ୍ୱ ସମ୍ପର୍କରେ ବର୍ଣ୍ଣନା କରିଥିଲେ।


**ଜନ୍ମଦିନ ଶୁଭେଚ୍ଛା**


ପି. ପ୍ରିଶା ବୈଠାରୁ
5th ସ୍ୱନକ୍ଷତ୍ର ଦିବସ
ଜନ୍ମଦିନ- 01.12.25
ଶୁଭେଚ୍ଛା ସହିତ:
ପି. କୃଷ୍ଣଚନ୍ଦ୍ର ବୈଠାରୁ ଓ ପରିବାରବର୍ଗ
ସମ୍ବଲପୁର


### ରାଜ୍ୟଗୋଷ୍ଠୀ କ୍ରୀଡ଼ା

# ଖର୍ଚ୍ଚ ହୋଇପାରେ ୩ରୁ ୫ ହଜାର କୋଟି

**ନୂଆଦିଲ୍ଲୀ,୩୦।୧୧(ପି.ଟି.):** ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଲାଗି ଖୁବ୍‌ଶୀଘ୍ର ଆୟୋଜକ କମିଟି ଗଠନ ହେବାକୁ ଯାଉଥିବା ବେଳେ ଏକ ରିପୋର୍ଟ ମୁତାବକ, ସମ୍ପୂର୍ଣ୍ଣ ଇଭେଣ୍ଟର ପରିଚାଳନା ଲାଗି ୩ରୁ ୫ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗୁଜରାଟ ୨୦୧୦ରେ ଦିଲ୍ଲୀଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନରୁ ଆବଶ୍ୟକୀୟ ଶିକ୍ଷା ନେଇଛି। ୨୦୧୦ ସଂସ୍କରଣ ଭିତ୍ତିଭୂମି ନିର୍ମାଣରେ ବିଳମ୍ବ, ଦୁର୍ନୀତି ଓ ପ୍ରାରମ୍ଭିକ ଆକଳନରୁ ଖୁବ ଅଧିକ ଖର୍ଚ୍ଚ ଭଳି ଅନେକ ବିବାଦ ଘେରି ହୋଇ ରହିଥିଲା। ଅହମଦାବାଦ ରାଜ୍ୟଗୋଷ୍ଠୀ ଲାଗି ପରିଚାଳନାଗତ ଖର୍ଚ୍ଚ ୩ରୁ ୫ ହଜାର କୋଟି ହେବ। ଏଥିରେ ଭିତ୍ତିଭୂମି ନିର୍ମାଣ ଲାଗି ହେବାକୁ ଥିବା ଖର୍ଚ୍ଚକୁ ସାମିଲ କରାଯାଇ ନାହିଁ, ଯାହାର କିଛି ଅଂଶ ସହର ବିକାଶ ବିଭାଗ ଅଧୀନରେ ରହିଛି। ୨୦୧୦ ସଂସ୍କରଣ ଲାଗି ୨,୬୦୦ କୋଟି ଟଙ୍କାର ପରିଚାଳନା ଗତ ଖର୍ଚ୍ଚ ହୋଇଥିଲା।

# ଡାଇମଣ୍ଡ ହାରବର କୋଲ୍‌କାତା ଚାମ୍ପିୟନ

**ଢେଙ୍କାନାଳ,୩୦।୧୧(ରତନ ନାୟାର)**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଏବଂ ଜିଲା ପ୍ରଶାସନର ସହାୟତାରେ ମୁଖ୍ୟ ଷ୍ଟାଡିୟମଠାରେ ଆୟୋଜିତ ହେଉଥିବା ୭ମ ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ପ୍ରତିଯୋଗିତା ରବିବାର ଉଦ୍‌ଯାପିତ ହୋଇଯାଇଛି । ଫାଇନାଲ ମ୍ୟାଚରେ ଡାଇମଣ୍ଡ ହାରବର କୋଲକତା, ଇନକମ୍‌ଟ୍ୟାକ୍ସ ଚେନ୍ନାଇକୁ ୭-୦ ଗୋଲରେ ପରାସ୍ତ କରି ଚଳିତବର୍ଷର ଚାମ୍ପିୟନ ହୋଇଛି । ଖେଳ ପ୍ରାରମ୍ଭରୁ ଡାଇମଣ୍ଡ ହାରବର କୋଲକତା ଦଳ ପ୍ରଭାବ ବିସ୍ତାର କରିଥିଲା । ଦଳ ପକ୍ଷରୁ ୬୭ନଂ ଖେଳାଳି ରାମୋଲିନ ଠାପୁଆ ସର୍ବାଧିକ ୩ଟି ଗୋଲ ପ୍ରଦାନ କରିଥିବା ବେଳେ ଅଧିନାୟକ ୨୨ନଂ ଖେଳାଳି ଜୋବି ଜଷ୍ଟିନ୍, ୯ନଂ ଖେଳାଳି କ୍ଲାଇଟନ୍ ସିଲଭେରା, ୧୦ନଂ ଖେଳାଳି ବ୍ରାଇଟ୍ ଏନ୍‌ବାକି ଓ ୭ନଂ ଖେଳାଳି ଆଂଟୋନିଓ ମୋୟନୋ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରିଥିଲେ । ଉଦ୍‌ଯାପନୀ ସମାରୋହରେ ବିକାଶ ଫାଉଣ୍ଡେଶନର ଅଧ୍ୟକ୍ଷା ମୃଦଲା ଠାକୁର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଡାଇମଣ୍ଡ ହାରବର ଦଳକୁ ଟ୍ରଫି ସହ ୨ଲକ୍ଷ ଟଙ୍କା ନଗଦ ଅର୍ଥରାଶି ପ୍ରଦାନ କରିଥିଲେ । ରନର୍ସଅପ୍ ଇନକମ୍‌ଟ୍ୟାକ୍ସ ଚେନ୍ନାଇ ଦଳକୁ ଟ୍ରଫି ସହ ୧ଲକ୍ଷ ନଗଦ ଅର୍ଥରାଶି ପୁରସ୍କାର ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଯୁବରାଜ ଅମରଜ୍ୟୋତି ସିଂହଦେଓ, ନୱା କର୍ପୋରେଟ୍ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ରାଜେଶ ଘୋଷ, ଜିଲା କ୍ରୀଡ଼ାସଂଘ ସମ୍ପାଦକ ନଳିନୀ କୁମାର ଦାସ, ଉପସଭାପତି ସଞ୍ଜୟ କୁମାର ଭଞ୍ଜ, ଜିଲା ଭାଜପା ସଭାପତି ରାସ ବିହାରୀ ବେହେରା, ପୂର୍ବତନ ନଗରପାଳ ସୁନୀଲ ଶର୍ମା ପ୍ରମୁଖ ଯୋଗ ଦେଇଥିଲେ । ଏହି ଖେଳକୁ ମନୋଜ କୁମାର ପଟ୍ଟନାୟକ, ଅଭିଜିତ ମିଶ୍ର, ବିଭୂତି ଭୂଷଣ ପଟ୍ଟନାୟକ, ବାବୁ ପାଢ଼ୀ, ସୁନୀଲ ପଣ୍ଡା, ସୁଶାନ୍ତ ଜେନା, ଅମୀୟ ଭୂଷଣ ସାହୁ, ସତ୍ୟ ରଞ୍ଜନ ଭୂୟାଁ, ରାଜେନ୍ଦ୍ର ପାଣି, ସରୋଜ କୁମାର ପାଢ଼ୀ, ସରୋଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିବା ବେଳେ ସୁଶାନ୍ତ ପାଣି ଓ ଈଶ୍ୱରୀ ଝାୱର ସଂଯୋଜନା କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟ ସମେତ ରାଜ୍ୟ ବାହାରୁ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ ।

### ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟ୍‌ବଲ ଉଦ୍‌ଯାପିତ



ଚାମ୍ପିୟନ ଡାଇମଣ୍ଡ ହାରବର ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।


# Classified Everyday
0674-2580101, 9692975378


REAL ESTATE
SALE

SISUPALGARH: PLOTS 600- 1800 SQFT. FOR IMMEDIATE SALE. BHUBANESWAR: 9776080988. D-76081


ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍, 25ft. road ପଟ୍ଟାରୁ ବିକ୍ରିହେବ। 9437754190. D- 2685




Two office spaces on the 3rd floor of 2000sqft and on the 2nd floor of 1100sqft at 5 Janpath, Unit-3, Kharavel Nagar behind Kalsi Petrol Pump, Bhubanesawar, Odisha. Contact: 6287103066. D-76877




All types of physiotherapy Contact number 9556924059/ 7656969134, Jharapada. D-2686


BUSINESS

Cardboard Box Making Machine (Traddle), Board Cutter, Stiching Machine, Sloting Machine, Creasing Machine, Sweet Box Making Machine. Contact- 9776635982. D-2711

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com

**AFFIDAVIT**

By virtue of an affidavit sworn before The Notary Public, Bhubaneswar dated 27.11.2025, I, RITIKA NATH, Address At- 124 163, Science Park Basti, Acharya Vihar, P.O.- Regional Research Laboratory, Bhubaneswar, Dist.- Khordha, Odisha-751013, declare that I have changed my name from RITWIK NATH to RITIKA NATH Henceforth, I shall be known as RITIKA NATH for all purposes.
Ritika Nath
D-2725

By virtue of an affidavit sworn before Executive Magistrate, KUCHINDA, on dated 26.11.2025, I, SWARNALATA NAIK, Address AT/ P.O.- Kholbilung, P.S.- Mahulpali, Dist.- Sambalpur, PIN- 768228 declare that I have changed my name from SWARNALATA NAYAK to SWARNALATA NAIK. Henceforth, I shall be known as SWARNALATA NAIK for all purposes.
SWARNALATA NAIK
D-2729

I, Anadi Charan Sahoo, S/o.- Biswanath Sahu, Village/P.O.- Jiral, P.S.- Kamakhyanagar, Dist.- Dhenkanal, Odisha declare that I have changed my name from ANADI CHARAN SAHU to ANADI CHARAN SAHOO, Dtd.- 20.11.2025 before Executive Magistrate, Dhenkanal. D-2726

By virtue of an affidavit sworn before Executive Magistrate, Erasama, Dtd.- 27. 11. 2025, I, Saroja Kumar Barik (new name), Address At/P.O.- Kunjakothi, P.S.- Erasama, District-Jagatsinghpur declare that I have changed my name from Saroj Barik (old name) to Saroja Kumar Barik (new name). Henceforth, I shall be known as Saroja Kumar Barik (new name) for all purposes.
Saroja Kumar Barik
D-2728

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**ମନେ ପଡ଼ନ୍ତି**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ଏକାଦଶାହ ଉପଲକ୍ଷେ

✓ ଶର୍ମିଷ୍ଠା ସାମନ୍ତରାୟ
ସ୍ୱାମୀ : ବରିଷ୍ଠ ଆଇନଜ୍ଞ ପରମାନନ୍ଦ ସାମନ୍ତରାୟ
ଏ/୨୫, ନାଗେଶ୍ୱର ଟାଙ୍ଗୀ, ଭୁବନେଶ୍ୱର
ଆବିର୍ଭାବ : ୦୩.୦୮.୧୯୪୮
ତିରୋଧାନ : ୨୧.୧୧.୨୦୨୫
"ଅହ୍ୟ ସୁଲକ୍ଷଣୀ ହୋଇ ଗ୍ଲଲିଗଲ
ହାତ ମୋର ଛାଡ଼ି ଦେଇ,
ଝୁରିବୁ ସମସ୍ତେ ସ୍ମୃତିକୁ ତୁମର
ସାରା ଜୀବନ ପାଇଁ ।
ଚିର ଶାନ୍ତି ଲଭୁ ଆତ୍ମା ତୁମର
ପ୍ରଭୁପାଦେ ଲୀନ ହୋଇ ।"
ତୁମର ହତଭାଗ୍ୟ ସ୍ୱାମୀ
ପରମାନନ୍ଦ ସାମନ୍ତରାୟ
ବନ୍ଧୁ ଓ ପରିବାରବର୍ଗ

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଭାରତ ରନରଅପ୍

**ଇପୋ(ମାଲେସିଆ),୩୦।୧୧**

ଏଠାରେ ଚାଲିଥିବା ସୁଲତାନ ଆଜଲାନ ଶାହା କପ୍ ହକି ଟୁର୍ନାମେଣ୍ଟରେ ଭାରତ ରନରଅପ୍ ଭାବେ ଅଭିଯାନ ଶେଷ କରିଛି। ରବିବାର ଅନୁଷ୍ଠିତ ଫାଇନାଲରେ ଭାରତ ୦-୧ ଗୋଲରେ ବେଲଜିୟମଠାରୁ ପରାସ୍ତ ହୋଇଛି। ବେଲଜିୟମର ଫରୱାର୍ଡ ଥିବେଉ ଷ୍ଟକବ୍ରୋଏକ୍ସ ମ୍ୟାଚ୍‌ର ୩୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ, ଯାହାକି ଶେଷରେ ମ୍ୟାଚ୍ ଜିତିବା ପାଇଁ ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମ୍ୟାଚ୍‌ରେ ଭାରତୀୟ ଦଳ ପେନାଲ୍ଟି କର୍ନର ଜରିଆରେ ୩ ସୁଯୋଗ ସୃଷ୍ଟି କରିଥିଲା, ହେଲେ କୌଣସି ଖେଳାଳି ତାହାକୁ ଗୋଲରେ କନଭର୍ଟ କରିପାରି ନ ଥିଲେ। ଚଳିତ ଟୁର୍ନାମେଣ୍ଟରେ କ୍ରେଗ ଫୁଲଟନଙ୍କ ଭାରତୀୟ ଦଳ ପାଇଁ ଏହା ଦ୍ୱିତୀୟ ପରାଜୟ। ଟୁର୍ନାମେଣ୍ଟର ରାଉଣ୍ଡ ରବିନ ପର୍ଯ୍ୟାୟରେ ଭାରତ ସମାନ ପ୍ରତିଦ୍ୱନ୍ଦ୍ୱୀଠାରୁ ୨-୩ ଗୋଲରେ ପରାସ୍ତ ହୋଇଥିଲା। ଦ୍ୱିତୀୟ ଥର ପାଇଁ ଏହି ସମ୍ମାନଜନକ ଟୁର୍ନାମେଣ୍ଟରେ ଭାଗ ନେଇଥିବା ବେଲଜିୟମର ଏହା ପ୍ରଥମ ସୁଲତାନ ଆଜଲାନ ଶାହା ଟାଇଟଲ। ତୃତୀୟ ଓ ଚତୁର୍ଥ ସ୍ଥାନ ଲାଗି ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୬-୧ ଗୋଲରେ ଆୟୋଜକ ମାଲେସିଆକୁ ପରାସ୍ତ କରି ପୋଡିୟମରେ ସ୍ଥାନ ହାସଲ କରିଛି। ସେହିଭଳି କାନାଡା ୫-୪ ଗୋଲରେ କୋରିଆକୁ ପରାସ୍ତ ପଞ୍ଚମ ସ୍ଥାନ ଅଧିକାର କରିଛି।

### ସୁଲତାନ ଆଜଲାନ ଶାହା ହକି

# ପରାଜୟରେ ଓଡ଼ିଶାର ହ୍ୟାଟ୍ରିକ

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ)**

ଲକ୍ଷ୍ନୌରେ ଚାଲିଥିବା ସୟଦ ମୁସ୍ତାକ ଅଲୀ ଟି୨୦ ଟୁର୍ନାମେଣ୍ଟରେ ପରାଜୟରେ ଓଡ଼ିଶା ହ୍ୟାଟ୍ରିକ କରିଛି। ପୂର୍ବରୁ କେରଳ ଓ ଆନ୍ଧ୍ର ପ୍ରଦେଶଠାରୁ ହାରିଥିବା ଓଡ଼ିଶା ରବିବାର ବିଦର୍ଭ ନିକଟରୁ ୮ ଉଇକେଟରେ ପରାସ୍ତ ହୋଇଛି। ଟପ୍ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ପରେ ସମ୍ବିତ ବରାଳଙ୍କ ୪୬ ଓ ପ୍ରୟାସ ସିଂଙ୍କ ଅପରାଜିତ ୪୦ ରନ ବଳରେ ଓଡ଼ିଶା ୨୦ ଓଭରରେ ୬ ଉଇକେଟ ହରାଇ ୧୬୦ ରନ କରିଥିଲା। ବିଦର୍ଭ ପକ୍ଷରୁ ଦର୍ଶନ ନଲକନ୍ଦେ ୨ଟି ଏବଂ ନଚିକେତ ଭୁତେ, ହର୍ଷ ଦୁବେ ଓ ଅଧ୍ୟୟନ ଡାଗା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୬୧ ରନ ବିଜୟ ଲକ୍ଷ୍ୟର ପିଛା କରି ବିଦର୍ଭ ୧୪.୫ ଓଭରରେ ମାତ୍ର ୨ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରି ନେଇଥିଲା। ଅମନ ମୋଖାଡେ ଦ୍ରୁତ ୭୩ ଓ ଧ୍ରୁବ ଶୋରେ ୬୯ ରନରେ ଅପରାଜିତ ରହି ବିଦର୍ଭକୁ ସହଜ ବିଜୟ ପ୍ରଦାନ କରିଥିଲେ। ଅସମାପ୍ତ ତୃତୀୟ ଉଇକେଟରେ ଦୁହେଁ ୧୩୯ ରନ ଯୋଗ କରିଥିଲେ। ଓଡ଼ିଶା ବୋଲରଙ୍କ ମଧ୍ୟରେ କେବଳ ରାଜେଶ ମହାନ୍ତି ୨ଟି ଉଇକେଟ ନେଇଥିଲେ। ଲଜ୍ଜାଜନକଭାବେ ହ୍ୟାଟ୍ରିକ ପରାଜୟ ଦ୍ୱାରା ଓଡ଼ିଶା ଏଲିଟ ଗ୍ରୁପ୍ 'ଏ' ଟେବୁଲର ନିମ୍ନରେ ଅପରିବର୍ତ୍ତିତ ରହିବା ସହ ରନ୍ ହାର -୨.୬୪୧କୁ ଖସି ଆସିଛି। ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂ ସବୁଥିରେ ବିଫଳତା ଯୋଗୁ ଓଡ଼ିଶା କ୍ରିକେଟ ଏହି ଲଜ୍ଜାଜନକ ସ୍ଥିତିରେ ପହଞ୍ଚିଛି।

### ସୟଦ ମୁସ୍ତାକ ଅଲୀ ଟି୨୦

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ୨୦ ଓଭରରେ ୧୬୦/୬ (ସମ୍ବିତ ବରାଳ-୪୬, ପ୍ରୟାସ ସିଂ-୪୦*, ଦର୍ଶନ ନଲକନ୍ଦେ-୨/୪୮, ନଚିକେତ ଭୁତେ-୧/୩୨, ହର୍ଷ ଦୁବେ-୧/୨୬, ଅଧ୍ୟୟନ ଡାଗା-୧/୧୨)। ବିଦର୍ଭ ୧୪.୫ ଓଭରରେ ୧୬୩/୨ (ଅମନ ମୋଖାଡେ-୭୩*, ଧ୍ରୁବ ଶୋରେ-୬୯*, ରାଜେଶ ମହାନ୍ତି-୨/୩୨)।

# ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା

- ୧୮ଅଧ୍ୟାୟରେ ରହିଛି ୭୦୦ ଶ୍ଳୋକ
- ଆଜି ହେବ ଲୋକାର୍ପିତ
- ବାନ୍ଧଶିଳ୍ପୀ ପ୍ରଫୁଲ୍ଲ ମେହେର ଓ ୨୭ ସହଯୋଗୀ ବୁଣାକାରଙ୍କୁ ଲାଗିଛି ସାଢ଼େ ୪ବର୍ଷ

**ସୋନପୁର,୩୦।୧୧(ମୃତ୍ୟୁଞ୍ଜୟ ଶତପଥୀ)**

ସୂକ୍ଷ୍ମ କାରିଗରି ପାଇଁ ସୁବର୍ଣ୍ଣପୁର ଜିଲାର ବୁଣାକାରଙ୍କ ଦେଶ ବିଦେଶରେ ସୁନାମ ରହିଛି। ସେମିତି ଜଣେ ଜାତୀୟସ୍ତରର ବାନ୍ଧଶିଳ୍ପୀ ହେଲେ ସୁବର୍ଣ୍ଣପୁର ସହର ଗୋକର୍ଣ୍ଣେଶ୍ୱର ପଡ଼ାର ପ୍ରଫୁଲ୍ଲ ମେହେର(୬୩)। ସେ ବାନ୍ଧକଳାରେ ଶ୍ରୀମଭଗବଦ୍ ଗୀତା(କାନ୍ଥ ଝୁଲଣ) ପ୍ରସ୍ତୁତ କରିଛନ୍ତି। ୧ ତାରିଖ ସୋମବାର ଗୀତା ଜୟନ୍ତୀରେ ଏହା ଲୋକାର୍ପିତ ହେବ। ସଂସ୍କୃତ ଭାଷାରେ ଭଗବଦ୍ ଗୀତାର ୧୮ଅଧ୍ୟାୟକୁ ନେଇ ପାଟ ଓ ସୂତାରେ ଲୁଗା ପ୍ରସ୍ତୁତ ହୋଇଛି। ଯେଉଁଥିରେ ଛୋଟ ଅକ୍ଷରରେ ମୋଟ ୭୦୦ଶ୍ଳୋକ ରହିଛି। ଅତି ସୂକ୍ଷ୍ମ କାରିଗରିରେ ଲୁଗା ବୁଣାଯାଇଛି। ଏହି କାନ୍ଥ ଝୁଲଣର ଲମ୍ବ ସାଢ଼େ ୧୪ ମିଟର ଏବଂ ଓସାର ୩୦ଇଞ୍ଚ। ମୋଟ ୨୭ଜଣ ସହଯୋଗୀ ବୁଣାକାରଙ୍କ ସହାୟତାରେ ପ୍ରଫୁଲ୍ଲ ରବିବାର ଏହି କାମ ସମ୍ପୂର୍ଣ୍ଣ କରିଛନ୍ତି।

ପ୍ରଫୁଲ୍ଲ କୁହନ୍ତି, ତାଙ୍କ ବାପା ସ୍ୱର୍ଗତ ଅନନ୍ତରାମ ଜଣେ ଭଗବତ୍‌ପ୍ରେମୀ। ତାଙ୍କ ପ୍ରେରଣାରୁ ସେ ଏହି କାମ କରିଛନ୍ତି। ଏଥିପାଇଁ ତାଙ୍କୁ ଅନେକ ପରିଶ୍ରମ କରିବାକୁ ପଡ଼ିଛି। ବାନ୍ଧକାମ ପାଇଁ ତାଙ୍କୁ ସାଢ଼େ ୩ବର୍ଷ ଲାଗିଥିଲା। ବାନ୍ଧ ବାନ୍ଧିବା ପାଇଁ ପ୍ରଥମେ ୮ଜଣ ଓ ପରେ ୧୨ଜଣ କୁଶଳୀ ବୁଣାକାରଙ୍କୁ ନିୟୋଜନ କରିଥିଲେ। ସୂତା ରଙ୍ଗ କରିବା ପାଇଁ ୨ଜଣ ବୁଣାକାରଙ୍କୁ ୪ମାସ ଲାଗିଥିଲା। ସେହିପରି ବାନ୍ଧ ଖୋଲିବା ପାଇଁ ୨ଜଣଙ୍କୁ ୬ମାସ ଲାଗିଛି। ୨ଟି ତନ୍ତରେ ଲୁଗା ବୁଣିବା ପାଇଁ ୩ଜଣ ବୁଣାକାର ନିୟୋଜିତ ହୋଇଥିଲେ। ଲୁଗାବୁଣା ସମ୍ପୂର୍ଣ୍ଣ ପାଇଁ ସେମାନଙ୍କୁ ୩ମାସ ସମୟ ଲାଗିଛି।

ଜିଲାର ବୀରମହାରାଜପୁର ଅଞ୍ଚଳର ବୁଣାକାର ପରିବାରରେ ଜନ୍ମିତ ପ୍ରଫୁଲ୍ଲ ପିଲାବେଳୁ ନିଜର କୌଳିକ ବୃତ୍ତି ବାନ୍ଧକଳା ପ୍ରତି ଆଗ୍ରହ ଦେଖାଇଥିଲେ। ପାଠପଢ଼ା ସରିବା ପରେ ସେ ରାଜ୍ୟ ବୟନ ଓ ହସ୍ତତନ୍ତ ବିଭାଗରେ ଚାକିରି କରିଥିଲେ। ଚାକିରି ସମୟରେ ନିଜର ପ୍ରତିଭା ପ୍ରଦର୍ଶନ କରି ସେ ୧୯୯୨ରେ ନ୍ୟାଶନାଲ ମେରିଟ୍ ପୁରସ୍କାର ପାଇଥିଲେ। ଅବସର ପରେ ପ୍ରାକୃତିକ ରଙ୍ଗସୂତାରେ ଶାଢ଼ି ବୁଣା ଉପରେ ସେ ବିଶେଷ ଗୁରୁତ୍ୱ ଦେଇ ଆସୁଛନ୍ତି। ଜଣେ ବାନ୍ଧଶିଳ୍ପୀ, ପାଟଶାଢ଼ି ଓ ୱାଲ୍ ହ୍ୟାଙ୍ଗିଂ(କାନ୍ଥ ଝୁଲଣ) ଡିଜାଇନ ପରାମର୍ଶଦାତା ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ତାଙ୍କ ଡିଜାଇନର ମା', ଆମର ମଙ୍ଗାଶାଳ ଓ ଗଞ୍ଜାପା ଶାଢ଼ି ଇତ୍ୟାଦିକୁ ପୂର୍ବରୁ ଜାତୀୟ ପୁରସ୍କାର ମିଳିଥିଲା। ନିକଟରେ ସନ୍ଥ କବୀର ପାଟଶାଢ଼ିରେ ସନ୍ଥ କବୀର ଭଳି ସର୍ବୋଚ୍ଚ ଜାତୀୟ ପୁରସ୍କାର ମିଳିଛି। ଅଷ୍ଟନାୟିକା ଶାଢ଼ିକୁ ମେରିଟ୍ ଆୱାର୍ଡ ଓ ଅନେକ ଶାଢ଼ିକୁ ମଧ୍ୟ ରାଜ୍ୟ ପୁରସ୍କାର ମିଳିସାରିଛି। ବହୁ ଚର୍ଚ୍ଚିତ ଗଣିତ ଶାଢ଼ିର ପରିକଳ୍ପନା ମଧ୍ୟ ପ୍ରଫୁଲ୍ଲ କରିଥିଲେ। ତାଙ୍କ ଡିଜାଇନ୍ ପରିକଳ୍ପନା ଓ ତତ୍ତ୍ୱାବଧାନରେ ବାନ୍ଧ, ରଙ୍ଗ ଏବଂ ବୁଣାକାମ କରି ସୁବର୍ଣ୍ଣପୁର ଜିଲାର ୨୫ ବୁଣାକାର ଜାତୀୟ ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି।



ବାନ୍ଧକଳାରେ ପ୍ରସ୍ତୁତ ଶ୍ରୀମଭଗବଦ୍ ଗୀତା।



ପ୍ରଫୁଲ୍ଲ ମେହେର ତନ୍ତରେ ଲୁଗା ବୁଣୁଛନ୍ତି।

# ୩୭ ମାଓବାଦୀଙ୍କ ଆତ୍ମସମର୍ପଣ



ଛତିଶଗଡ଼ ଦାନ୍ତେୱାଡା ଜିଲା ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ମାଓବାଦୀ।

**ମାଲକାନଗିରି,୩୦।୧୧ (ସୁଚିତ୍ରା ଦାସ)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ଦାନ୍ତେୱାଡା ଜିଲା ପୋଲିସ ନିକଟରେ ୩୭ ମାଓବାଦୀ ରବିବାର ଆତ୍ମସମର୍ପଣ କରିଛନ୍ତି। ଦାନ୍ତେୱାଡା ଜିଲା ପୋଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଡିଆଇଜି ଏବଂ ଏସ୍‌ପିଙ୍କ ନିକଟରେ ମାଓବାଦୀମାନେ ଆତ୍ମସମର୍ପଣ କରିଥିଲେ। ଏମାନଙ୍କ ମଧ୍ୟରୁ ୨୭ଜଣଙ୍କ ନାଁରେ ୬୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିବା ଜଣାପଡ଼ିଛି। ଯବାନଙ୍କ ଲଗାତାର କୋମ୍ବିଂ ଅପରେଶନ ଏବଂ ଏନ୍‌କାଉଣ୍ଟର ଯୋଗୁ ମାଓବାଦୀ ସଂଗଠନରେ ହଇଚଇ ସୃଷ୍ଟି ହୋଇଛି। ସଂଗଠନ ଦୁର୍ବଳ ହେଉଥିବାରୁ ମାଓବାଦୀମାନେ ସଂଗଠନ ଛାଡ଼ି ସରକାରଙ୍କ ଥଇଥାନ ଅଭିଯାନରେ ସାମିଲ ହେଉଛନ୍ତି। ସରକାରଙ୍କ ପକ୍ଷରୁ ୨୦୨୬ ମାର୍ଚ୍ଚ ପୂର୍ବରୁ ମାଓବାଦୀ ଆଉ ଜଙ୍ଗଲରେ ଦିଶିବେ ନାହିଁ କୁହାଯିବା ପରେ ମାଓବାଦୀମାନେ ଭୟଭୀତ ହୋଇ ଅଧିକ ମାତ୍ରାରେ ଆତ୍ମସମର୍ପଣ କରୁଥିବା ଦେଖିବାକୁ ମିଳିଛି। ସମସ୍ତ ଆତ୍ମସମର୍ପଣକାରୀଙ୍କୁ ସରକାରଙ୍କ ପକ୍ଷରୁ ୫୦ ହଜାର ଲେଖାଏ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ଦାନ୍ତେୱାଡା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।




# ମହାପ୍ରଭୁଙ୍କୁ ପ୍ରଥମ ଟିକେଟ ପ୍ରଦାନ କଲା ଓସିଏ




ଓସିଏର ସମ୍ପାଦକ ସଞ୍ଜୟ ବେହେରା ମହାପ୍ରଭୁଙ୍କୁ ନିମନ୍ତ୍ରିତ କରିବା ସହ ପ୍ରଥମ ଟିକେଟ୍ ସମର୍ପଣ କରିଛନ୍ତି।

**ପୁରୀ,୩୦।୧୧(ଅଜିତ କୁମାର ମହାନ୍ତି)**

**୯ରେ ଭାରତ-ଦକ୍ଷିଣ ଆଫ୍ରିକା ଟି୨୦ କ୍ରିକେଟ ମ୍ୟାଚ୍**

ଡିସେମ୍ବର ୯ରେ କଟକ ବାରବାଟୀ ଷ୍ଟାଡିୟମ୍‌ରେ ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ପ୍ରଥମ ଟି୨୦ କ୍ରିକେଟ ମ୍ୟାଚ୍ ଖେଳାଯିବ। ଏହାକୁ ନେଇ ସମସ୍ତଙ୍କର ଉତ୍ସାହ ଓ ଅପେକ୍ଷା ରହିଛି। ତେବେ ମ୍ୟାଚ୍ ପୂର୍ବରୁ ରବିବାର ଅପରାହ୍ନରେ ଓଡ଼ିଶା କ୍ରିକେଟ୍ ଆସୋସିଏଶନ୍ (ଓସିଏ)ର ସମ୍ପାଦକ ସଞ୍ଜୟ ବେହେରା ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ନିମନ୍ତ୍ରିତ କରିବା ସହ ପ୍ରଥମ ଟିକେଟ୍ ସମର୍ପଣ କରିଛନ୍ତି। ସେହିପରି ବେହେରା ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବାରବାଟୀରେ ଟି୨୦ ମ୍ୟାଚ୍ କିଭଳି ସୁରୁଖୁରୁରେ ସମ୍ପାଦିତ ହେବ ସେନେଇ ପ୍ରାର୍ଥନା କରିଥିବାବେଳେ ଟିମ୍ ଇଣ୍ଡିଆର ବିଜୟ କାମନା ମଧ୍ୟ କରିଛନ୍ତି। ପ୍ରଥମ ଟିକେଟ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇଥିବାବେଳେ ଦ୍ୱିତୀୟ ଟିକେଟ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ଏହି ଟିକେଟ କ୍ରୟ କରିବେ। ଟି୨୦ ମ୍ୟାଚ୍ ପାଇଁ ବାରବାଟୀ ଷ୍ଟାଡିୟମ୍‌ରେ ସମସ୍ତ ପ୍ରସ୍ତୁତି ପ୍ରାୟ ଶେଷ ହୋଇଥିବାବେଳେ ଆଉ ଯାହାକିଛି କାମ ରହିଛି, ତାହା ଦୁଇ ତିନି ଦିନ ମଧ୍ୟରେ ସରିବ। ସେହିପରି ସୋମବାରଠାରୁ ଅନ୍‌ଲାଇନରେ ଟିକେଟ୍ ବିକ୍ରି ଆରମ୍ଭ ହେବ। ଗତବର୍ଷ ଭଳି ଚଳିତଥର ବାରବାଟୀରେ ମ୍ୟାଚ୍ ସମୟରେ ଲାଇଟ୍ ସମସ୍ୟା ସୃଷ୍ଟି ହେବନାହିଁ ବୋଲି ଓସିଏ ସମ୍ପାଦକ ବେହେରା ସୂଚନା ଦେଇଛନ୍ତି।




# ଗଞ୍ଜାମରେ ଚିହ୍ନଟ ହେଲେଣି ୧୯ ହଜାର ଆକ୍ରାନ୍ତ

**ଆଜି ବିଶ୍ୱ ଏଡ୍‌ସ ଦିବସ**

- ୧୮ ବ୍ଲକ୍‌ରେ ୫୦୦ରୁ ଅଧିକ
- ୨୫ ବର୍ଷରେ ୧,୮୮୦ ଜୀବନ ଯାଇଛି

**ବ୍ରହ୍ମପୁର,୩୦।୧୧(ସୁବାସ ଚନ୍ଦ୍ର ପାଢ଼ୀ)**


ଏଡ୍‌ସ ସମ୍ପର୍କରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି। ଏହାସତ୍ତ୍ୱେ ବି ଗଞ୍ଜାମ ଜିଲାରେ ଏହି ରୋଗୀଙ୍କ ସଂଖ୍ୟା କମୁନାହିଁ। ପ୍ରତିବର୍ଷ ନୂଆ ନୂଆ ଏଚ୍‌ଆଇଭି ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସାରା ରାଜ୍ୟରୁ ଚିହ୍ନଟ ହେଉଥିବା ରୋଗୀଙ୍କ ମଧ୍ୟରୁ ସର୍ବାଧିକ ୩୦ ପ୍ରତିଶତ ରୋଗୀ ଗଞ୍ଜାମ ଜିଲାର ବୋଲି ରେକର୍ଡ କହୁଛି। ପୂର୍ବରୁ ଏହି ସଂଖ୍ୟା ୩୫ ପ୍ରତିଶତ ରହିଥିଲା। ରୋଗୀ ଚିହ୍ନଟ ସଂଖ୍ୟା ହ୍ରାସ ପାଇଥିଲେ ସୁଦ୍ଧା ଗଞ୍ଜାମ ଜିଲା ଏଚ୍‌ଆଇଭି ପଜିଟିଭ କ୍ଷେତ୍ରରେ ୧ନମ୍ବର ହେବାର ଦୁର୍ନାମ ମୁଣ୍ଡାଇ ଚାଲିଛି। ଏହାର ମୁଖ୍ୟ କାରଣ ହେଲା ଦାଦନ ସମସ୍ୟା। ଜିଲାରୁ ପ୍ରତିବର୍ଷ ହଜାର ହଜାର ଲୋକ କାମଧନ୍ଦା ଖୋଜିବାକୁ ସୁରଟ , ମୁମ୍ବାଇ, କୋଲକାତା, ବେଙ୍ଗାଲୁରୁ ଓ ଚେନ୍ନାଇ ଆଦିକୁ ଯାଉଛନ୍ତି। ବିଶେଷ କରି ଅସୁରକ୍ଷିତ ଯୌନ ସମ୍ପର୍କ ଯୋଗୁ ଏହି ରୋଗ ଅଧିକ ମାତ୍ରାରେ ବ୍ୟାପୁଥିବା ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଏଡ୍‌ସ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନ୍ୟାଶନାଲ ଏଡ୍‌ସ କଣ୍ଟ୍ରୋଲ ସୋସାଇଟି(ନାକୋ) ତରଫରୁ ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରାଯାଉଛି। ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସୋସାଇଟି ତରଫରୁ ମଧ୍ୟ ମାଗଣା ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଗଞ୍ଜାମ ଜିଲାରେ ୨୦୦୦ ମସିହାରୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ମୋଟ ୧୯,୦୪୦ ଜଣ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଥିବା ଜିଲା ଏଡ୍‌ସ ସେଲ ସୂତ୍ରରୁ ପ୍ରକାଶ। କେବଳ ଚଳିତବର୍ଷ ଅର୍ଥାତ ୨୦୨୫ ଅକ୍ଟୋବର ମାସ ସୁଦ୍ଧା ୪୬୪ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେହିପରି ୨୦୦୦ରୁ ୨୦୨୫ ଅକ୍ଟୋବର ସୁଦ୍ଧା ୧,୮୮୦ ଜଣଙ୍କର ମୃତ୍ୟୁ ଘଟିଛି। ବ୍ରହ୍ମପୁର ମହାନଗର ନିଗମ (ବିଏମସି)ରେ ରହୁଥିବା ୨୪ଜଣଙ୍କର ଏଡ୍‌ସରେ ଜୀବନ ଯାଇଛି। ଚଳିତ ବର୍ଷ ଜିଲାରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ଏଡ୍‌ସ ସେଲ ତରଫରୁ ସୂଚନା ମିଳିଛି।

**ଗତ ୯ ବର୍ଷରେ ଚିହ୍ନଟ ରୋଗୀ ସଂଖ୍ୟା**

| ବର୍ଷ | ଟେଷ୍ଟ | ପଜିଟିଭ |
|---|---|---|
| ୨୦୧୭ | ୧୩୪୦୧୬ | ୬୫୯ |
| ୨୦୧୮ | ୧୨୬୨୩୯ | ୬୭୧ |
| ୨୦୧୯ | ୧୨୫୮୯୨ | ୬୭୭ |
| ୨୦୨୦ | ୧୦୭୮୪୯ | ୩୯୮ |
| ୨୦୨୧ | ୧୨୮୭୫୬ | ୪୩୦ |
| ୨୦୨୨ | ୧୪୫୯୬୫ | ୫୧୪ |
| ୨୦୨୩ | ୨୨୦୧୭୩ | ୪୨୫ |
| ୨୦୨୪ | ୨୦୯୮୦୭ | ୫୩୩ |
| ୨୦୨୫ (ଅକ୍ଟୋବର ସୁଦ୍ଧା) | ୨୧୭୯୪୧ | ୪୬୪ |


ଗତ ୨୦୦୦ରୁ ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ମୋଟ ୨୨ ଲକ୍ଷ ୬୧ ହଜାର ୮୦୫ ଜଣଙ୍କ କାଉନ୍‌ସେଲିଂ କରାଯାଇ ୨୧ଲକ୍ଷ ୦୧ ହଜାର ୫୪୧ ଜଣଙ୍କ ଏଚଆଇଭି ପରୀକ୍ଷା କରାଯାଇଛି। ତନ୍ମଧ୍ୟରୁ ମୋଟ ୧୯୦୪୦ ଜଣଙ୍କ ରକ୍ତ ନମୁନାରେ ଏଚଆଇଭି ପଜିଟିଭ ଆସିଥିବା ଏଡ୍‌ସ ସେଲ୍‌ର ଅଧିକାରୀ ରାଜେନ୍ଦ୍ର ମହାରଣା ସୂଚନା ଦେଇଛନ୍ତି। ୨୦୩୦ ସୁଦ୍ଧା ଜିଲାକୁ ଏଡ୍‌ସମୁକ୍ତ ଜିଲା କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି। ବିଶେଷକରି ୧୭ରୁ ୨୫ ବର୍ଷର ଯୁବପିଢ଼ି ଏ ଦିଗରେ ସଚେତନ ରହିବା ସହ ଜନସାଧାରଣଙ୍କୁ ସଚେତନ କରିବା ଆବଶ୍ୟକ ରହିଛି। ଚଳିତବର୍ଷ ଅକ୍ଟୋବର ସୁଦ୍ଧା ଜିଲାରେ ୨୪ଜଣ ଗର୍ଭବତୀ ଏଡ୍‌ସ ପଜିଟିଭ ଚିହ୍ନଟ ହୋଇଛନ୍ତି। ୨୦୦୦ ମସିହାରୁ ଗତ ଅକ୍ଟୋବର ସୁଦ୍ଧା ଗର୍ଭବତୀ ପଜିଟିଭ ସଖ୍ୟା ୧୦୭୭ ରହିଛି। ଏଡ୍‌ସ ରୋଗୀଙ୍କୁ ଚିକିତ୍ସା ସୁବିଧା ପ୍ରଦାନ ପାଇଁ ଏମ୍‌କେସିଜି ବଡ଼ ଡାକ୍ତରଖାନା ଓ ଭଞ୍ଜନଗର ମେଡିକାଲରେ ଏଆର୍‌ଟି ସେଣ୍ଟର୍ ରହିଛି। ସେହିପରି ଆସିକା, ପୋଲସରା ଓ ଖଲ୍ଲିକୋଟ ଭଳି ବ୍ଲକରେ ଲିଙ୍କ ଏଆର୍‌ଟି ସେଣ୍ଟର୍ ରହିଛି। ସେଠାରେ ରୋଗୀଙ୍କୁ କାଉନ୍‌ସେଲିଂ କରି ଔଷଧ ପ୍ରଦାନ ବ୍ୟବସ୍ଥା କରାଯାଇଛି। ଜିଲାର ୧୮ଟି ବ୍ଲକ ଓ ବ୍ରହ୍ମପୁର ସହରରେ ଏଡ୍‌ସ ରୋଗୀଙ୍କ ସଖ୍ୟା ୫୦୦ରୁ ଅଧିକ ରହିଛି। ପୋଲସରା ବ୍ଲକରେ ୨୦୦୦ରୁ ୨୦୨୫ ଅକ୍ଟୋବର ସୁଦ୍ଧା ସର୍ବାଧିକ ୧୩୫୪ ରୋଗୀ ଚିହ୍ନଟ ହୋଇଥିବା ବେଳେ ଆସିକାରେ ୧୨୫୦ ଜଣ, ବେଗୁନିଆପଡ଼ାରେ ୧୨୨୩, ପୁରୁଷୋତ୍ତମପୁରରେ ୧୧୮୯ ଏଚଆଇଭି ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ଖଲ୍ଲିକୋଟରେ ୧୦୦୪, ହିଞ୍ଜିଳିକାଟୁରେ ୯୨୭, କବିସୂର୍ଯ୍ୟନଗରରେ ୮୬୦, ରଙ୍ଗେଇଲୁଣ୍ଡା ୮୦୩, ବେଲଗୁଣ୍ଠାରେ ୮୦୦ ଶେରଗଡ଼ରେ ୭୬୨, ଭଞ୍ଜନଗରରେ ୭୨୨, ଛତ୍ରପୁରରେ ୬୭୪, ବୁଗୁଡାରେ ୬୨୩, ସୋରଡା ୫୦୫, ଦିଗପହଣ୍ଡିରେ ୬୫୭, ଧରାକୋଟରେ ୫୭୪, ସାନଖେମୁଣ୍ଡିରେ ୬୦୪, କୁକୁଡାଖଣ୍ଡିରେ ୬୬୦ ଓ ବ୍ରହ୍ମପୁର ମହାନଗରରେ ୧୦୮୬ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି।









# କୋହଲିଙ୍କ ଶତକ: ଭାରତ ବିଜୟୀ

**ରାଞ୍ଚି, ୩୦।୧୧**

ବିରାଟ କୋହଲିଙ୍କ ଶତକ ବଳରେ ଭାରତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଖେଳାଯାଇଥିବା ରୋମାଞ୍ଚପୂର୍ଣ୍ଣ ପ୍ରଥମ ଦିନିକିଆ ମ୍ୟାଚ୍‌କୁ ୧୭ ରନରେ ଜିତି ନେଇଛି। ଏହି ମ୍ୟାଚ୍‌ରେ ପୂର୍ବତନ ଭାରତୀୟ ଅଧିନାୟକ ରୋହିତ ଶର୍ମା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରେ ସର୍ବାଧିକ ସଂଖ୍ୟକ ଛକା ମାରିବାର ରେକର୍ଡ କରିଛନ୍ତି। ଏହି ବିଜୟ ସହ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ଭାରତ ୧-୦ରେ ଆଗରେ ରହିଛି। ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତା ୩ ତାରିଖରେ ରାୟପୁରରେ ଖେଳାଯିବ।

ଭାରତୀୟ ଦଳ ପାଇଁ ଯଶସ୍ୱୀ ଜୟସ୍ୱାଲ ଓ ରୋହିତ ଶର୍ମା ଓପନିଂ କରିଥିଲେ। ଆରମ୍ଭରୁ ଜୟସ୍ୱାଲ (୧୮) ଆଉଟ୍ ହୋଇଥିଲେ। ତାଙ୍କ ବଦଳରେ ନଂ-୩ ପୋଜିଶନରେ କ୍ରିଜ୍‌କୁ ଆସିଥିବା ବିରାଟ କୋହଲି ରୋହିତଙ୍କ ସହ ମିଶି ଦ୍ୱିତୀୟ ଉଇକେଟରେ ୧୩୬ ରନର ପାର୍ଟନରଶିପ୍ କରିଥିଲେ। ଦୁହିଁଙ୍କର ଏହା ଲଗାତର ଦ୍ୱିତୀୟ ଶତକୀୟ ପାର୍ଟନରଶିପ୍ ଥିଲା। ଅର୍ଦ୍ଧଶତକ ପୂରଣ କରିବା ପରେ ରୋହିତ (୫୭ ରନ, ୫ ଚୌକା ଓ ୩ ଛକା) ପୁଲ ଶଟ୍ ଖେଳିବାକୁ ଏଲ୍‌ବିଡବ୍ଲ୍ୟୁ ଆଉଟ୍ ହୋଇଥିଲେ। ମଧ୍ୟକ୍ରମରେ ଋତୁରାଜ ଗାଏକ୍‌ୱାଡ (୮) ଓ ୱାଶିଂଟନ ସୁନ୍ଦର (୧୩) ବିଫଳ ହୋଇଥିଲେ। ଏହାପରେ କୋହଲିଙ୍କ ସହ ଅଧିନାୟକ ଲୋକେଶ ରାହୁଲ ପଞ୍ଚମ ଉଇକେଟରେ ୭୬ ରନ ଯୋଡ଼ିଥିଲେ। କୋହଲି ଶତକ ପୂରଣ କରିବା ପରେ ପାଭିଲିଅନ ଫେରିଥିଲେ। ସେ ୧୨୦ ବଲରେ ୧୧ ଚୌକା ଓ ୭ ଛକା ସହିତ ୧୩୫ ରନ କରିଥିଲେ। ଶେଷ ଆଡ଼କୁ ରାହୁଲ ଓ ରବୀନ୍ଦ୍ର ଜାଡେଜା ଷଷ୍ଠ ଉଇକେଟରେ ୬୫ ରନ ଯୋଡ଼ି ଦଳୀୟ ସ୍କୋରକୁ ୩୪୦ ଅତିକ୍ରମ କରାଇଥିଲେ। ହେଲେ ଅନ୍ତିମ ୨ ଓଭରରେ ଦଳ ୩ ଉଇକେଟ ହରାଇବାରୁ ନିର୍ଦ୍ଧାରିତ ୫୦ ଓଭରରେ ଭାରତ ୮ ଉଇକେଟ ହରାଇ ୩୪୯ ରନ କରିଥିଲା। ଅଧିନାୟକ ରାହୁଲ ୬୦ (୨ ଚୌକା ଓ ୩ ଛକା) ଓ ରବୀନ୍ଦ୍ର ଜାଡେଜା ୩୨ (୨ ଚୌକା ଓ ୧ ଛକା) ରନ କରିଥିଲେ। ଜବାବରେ ଭ୍ରମଣକାରୀ ଦ. ଆଫ୍ରିକା ଆରମ୍ଭରୁ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଦଳ ମାତ୍ର ୧୧ ରନ ମଧ୍ୟରେ ୩ ଉଇକେଟ ହରାଇଥିଲା। ଏଭଳି ପରିସ୍ଥିତିରେ ମାଥ୍ୟୁ ବ୍ରିଜକେ ଓ ଡେୱାଲ୍ଡ ବ୍ରେଭିସ ପଞ୍ଚମ ଉଇକେଟରେ ୫୩ ରନ ଯୋଡ଼ିଥିଲେ। ବ୍ରେଭିସ (୩୭ ରନ, ୨ ଚୌକା ଓ ୩ ଛକା) ହର୍ଷିତ ରାଣାଙ୍କ ବଲରେ ଆଉଟ୍ ହୋଇଥିଲେ। ଏହାପରେ ବ୍ରିଜକେଙ୍କ ସହ ମିଶି ମାର୍କୋ ଜାନସେନ ଷଷ୍ଠ ଉଇକେଟରେ ୬୯ ବଲରେ ୯୭ ରନ ଯୋଡ଼ି ଦକ୍ଷିଣ ଆଫ୍ରିକା ଲାଗି ବିଜୟ ସମ୍ଭାବନା ସୃଷ୍ଟି କରିଥିଲେ। ହେଲେ କୁଲଦୀପ ଯାଦବ ୩ ବଲ ବ୍ୟବଧାନରେ ଦୁଇ ସେଟ୍ ବ୍ୟାଟରଙ୍କୁ ଆଉଟ୍ କରିଥିଲେ। ଜାନସେନ ୩୯ ବଲରେ ୭୦ (୮ ଚୌକା ଓ ୩ ଛକା) ଓ ବ୍ରିଜକେ ୭୨ (୮ ଚୌକା ଓ ୧ ଛକା) ରନ କରି ଆଉଟ୍ ହୋଇଥିଲେ। ଶେଷ ଆଡ଼କୁ କର୍ବିନ ବୋଶ୍ଚ (୬୭ ରନ୍, ୫ ଚୌକା ଓ ୪ ଛକା) ଏକାକୀ ଲଢ଼େଇ କରିଥିଲେ। ହେଲେ ତାହା ଯଥେଷ୍ଟ ସାବ୍ୟସ୍ତ ହୋଇ ନ ଥିଲା। ଦକ୍ଷିଣ ଆଫ୍ରିକା ୪୯.୨ ଓଭରରେ ୩୩୨ ରନରେ ଅଲଆଉଟ୍ ହୋଇଯାଇଥିଲା।



ସୁରକ୍ଷା ବଳୟ ଭାଙ୍ଗି କୋହଲିଙ୍କ ପାଦ ଛୁଇଁବାକୁ ପଡ଼ିଆକୁ ପ୍ରବେଶ କରିଥିବା ଜଣେ ଦର୍ଶକ।

### ସଚିନଙ୍କୁ ଟପିଲେ କୋହଲି

ଭାରତର ଷ୍ଟାର ବ୍ୟାଟର ବିରାଟ କୋହଲି ରବିବାର ଦିନିକିଆ କ୍ୟାରିୟରର ୫୨ତମ ଶତକ ହାସଲ କରିଛନ୍ତି। ଏଥିସହିତ ସେ କ୍ରିକେଟର ଆଇକନ ସଚିନ ତେନ୍ଦୁଲକରଙ୍କୁ ଅତିକ୍ରମ କରିଛନ୍ତି। ତେନ୍ଦୁଲକରଙ୍କ ନାମରେ ୫୧ ଟେଷ୍ଟ ଶତକ ରହିଥିବା ବେଳେ କୋହଲି ବିଶ୍ୱର ପ୍ରଥମ କ୍ରିକେଟର ଭାବେ ଅନ୍ତର୍ଜାତୀୟ କ୍ରିକେଟ୍‌ର ଏକ ଫର୍ମାଟରେ ୫୧ରୁ ଅଧିକ ଶତକ କରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଭାରତ: ୫୦ ଓଭରରେ ୩୪୯/୮ (ବିରାଟ କୋହଲି-୧୩୫, ଲୋକେଶ ରାହୁଲ-୬୦, ରୋହିତ ଶର୍ମା-୫୭, ଓଟ୍‌ନିଲ ବାର୍ଟମାନ-୨/୬୦, ନାନ୍ଦ୍ରେ ବର୍ଗର-୨/୬୫)। ଦକ୍ଷିଣ ଆଫ୍ରିକା: ୪୯.୨ ଓଭରରେ ୩୩୨/ଅଲଆଉଟ୍ (ମାଥ୍ୟୁ ବ୍ରିଜକେ-୭୨, ମାର୍କୋ ଜାନସେନ-୭୦, କର୍ବିନ ବୋଶ୍ଚ-୬୭, କୁଲଦୀପ ଯାଦବ-୪/୬୮, ହର୍ଷିତ ରାଣା-୩/୬୫)।

## ଆଇକନିକ୍ ଇଣ୍ଡିଆ ଓପନ୍ ଗେଟ୍‌ବଲ ଉଦ୍‌ଘାଟିତ



ଉଦ୍‌ଘାଟନୀ ସମାରୋହରେ ଖେଳାଳିଙ୍କ ଗହଣରେ ଅତିଥିବୃନ୍ଦ। (ଫଟୋ: ବିକାଶ ନାୟକ)

**ଭୁବନେଶ୍ୱର, ୩୦।୧୧ (ତପନ ସ୍ୱାଇଁ)**

ଆଇକନିକ୍ ସ୍ପୋର୍ଟ୍ସ ଫେଡେରେଶନ୍ (ଆଇଏସ୍ଏଫ୍) ଓ ଇଣ୍ଡିଆନ୍ ଗେଟ୍‌ବଲ ୟୁନିଅନ୍ (ଆଇଜିୟୁ)ର ମିଳିତ ଉଦ୍ୟମରେ 'ଆଇକନିକ୍ ଇଣ୍ଡିଆ ଅନ୍ତର୍ଜାତୀୟ ଓପନ ଗେଟ୍‌ବଲ ଟୁର୍ନାମେଣ୍ଟ ରବିବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ, ମନ୍ତ୍ରୀ ରବିନାରାୟଣ ନାୟକ, ସାଂସଦ ରବୀନ୍ଦ୍ର ନାରାୟଣ ବେହେରା ଓ ଭାଜପା ମିଡିଆ ସେଲ୍ ଅଧ୍ୟକ୍ଷ ସୁଜିତ ଦାସ ପ୍ରମୁଖ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ଆଇଏସ୍ଏଫ୍‌ର ଚିଦାତ୍ମିକା ଖଟୁଆ, ସଞ୍ଜୟ ଚୌଧୁରୀ, ଶେଖ ଅବଦୁଲ ସମିମ, ପ୍ରଦୀପ୍ତ ମହାନ୍ତି ଓ କାର୍ଯ୍ୟକାରୀ ସଭାପତି ତାରିଣୀ ପ୍ରସାଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଆଇଜିୟୁ ପକ୍ଷରୁ ଉମାକାନ୍ତ ପାଣି ଓ ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ତାଇୱାନ୍ ଓ ଇଣ୍ଡୋନେସିଆର ଅଧିକାରୀ ଓ ଖେଳାଳିମାନଙ୍କ ସହ ୧୮ ରାଜ୍ୟରୁ ୨୦୦ ଜଣ ଭାରତୀୟ ଖେଳାଳି ଅଂଶଗ୍ରହଣ କରୁଛନ୍ତି। ଆଇଏସ୍ଏଫ୍ କାନାଡାରେ ଅନ୍ତର୍ଜାତୀୟ ଗେଟ୍‌ବଲ ଲିଗ୍ ଆରମ୍ଭ କରିବାକୁ ଯାଉଛି। ଭାରତକୁ କ୍ରୀଡ଼ାରେ ଗ୍ଲୋବାଲ୍ ଆଇକନ୍ କରିବା ଆମର ଲକ୍ଷ୍ୟ ବୋଲି ଆଇଏସ୍ଏଫ୍‌ର ନିର୍ଦ୍ଦେଶକ ସଞ୍ଜୟ ଚୌଧୁରୀ ପ୍ରକାଶ କରିଛନ୍ତି।


ଗ୍ୟାସ୍ ଓ ଏସିଡ଼ିଟି ପାଇଁ ଚିନ୍ତିତ କି ?

ଶିବାଷ୍ଟକ ଚୂର୍ଣ୍ଣ

ଏହା ବ୍ୟବହାର କଲେ ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା ଅଜୀର୍ଣ୍ଣ କୋଷ୍ଠକାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ




FAST RELIEF FROM ACIDITY, INDIGESTION & CONSTIPATION

ଯଦ୍ରୁଦମନ ଯାଦୁ ମଲମ
(ଯାଦୁ ପାଇଁ ବେଷ୍ଟ)

ଓଡ଼ିଶା ଆୟୁର୍ବେଦ ଭବନ, କଲେଜ ଛକ, କଟକ
Contact:9437883226

DSPL-387



Shri Narendra Modi
Prime Minister

GOVERNMENT OF ODISHA

GLOBAL ENERGY LEADERS' SUMMIT PURI 2025
Sufficiency | Balance | Innovation



Shri Mohan Charan Majhi
Chief Minister, Odisha

Powering States to Energise India

Bringing Together

Union Ministers | State Energy Ministers | Union & State Secretaries
Policymakers & Global Leaders | Researchers & Think Tanks
Innovators & Technology Pioneers

5-7 December 2025

www.gelsodisha2025.com

PARTNERS

INDIAN INSTITUTE OF TECHNOLOGY, KANPUR

TONY BLAIR INSTITUTE FOR GLOBAL CHANGE




OIPR-04001/13/0021/2526

EnergyDepartment.Odisha

Energy Department, Govt. of Odisha

EnergyOdisha



4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ